

ଆର୍ଯ୍ୟନଙ୍କ ମାଷ୍ଟର୍ ପ୍ଲାନ୍

▶ପୃଷ୍ଠା 9 ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-137 ♦THURSDAY ♦13 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୩୭ ♦ଗୁରୁବାର ♦୧୩ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

## ୧୦/୧୧ ବିସ୍ଫୋରଣ

# ୩୭ ଦିନର ଷଡ଼ଯନ୍ତ୍ର

## ବିବାହ କାର୍ଯ୍ୟକ୍ରମରେ ଗଠନ ହୋଇଥିଲା ଆତଙ୍କୀ ଗ୍ରୁପ୍





ଏଲ୍ଏନ୍ଜେପି ହସ୍ପିଟାଲ୍‌ରେ ଆହତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

## ବିସ୍ଫୋରଣକୁ ନିନ୍ଦା କରି କେନ୍ଦ୍ର କ୍ୟାବିନେଟରେ ପ୍ରସ୍ତାବ ଗୃହୀତ

■ **ନୂଆଦିଲ୍ଲୀ, ୧୨ା୧୧ (ଏଜେନ୍ସି):** ଦିଲ୍ଲୀର ଲାଲକିଲ୍ଲା ବିସ୍ଫୋରଣ (୧୦/୧୧) ଘଟଣାକୁ 'ଆତଙ୍କୀ ଆକ୍ରମଣ' ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ସରକାର। ଏହି ଘଟଣା ପଛରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ)ର 'ନୂଆ ହ୍ୱାଇଟ କଲାର ଟେରର ମଡ୍ୟୁଲୋ'ର ପର୍ଦ୍ଦାଫାସ ହୋଇଛି। ଏହି ମଡ୍ୟୁଲ୍‌ରେ ପେଶାଦାର ଡାକ୍ତର ସାମିଲ ଥିବା ସହ ପାକିସ୍ତାନୀ ହ୍ୟାଣ୍ଡଲର୍ସ ସହ ଯୋଗାଯୋଗରେ ଥିଲେ। ହରିୟାଣାର ଫରିଦାବାଦ, ଜମ୍ମୁ-କଶ୍ମୀରର ପୁଲୱାମା ଏବଂ ଉତ୍ତର ପ୍ରଦେଶର ସାହାରନପୁର ସହିତ ଅନେକ ଅଞ୍ଚଳରେ ଏହି ମଡ୍ୟୁଲ୍ କାମ କରୁଥିଲା।

ବୁଧବାର ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୦/୧୧ ବିସ୍ଫୋରଣକୁ ନିନ୍ଦା କରାଯାଇ ପ୍ରସ୍ତାବ ଗୃହିତ ହୋଇଛି। ଏହି ବିସ୍ଫୋରଣକୁ ଅତ୍ୟନ୍ତ ଘୃଣ୍ୟ ଏବଂ କାପୁରୁଷତାପୂର୍ଣ୍ଣ ବୋଲି ବର୍ଣ୍ଣନା କରାଯିବା ସହ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ଆପଣାଇବାର ନୀତି ପ୍ରତି ଭାରତର ଅଟଳ ପ୍ରତିବଦ୍ଧତାକୁ ପୁଣି ଦୋହରାଇଛନ୍ତି ସରକାର। ଆକ୍ରମଣକୁ ବିଶ୍ୱର ଅନେକ ସରକାରଙ୍କ ନିନ୍ଦା ଏବଂ ସମର୍ଥନପୂର୍ଣ୍ଣ ବିବୃତିକୁ କ୍ୟାବିନେଟ୍ ମଧ୍ୟ ପ୍ରଶଂସା କରିଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଅଭିଯୁକ୍ତ ଏବଂ ସେମାନଙ୍କ ପ୍ରାୟୋଜକମାନଙ୍କୁ ଚିହ୍ନଟ କରାଯାଇ ଅବିଳମ୍ବେ ଦଣ୍ଡ ଦେବାକୁ ସୁରକ୍ଷା ଏଜେନ୍ସିଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ସରକାର ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି।

■ ଘଟଣା ସହ ଜଡ଼ିତ ଥିଲେ ପାକିସ୍ତାନୀ ହ୍ୟାଣ୍ଡଲର୍

■ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା କମିଟି ବୈଠକ

■ ଘଟଣାକୁ 'ଆତଙ୍କୀ ଆକ୍ରମଣ' ଘୋଷଣା କଲା କେନ୍ଦ୍ର

ଦିଲ୍ଲୀ ବିସ୍ଫୋରଣର ୩୭ ଦିନ ପୂର୍ବରୁ ଅକ୍ଟୋବର ୪ରେ ଏଥିସହିତ ସମ୍ପୃକ୍ତ ଗୋଷ୍ଠୀ ସକ୍ରିୟ ହୋଇଥିଲା। ସାହରନପୁରର ଏକ ବିବାହରେ ସବୁ ଆତଙ୍କୀ ଏକତ୍ରିତ ହୋଇ ଟେଲିଗ୍ରାମ୍ ଆପ୍‌ରେ ଏକ ଗ୍ରୁପ୍ ଆରମ୍ଭ କରିଥିଲେ। ଏହା ପରେ ସେନାକୁ ଧମକାଉଥିବା ପୋଷ୍ଟର, ଅସ୍ତ୍ରଶସ୍ତ୍ର, ବିସ୍ଫୋରକ ଏବଂ ପାଣ୍ଠି ସଂଗ୍ରହ ପାଇଁ ନେଟୱର୍କ ପ୍ରସ୍ତୁତ କରାଯାଇଥିଲା। ପ୍ରଥମ ଥର ପାଇଁ ଅକ୍ଟୋବର ▶ପୃଷ୍ଠା-୭

## ଟାର୍ଗେଟ୍ ଥିଲା ଡିସେମ୍ବର ୬

ଦିଲ୍ଲୀ ବିସ୍ଫୋରଣ ତଦନ୍ତରୁ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ବିସ୍ଫୋରକ ଭର୍ତ୍ତି କାର୍ ଚଲାଇ ନିଜକୁ ଲାଲକିଲ୍ଲା ନିକଟରେ ବିସ୍ଫୋରଣରେ ଉଡ଼ାଇ ଦେଇଥିବା ଡ. ଉମର ନବି ଲିଙ୍କ ଆଫଗାନିସ୍ତାନ ଏବଂ ତୁର୍କୀକୁ ଲମ୍ବିଛି। ସେହିପରି ସେ ଡିସେମ୍ବର ୬ରେ ସିରିଜ୍ ବିସ୍ଫୋରଣ କରିବାକୁ ଚାହୁଁଥିଲା; କାରଣ ଏହି ଦିନ ବାବ୍ରୀ ମସ୍‌ଜିଦ ଧ୍ୱଂସ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ସେ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିଥିଲା। କିନ୍ତୁ ୩ ଡାକ୍ତରଙ୍କ ସହ ବିସ୍ଫୋରକ ଜବତ ହେବା ପରେ ବିଚଳିତ ହୋଇ ସେ ଲାଲ୍‌କିଲ୍ଲାରେ ବିସ୍ଫୋରଣ ଘଟାଇଥିବା କୁହାଯାଉଛି।

**ବାହାରିଲା ତୁର୍କୀ, ଆଫଗାନିସ୍ତାନ ସହ ଉମର୍‌ର ଲିଙ୍କ୍**

ଦିଲ୍ଲୀ ପୁଲିସର ସୂଚନା ଅନୁଯାୟୀ ଉମର୍‌ର ବିଦେଶୀ ଲିଙ୍କ୍ ସାମ୍ନାକୁ ଆସିଛି। ତୁର୍କୀ ଏବଂ ଆଫଗାନିସ୍ତାନର ନଙ୍ଗରହାରରେ ଥିବା ହ୍ୟାଣ୍ଡଲରଙ୍କ ସହ ନବି ଯୋଗାଯୋଗରେ ଥିଲା। ଡ. ମୁଜାମିଲ ଏବଂ ଡ. ଉମର୍‌ର ପାସପୋର୍ଟରୁ ଏହି ଦୁଇଜଣ ତୁର୍କୀ ଗସ୍ତ କରିଥିବାର ପ୍ରମାଣ ମିଳିଛି। ତୁର୍କୀ ଏବଂ ନଙ୍ଗରହାରରେ ବସିଥିବା ଆତଙ୍କବାଦୀଙ୍କ ସଙ୍କେତରେ ଏହି ଆକ୍ରମଣ ହୋଇଥିଲା ବୋଲି କୁହାଯାଉଛି। ଏହି ହ୍ୟାଣ୍ଡଲରମାନେ କ୍ରମାଗତ ଭାବେ ଉମର୍ ସହ ଯୋଗାଯୋଗରେ ଥିଲେ। ଏହି ଡାକ୍ତର ମଡ୍ୟୁଲୋ ବିଷୟରେ ଉଭୟେ ତାଙ୍କ ହ୍ୟାଣ୍ଡଲରଙ୍କୁ ସୂଚନା ଦେଉଥିଲେ। ନିର୍ଦ୍ଦିଷ୍ଟ ଆପ୍ ଜରିଆରେ ହ୍ୟାଣ୍ଡଲର୍‌ମାନଙ୍କ ସହ ଯୋଗାଯୋଗ କରାଯାଉଥିଲା।

### ବିହାର ନିର୍ବାଚନ ଏକ୍‌ଜିଟ୍ ପୋଲ୍‌କୁ ନେଇ ସଂଶୟ

## ୭ ନିର୍ବାଚନ; ୬ଟିରେ ଆକଳନ ଭୁଲ୍



■ **ନୂଆଦିଲ୍ଲୀ, ୧୨ା୧୧ (ସମିସ):** ଗତକାଲି ବିହାରରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ପ୍ରାୟ ସମସ୍ତ ଏକଜିଟ୍ ପୋଲ ଏନ୍‌ଡ଼ିଏ ସପକ୍ଷରେ ମତ ଦେଇଛନ୍ତି। ସମସ୍ତ ଏକ୍‌ଜିଟ୍ ପୋଲକୁ ନେଇ କରାଯାଇଥିବା ପୋଲ୍ ଅଫ୍ ଦି ପୋଲରେ ଏନ୍‌ଡ଼ିଏ ୧୪୮ ଓ ମହାଗଠବନ୍ଧନକୁ ୮୮ ଆସନ ମିଳିପାରେ ବୋଲି କୁହାଯାଇଛି। ଅନ୍ୟ ରାଜନୈତିକ ଦଳ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ଖାତାରେ ୭ଟି ଆସନ ପଡ଼ିପାରେ ବୋଲି ଏଥିରେ ଉଲ୍ଲେଖ ରହିଛି । ସେହିପରି ମୋଟ ଭୋଟର ସର୍ବାଧିକ ୪୩% ଏନ୍‌ଡ଼ିଏ ସପକ୍ଷରେ ଓ ୪୧% ମହାଗଠବନ୍ଧନ ସପକ୍ଷରେ ଆସିପାରେ ବୋଲି ଏଥିରେ କୁହାଯାଇଛି। ଯାହାକୁ ନେଇ ବିଜେପି ନେତୃତ୍ୱାଧୀନ ଏନ୍‌ଡ଼ିଏ ବେଶ୍ ଉତ୍ସାହିତ ହୋଇଥିବାବେଳେ ମହାଗଠନବନ୍ଧନ ଏହି ଏକ୍‌ଜିଟ୍ ପୋଲକୁ 'ଫେକ୍‌ଜିଟ୍ ପୋଲ୍' ବୋଲି ଅଭିହିତ କରିଛି। ମାତ୍ର ଏକଜିଟ୍ ପୋଲର ଇତିହାସ ଦେଖିଲେ ଗତ ୧୮ ମାସ ମଧ୍ୟରେ ଦେଶରେ ଅନୁଷ୍ଠିତ ୭ଟି ନିର୍ବାଚନ ମଧ୍ୟରୁ ୬ଟି ଭୁଲ ସାବ୍ୟସ୍ତ ହୋଇଛି। ସବୁଠାରୁ କୌତୂହଳର ବିଷୟ ହେଉଛି ବିହାରରେ ଗତ ୪ଟି ନିର୍ବାଚନରେ ଏକଜିଟ୍ ପୋଲ ମଧ୍ୟରୁ ୩ଟି ସମ୍ପୂର୍ଣ୍ଣ ଭୁଲ ହୋଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୧୪ ତାରିଖରେ ଭୋଟଗଣନା ଉପରେ

**ବିହାରରେ ୪ଟି ନିର୍ବାଚନରେ ସଠିକ ହୋଇନାହିଁ ଏକଜିଟ୍ ପୋଲ୍**

**ଏନ୍‌ଡିଏ ଜିତିଲେ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ନୀତୀଶ କୁମାର!**

ସମସ୍ତଙ୍କର ନଜର ରହିଛି। ଯଦି ଏନ୍‌ଡିଏ ବିଜୟୀ ହୁଏ ନୀତୀଶ ପୁନର୍ବାର ଅର୍ଥାତ୍ ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଇ ପାରନ୍ତି। ଏକ୍‌ଜିଟ୍ ପୋଲ ଆସିବା ପରେ ବିହାରରେ ଏବେ 'ପଚିଶ୍ ସେ ତିଶ୍, ଫିର ସେ ନୀତିଶ' ସ୍ଲୋଗାନ ▶ପୃଷ୍ଠା-୭

## ନୂଆପଡ଼ାରେ ରେକର୍ଡ ୮୩.୪୫% ମତଦାନ

■ **ଭୁବନେଶ୍ୱର, ୧୨ା୧୧ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଐତିହାସିକ ୮୩.୪୫ ପ୍ରତିଶତ ମତଦାନ ହୋଇଛି। ଯାହା ପୂର୍ବ ନିର୍ବାଚନ ତୁଳନାରେ ପାଖାପାଖି ୧୦ ପ୍ରତିଶତ ଅଧିକ ଅଟେ। ବିଶେଷକରି ମହିଳା ମତଦାତାଙ୍କ ଅଂଶଗ୍ରହଣ ପୁରୁଷଙ୍କୁ ଅତିକ୍ରମ କରିଛି, ଯାହା ଏକ ସୁସ୍ଥ ସମାଜ ଓ ଉତ୍ତମ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ମତଦାନ ଦିନ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆସିଥିବା ଅଭିଯୋଗକୁ ଖଣ୍ଡନ କରିବା ସହ ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି ବୋଲି କହିଛନ୍ତି।

ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ କହିଛନ୍ତି ଯେ ଦେଶର ଅନ୍ୟ ୮ଟି ବିଧାନସଭା ମଣ୍ଡଳୀରେ ସମାନ ସମୟରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା ବେଳେ ନୂଆପଡ଼ାରେ ଅନ୍ୟ ଉପନିର୍ବାଚନ ତୁଳନାରେ ସର୍ବାଧିକ ମତଦାନ ରେକର୍ଡ କରାଯାଇଛି। ଯାହା ଏଠାକାର ମତଦାତାମାନଙ୍କ ଲୋକତନ୍ତ୍ର ପ୍ରତି ଥିବା ଅହେତୁକ ଆସ୍ଥା ଓ ବିଶ୍ୱାସକୁ ପ୍ରମାଣ କରୁଛି। ଆସନ୍ତା ୧୪ ତାରିଖରେ ଉପ ନିର୍ବାଚନ ଫଳାଫଳ ପାଇଁ ଭୋଟ ଗଣନା ହେବ ଓ ଏଥିପାଇଁ ମତଗଣନା ଟେବୁଲ, ପର୍ଯ୍ୟବେକ୍ଷକ ନିଯୁକ୍ତି, ସିସିଟିଭି ନିରୀକ୍ଷଣର ବ୍ୟବସ୍ଥା ଓ ଷ୍ଟ୍ରଙ୍ଗରୁମର ପର୍ଯ୍ୟବେକ୍ଷଣ କରାଯାଇସାରିଛି । ସେହିପରି ମତଦାନ ବେଳେ ଆସିଥିବା ବିଭିନ୍ନ ଅଭିଯୋଗ ଉପରେ ମଧ୍ୟ ସେ ସ୍ପଷ୍ଟୀକରଣ ରଖିଛନ୍ତି। କୋମନା ବ୍ଲକ ଅଧୀନ ବୁଥ୍ ନମ୍ବର ୩୫୧ ସିଙ୍ଗାରି ▶ପୃଷ୍ଠା-୭

**ଇଭିଏମ ସମ୍ପୂର୍ଣ୍ଣ ସୁରକ୍ଷିତ: ସିଇଓ**

### ଖସୁଛି ପାରଦ

## ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ ଥଣ୍ଡା



■ **ଭୁବନେଶ୍ୱର, ୧୨ା୧୧ (ସମିସ):** ତାପମାତ୍ରା ଖସୁଛି ଥଣ୍ଡା ବଢୁଛି। ସଞ୍ଜ ନଇଁଲେ ଆସୁଛି ଶୀତ। ରାତି ୧୦ ପରେ ସାରା ରାଜ୍ୟରେ ଆରମ୍ଭ ହୋଇଯାଉଛି ଶୀତର ପ୍ରଭାବ। ଅନେକ ସ୍ଥାନରେ ତାପମାତ୍ରା ତଳମୁହାଁ ହେତୁ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ଏହି ଧାରା ଆହୁରି ପ୍ରାୟ ୬ ଦିନ ପର୍ଯ୍ୟନ୍ତ ଜାରି ରହିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଅନେକ ସ୍ଥାନରେ ଶୀତ ଜାରିରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଗତ ୨୪ ଘଣ୍ଟାରେ ରାଜ୍ୟରେ ଶୀତର ପ୍ରଭାବ ପ୍ରବଳ ଅନୁଭୂତ ହୋଇଥିବା ବେଳେ ଦାରିଙ୍ଗବାଡ଼ିରେ ତାପମାତ୍ରା ୮ ଡିଗ୍ରୀକୁ ଖସିଛି। ଦାରିଙ୍ଗବାଡ଼ିରେ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଜି.ଉଦୟଗିରିରେ ୮.୭ ଡିଗ୍ରୀ, ▶ପୃଷ୍ଠା-୭

### ଏଜେନ୍ସିର ସ୍ୱଚ୍ଛତା ଉପରେ ସନ୍ଦେହ

## ହାଇକୋର୍ଟ ଏଏସ୍ଓ ପରୀକ୍ଷା ରଦ୍ଦ

■ **ଭୁବନେଶ୍ୱର, ୧୨ା୧୧ (ସମିସ):** ପୁଣି ରଦ୍ଦ ହୋଇଛି ଆଉ ଏକ ନିଯୁକ୍ତି ପରୀକ୍ଷା। ହାଇକୋର୍ଟରେ ଏଏସ୍ଓ ନିଯୁକ୍ତି ପାଇଁ ଅନୁଷ୍ଠିତ ମୁଖ୍ୟ ଲିଖିତ ପରୀକ୍ଷାକୁ ରଦ୍ଦ କରାଯାଇଛି। ପରୀକ୍ଷା ପରିଚାଳନାରେ ନିୟୋଜିତ ଏଜେନ୍ସିର ପ୍ରକ୍ରିୟା ଓ ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକାଶ କରି ହାଇକୋର୍ଟ ଏହାକୁ ରଦ୍ଦ କରିଛନ୍ତି। ଫଳରେ ରାଜ୍ୟରେ ନିଯୁକ୍ତି ପରୀକ୍ଷା ବିଭ୍ରାଟରେ ଆଉ ଏକ ପରୀକ୍ଷା ସାମିଲ୍ ହୋଇଛି।

ହାଇକୋର୍ଟ ଏଏସ୍ଓ ନିଯୁକ୍ତି ପାଇଁ ଏହି ପରୀକ୍ଷା ପରିଚାଳନା କରାଯାଉଥିଲା। ଏଥିପାଇଁ ମେ ୪ ତାରିଖରେ ପ୍ରିଲିମିନାରୀ ପରୀକ୍ଷା ହୋଇଥିଲା। ତହିଁରେ ୭୧୧୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବା ସହ ମୁଖ୍ୟ ପରୀକ୍ଷା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସେମାନଙ୍କୁ ନେଇ ଗତ ଜୁଲାଇ ୧୩ ତାରିଖରେ ମୁଖ୍ୟ ଲିଖିତ ପରୀକ୍ଷା ହୋଇଥିଲା। ପରୀକ୍ଷାରେ ବ୍ୟାପକ ଅସଂଗତି ଏବଂ ସ୍ୱଚ୍ଛତା ନ ଥିବା ନେଇ ହାଇକୋର୍ଟରେ ମାମଲା ହୋଇଥିଲା। ଯାହାର ଶୁଣାଣି କରି ଏହି ମୁଖ୍ୟ ଲିଖିତ ପରୀକ୍ଷାକୁ କୋର୍ଟ ରଦ୍ଦ କରିଛନ୍ତି। ଏନେଇ ହାଇକୋର୍ଟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ପରୀକ୍ଷା ପରିଚାଳନା କରୁଥିବା ଏଜେନ୍ସିର ସ୍ୱଚ୍ଛତା ଉପରେ ସନ୍ଦେହ ପ୍ରକଟ କରି ପରୀକ୍ଷାକୁ ରଦ୍ଦ କରାଯାଇଥିବା ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ତେବେ କେଉଁ ଏଜେନ୍ସି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିଲା, ତାହା ସ୍ପଷ୍ଟ ହୋଇ ନାହିଁ।

**ନିଯୁକ୍ତି ବିଭ୍ରାଟରେ ଯୋଡ଼ିହେଲା ଆଉ ଏକ ପରୀକ୍ଷା**

ପରୀକ୍ଷା ରଦ୍ଦ ହେବା ପରେ ପୁଣିଥରେ ମୁଖ୍ୟ ଲିଖିତ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିସେମ୍ବର ୭ ତାରିଖରେ ମୋଟ୍ ତିନୋଟି ସିଫ୍ଟରେ ପରୀକ୍ଷା ଅନୁଷ୍ଠିତ ହେବ। ସକାଳ ୯ରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ସିଫ୍ଟରେ ଇଂରାଜୀ ପରୀକ୍ଷା ହେବାକୁ ଥିବାବେଳେ ମଧ୍ୟାହ୍ନ ୧୨ରୁ ୧ଟା ଏବଂ ସାଢ଼େ ୨ ରୁ ସାଢ଼େ ୪ ପର୍ଯ୍ୟନ୍ତ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସିଫ୍ଟ ପରୀକ୍ଷା ଅନୁଷ୍ଠିତ ହେବ। ଆସନ୍ତା ୧୭ ତାରିଖରୁ ପ୍ରିଲିମିନାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀମାନେ ଆଡମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି କୁହାଯାଇଛି।

## ଜେମିନି ଏଆଇ ବିବାଦରେ ଗୁଗଲ୍

**ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ଅଭିଯୋଗ**




■ **ନୂଆଦିଲ୍ଲୀ, ୧୨ା୧୧ (ଏଜେନ୍ସି):** ସର୍ଚ୍ଚ ଇଞ୍ଜିନ୍ ଗୁଗଲ୍ ବିରୋଧରେ ହୋଇଛି ବଡ଼ ଅଭିଯୋଗ। କମ୍ପାନୀ ବିରୋଧରେ ୟୁଜରଙ୍କ ଗୋପନୀୟତା ପ୍ରଘଟ କରିଥିବା ନେଇ ଅଭିଯୋଗ ଆସିଛି। ଏଥିରେ ଗୁଗୁଲ୍ ଏହାର ଜେମିନି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ) ଆସିଷ୍ଟାଣ୍ଟ ବ୍ୟବହାର କରି ଜି-ମେଲ୍, ଚାଟ୍ ଏବଂ ମିଟ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ଯୋଗାଯୋଗକୁ ସେମାନଙ୍କ ସମ୍ମତି ବିନା ଟ୍ରାକ୍ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ, ବ୍ୟବହାରକାରୀମାନଙ୍କୁ ଗୁଗୁଲ୍‌ର ଏଆଇ ବୈଶିଷ୍ଟ୍ୟକୁ ଚାଲୁ କିମ୍ବା ବନ୍ଦ କରିବାର ବିକଳ୍ପ ଦିଆଯାଇଥିଲା। ତଥାପି, ଅକ୍ଟୋବରରେ ଆଲଫାବେଟ୍ ଇନକର୍ପୋରେଟେଡ୍ ୟୁନିଟ୍ ସମସ୍ତ ଉପଭୋକ୍ତାଙ୍କ ପାଇଁ ଏହି ବୈଶିଷ୍ଟ୍ୟକୁ ସ୍ୱୟଂଚାଳିତ ଭାବରେ ଆକ୍ଟିଭ୍ କରିଦେଇଥିବା ▶ପୃଷ୍ଠା-୭

### ସହଜ ହେବ ବନ୍ଦୋବସ୍ତ ପୂର୍ବ ଦଲିଲ୍‌ର ପଟ୍ଟା ପାଇବା

## ତହସିଲ୍‌ରେ ଜମି ପଟ୍ଟା ସଂଶୋଧନ

■ **ଭୁବନେଶ୍ୱର, ୧୨ା୧୧ (ସମିସ):** ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍‌ସର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି। ଏହି ଅନୁମୋଦନ ପରେ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ପଡ଼ିରହିଥିବା ଅନେକ ମାମଲା ତହସିଲ୍ ଅଫିସରେ ସମାଧାନ ହେବାର ବାଟ ଫିଟିଛି। ଏଣିକି ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣାଯାଇଥିବା ଜମିର ପଟ୍ଟା ତହସିଲ ଅଫିସ୍‌ରେ ମିଳିପାରିବ। ତହସିଲମାନେ କ୍ରେତାଙ୍କ ଉପଯୁକ୍ତ କାଗଜପତ୍ର ଯାଞ୍ଚ କରିବା ପରେ ଏହି ପଟ୍ଟା ପ୍ରଦାନ କରିପାରିବେ। ଏହାଦ୍ୱାରା ରାଜ୍ୟର ଅନେକ ପୁରୁଣା ଜମିର ମାଲିକମାନେ ପଟ୍ଟା ପାଇପାରିବେ।

ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରନ୍ତି। କିନ୍ତୁ ଯଦି କୌଣସି କାରଣ ଯୋଗୁଁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନ ଥାଏ, ତେବେ କ୍ରେତା ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାନ୍ତି। ଏହି ଅପିଲଗୁଡ଼ିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡି ରହିଥାଏ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସଂପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସଂପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ। ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବନାହିଁ।

**ନିୟମର ସଂଶୋଧନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

# ଅନିଶ୍ଚିତତା ଘେରରେ ଓଡ଼ିଶା କ୍ରିକେଟ

## ଦଳ ପ୍ଲେଟ୍ ଗ୍ରୁପ୍‌କୁ ଖସିବାର ଡର ଘାରିଲା

■ **କଟକ, ୧୨ା୧୧ (ସମିସ):** ଜାତୀୟ କ୍ରିକେଟରେ ଓଡ଼ିଶାର ପ୍ରଦର୍ଶନ କ୍ରମାଗତ ଭାବେ ନିରାଶାଜନକ ହୋଇଛି। ଚଳିତ ରଣଜୀ ସିଜନରେ ଓଡ଼ିଶା ଦଳ ପ୍ରଥମ ୪ଟି ମ୍ୟାଚ୍‌ରୁ ୩ଟି ପରାଜୟ ବରଣ କରିବା ପରେ ମାତ୍ର ଗୋଟିଏ ପଏଣ୍ଟ ପାଇଛି। ଦଳରେ ସ୍ଥାନ ପାଇଥିବା ବରିଷ୍ଠ ଓ ଅଭିଜ୍ଞ ଖେଳାଳିମାନେ ସଙ୍କଟ ସମୟରେ ଦଳକୁ ସାହା ହେବାରେ ବିଫଳ ହେଉଛନ୍ତି। ସେମାନଙ୍କ ସ୍ଥାନରେ ନବାଗତଙ୍କୁ ସୁଯୋଗ ଦେଲେ ମଧ୍ୟ ପ୍ରଦର୍ଶନରେ ଉନ୍ନତି ହେଉନାହିଁ। ଏପରିସ୍ଥଳେ ଏକାଧିକ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିଥିବା ଓଡ଼ିଶା କ୍ରିକେଟର ଭବିଷ୍ୟତ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଉଛି।

ଏକଦା ରଣଜୀ ଏଲିଟ୍ ଗ୍ରୁପ୍‌ରେ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେଉଥିବା ଓଡ଼ିଶା ଦଳର ନିରାଶାଜନକ ପ୍ରଦର୍ଶନ ଏବେ ଚିନ୍ତାର କାରଣ ପାଲଟିଛି। ଏପରିକି ଦଳର ଭବିଷ୍ୟତକୁ ନେଇ କୌଣସି ଆଶାର କିରଣ ଦେଖାଯାଉନାହିଁ। ଦଳ ପ୍ଲେଟ୍ ଲିଗ୍‌କୁ ଖସିଯିବାର ସ୍ଥିତି ଉପୁଜିଥିବାବେଳେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର କାର୍ଯ୍ୟ ଖସଡ଼ା ଓ ପ୍ରଶିକ୍ଷକଙ୍କ ଭୂମିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଦଳର ପ୍ରଦର୍ଶନ ଦୁଃଖଦାୟକ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି।

ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ପ୍ରଶିକ୍ଷଣ ବ୍ୟବସ୍ଥା ଉପଲବ୍ଧ କରାଯାଇଛି ବୋଲି ଓସିଏ ପକ୍ଷରୁ ବାରମ୍ବାର କୁହାଯାଉଛି। କିନ୍ତୁ ଚଳିତ ସିଜିନ୍‌ରେ ଦଳର ବ୍ୟାଟିଂ ଓ ବୋଲିଂ ବିପର୍ଯ୍ୟୟ ଏହିପରିପ୍ରେକ୍ଷୀରେ ଅଧିକ ଚିନ୍ତା ବଢ଼ାଇଛି। ଓଡ଼ିଶା ଏଯାଏଁ ୪ଟି ରଣଜୀ ମ୍ୟାଚ୍ ଖେଳିସାରିଥିଲେ ହେଁ ଜଣେ ହେଲେ ବ୍ୟାଟର ଶତକ ହାସଲ କରିପାରିନାହାନ୍ତି। ଦଳ ମଧ୍ୟ ବଡ଼ ସ୍କୋର୍ କରିବାରେ ସମର୍ଥ ହୋଇପାରିନାହିଁ। ସେହିପରି ବୋଲର୍‌ଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବଶାଳୀ ହୋଇପାରି ନଥିବାରୁ ପ୍ରତିପକ୍ଷ ଦଳର ସମସ୍ତ ୨୦ଟି ୱିକେଟ ଅକ୍ତିଆର କରିବାରେ ଦଳକୁ ସଫଳତା ମିଳିନାହିଁ।

ଜିଲ୍ଲାୱାରୀ କ୍ରିକେଟ୍ ଭିତ୍ତିଭୂମିର ବିକାଶ କରାଯାଇଛି ବୋଲି ଓସିଏ ପକ୍ଷରୁ ▶ପୃଷ୍ଠା-୭




**ଚିନ୍ତା ବଢ଼ାଉଛି ପ୍ରତିଭା ଚିହ୍ନଟ ଓ ପ୍ରଶିକ୍ଷଣ**

**ପ୍ରଶ୍ନ ଘେରରେ ଓସିଏର କାର୍ଯ୍ୟଖସଡ଼ା, ପ୍ରଶିକ୍ଷକଙ୍କ ଭୂମିକା**

ସମ୍ପୂର୍ଣ୍ଣା

ସକାଳ THE SAKALA
www.sakalaepaper.com

## ଆଜି ଆସିଥିଲେ: କବି ମାୟାଧର ମାନସିଂହ



ମାୟାଧର ମାନସିଂହ ଏକାଧାରରେ ଥିଲେ ଜଣେ ସଫଳ କବି, ପ୍ରାବନ୍ଧିକ, ସମାଲୋଚକ, ଅନୁବାଦକ, ଭ୍ରମଣବୃତ୍ତାନ୍ତ ରଚୟିତା, ସମ୍ପାଦକ। ସେ ପ୍ରେମ ଓ ପ୍ରଣୟର କବି ଭାବେ ଅଧିକ ପରିଚିତ ଓ ଲୋକପ୍ରିୟ। ତାଙ୍କର ସାରସ୍ୱତ ଅବଦାନ ମଧ୍ୟରେ କବିତା ବ୍ୟତୀତ ନାଟକ, ପ୍ରବନ୍ଧ, ଜୀବନୀ, ଗଳ୍ପ ଏବଂ ଅନୁବାଦ ଓ ଗୀତିକବିତା ରହିଛି। ସାହିତ୍ୟର ଏମିତି କୌଣସି ବିଭାଗ ନାହିଁ ଯେଉଁଥିରେ କି ସେ ତାଙ୍କର ଲେଖନୀ ଚାଳନା କରିନାହାଁନ୍ତି। ଆଧୁନିକ ଓଡ଼ିଆ କବିତାରେ କବିବର ରାଧାନାଥଙ୍କ ପରେ ମାୟାଧର ମାନସିଂହ ହେଉଛନ୍ତି ନୂତନ ପିଢ଼ିର ପ୍ରମୁଖ ରୋମାଣ୍ଟିକ୍ କବି। ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସେ ଲେଖୁଥିଲେ। ମାୟାଧର ମାନସିଂହ ଓଡ଼ିଶାର ପୁରୀ ଜିଲ୍ଲାସ୍ଥିତ ନନ୍ଦଳା ଗ୍ରାମରେ ୧୯୦୫ ମସିହା ଆଜିର ଦିନରେ ଜନ୍ମଗ୍ରହଣ କରିଥିଲେ। ସେ ଓଡ଼ିଆ ଲେଖିକା ଓ କବି ହେମଲତା ମାନସିଂହଙ୍କୁ ବିବାହ କରିଥିଲେ। ତରୁଣ ବୟସରେ ସେ ସତ୍ୟବାଦୀ ବନ ବିଦ୍ୟାଳୟର ଛାତ୍ର ଥିଲେ। ସେ ରେଭେନ୍ସା ମହାବିଦ୍ୟାଳୟରୁ ବି.ଏ. ଓ ପାଟଣା ବିଶ୍ୱବିଦ୍ୟାଳୟରୁ ଏମ୍.ଏ. ପାସ୍ କରିଥିଲେ। ଇଂଲଣ୍ଡର ଡରହାମ ବିଶ୍ୱବିଦ୍ୟାଳୟରେ ସେକ୍ସପିୟର ଓ କାଳିଦାସଙ୍କ ସାହିତ୍ୟରେ ତୁଳନାତ୍ମକ ପ୍ରବନ୍ଧ ପ୍ରସ୍ତୁତ କରି ସେ ପିଏଚ୍‌ଡି ଲାଭ କରିଥିଲେ। ମାୟାଧର ମାନସିଂହ ଓଡ଼ିଶାର ପ୍ରଥମ ଡକ୍ଟରେଟ୍ ଉପାଧିଧାରୀ ଥିଲେ। ସେ ସେକ୍ସପିଅରଙ୍କ ଲିଖିତ 'Othello'ର ଓଡ଼ିଆରେ ରୂପାନ୍ତର କରିଥିଲେ। ସେ ପଦ୍ମଶ୍ରୀ ପୁରସ୍କାର ପାଇଥିଲେ। ଅତି ତରୁଣ ବୟସରୁ ତାଙ୍କ ଠାରେ କାବ୍ୟପ୍ରତିଭାର ଉନ୍ମେଷ ହୋଇଥିଲା। ତାଙ୍କର କବିତା ଗ୍ରନ୍ଥଗୁଡ଼ିକ 'ଧୂପ', 'ହେମଶସ୍ୟ', 'କୋଣାର୍କ', 'ସାଧବଝିଅ', 'କମଳାୟନ' ଇତ୍ୟାଦି। ପ୍ରକୃତି ଓ ମାନବପ୍ରେମ, ସୌନ୍ଦର୍ଯ୍ୟର ବର୍ଣ୍ଣାଢ୍ୟର ଅଭିବ୍ୟକ୍ତିରେ ଉଦ୍‌ବୋଧିତ କବି ମାୟାଧର ମାନସିଂହଙ୍କ କାବ୍ୟ ସୃଷ୍ଟି। ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ତାଙ୍କର ଗଭୀର ମମତା ଓ ଆନ୍ତରିକତା ରହିଥିଲା। ଏହା ତାଙ୍କ ରଚନାରେ ପ୍ରତିଫଳିତ ହୋଇଥାଏ। ଓଡ଼ିଆ ସମାଜ ସଂସ୍କୃତ, ଇଂରାଜୀ ଓ ବଙ୍ଗଳା ସାହିତ୍ୟରେ ତାଙ୍କର ଗଭୀର ପାଣ୍ଡିତ୍ୟ ଥିଲା। ଜଣେ ମାନବବାଦୀ, ଜାତୀୟତାବାଦୀ କବି ସତ୍ତ୍ୱେ ସେ ମୁଖ୍ୟତଃ ରୋମାଣ୍ଟିକ୍ ଚେତନାର କବି ପାଇଁ ଓଡ଼ିଆ ସାହିତ୍ୟରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କର ଜଣାଶୁଣା ପ୍ରବନ୍ଧ ପୁସ୍ତକ ମଧ୍ୟରେ 'ଜୀବନପଥ', 'ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ' ପ୍ରଭୃତି ଅନ୍ୟତମ। ୧୧ ଅକ୍ଟୋବର ୧୯୭୩, ୬୭ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା। ପରମ୍ପରାଗତ ଧାରାରୁ ବାହାରି ମାୟାଧର ମାନସିଂହ ଓଡ଼ିଆ ସାହିତ୍ୟରେ ଏକ ନୂତନ ଧାରା ସୃଷ୍ଟି କରିଥିଲେ।

## ଆର୍ଯ୍ୟନ୍‌ଙ୍କ ମାଷ୍ଟର ପ୍ଲାନ୍



ବଲିଉଡ୍‌ର କିଙ୍ଗ ଖାନ୍ ଶାହାରୁଖଙ୍କ ପୁଅ ଆର୍ଯ୍ୟନ୍ ଖାନ୍ "ଦ ବା**ଡ୍ସ ଅଫ୍ ବଲିଉଡ୍" ଜରିଆରେ ତାଙ୍କର ନିର୍ଦ୍ଦେଶନା କାରିୟର ଆରମ୍ଭ କରିଛନ୍ତି। ଏହା ତାଙ୍କ ପାଇଁ ସଫଳ ସାବ୍ୟସ୍ତ ହୋଇଛି। ଏବେ ସେ ତାଙ୍କ କ୍ୟାରିୟରକୁ ଆହୁରି ଭଲ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି। ଓଟିଟି ପରେ ଏବେ ଆର୍ଯ୍ୟନ୍ ବଡ଼ ପରଦାରେ ତାଙ୍କ କ୍ୟାରିୟର ଆରମ୍ଭ କରିବା ଲକ୍ଷ୍ୟ ରଖିଛନ୍ତି। ସେ ଏକ ମନୋରଞ୍ଜନ ଭିତ୍ତିକ ଫିଲ୍ମ ଆଣିବା ପାଇଁ ଯୋଜନା କରିଛନ୍ତି। ଏହା ୨୦୨୭ରେ ଆସିବ। ଫିଲ୍ମର କାହାଣୀ ଓ ଏହାର କଳାକାରଙ୍କୁ ଆର୍ଯ୍ୟନ୍ ସଂପୂର୍ଣ୍ଣ ଗୋପନୀୟ ରଖିଛନ୍ତି। ତେବେ ଏହି ଫିଲ୍ମରେ ଶାହାରୁଖ ଲିଡ୍ ରୋଲରେ ନଜର ଆସିବେନି। ଆର୍ଯ୍ୟନ୍ ତାଙ୍କ ସୁପରଷ୍ଟାର୍ ପିତାଙ୍କ ଫିଲ୍ମକୁ ନିର୍ଦ୍ଦେଶନା ଦେବା ପୂର୍ବରୁ ଏକ ନୂଆ ସିନେମାର ଅନୁଭବ ନେବାକୁ ଚାହୁଁଛନ୍ତି। ସେ ଶାହାରୁଖଙ୍କ ସହ କାମ କରିବା ପୂର୍ବରୁ ଜଣେ ସଫଳ ନିର୍ଦ୍ଦେଶକ ଭାବେ ନିଜକୁ ପ୍ରମାଣିତ କରିବାକୁ ଚାହୁଁଛନ୍ତି। ଯଦି ସବୁକିଛି ଯୋଜନା ମୁତାବିକ ହୁଏ, ତେବେ ଆର୍ଯ୍ୟନ୍‌ଙ୍କ ତୃତୀୟ ଫିଲ୍ମରେ ଶାହାରୁଖ ନଜର ଆସିବେ। ୨୦୨୭ରେ ଏହି ଫିଲ୍ମ ଆସିବ। ଏବେ ଆର୍ଯ୍ୟନ୍ ତାଙ୍କ ଦ୍ୱିତୀୟ ଫିଲ୍ମର କାହାଣୀରେ ବ୍ୟସ୍ତ ଅଛନ୍ତି। ଏହାର ଷ୍ଟାରକାଷ୍ଟ ମଧ୍ୟ ଖୁବ୍‌ଶୀଘ୍ର ଘୋଷଣା କରାଯିବ।

## ଆଜିର ଇତିହାସ

- ୧୭୮୦- ମହାରାଜା ରଣଜୀତ ସିଂହଙ୍କ ଜନ୍ମ।
- ୧୯୧୮- ଅଷ୍ଟ୍ରିଆ ଗଣରାଜ୍ୟ ହେଲା।
- ୧୯୭୧- ଆମେରିକୀୟ ମହାକାଶଯାନ ମ୍ୟାରିନର୍-୯ ମଙ୍ଗଳ ଗ୍ରହ ପରିକ୍ରମା କଲେ।
- ୧୯୮୫- କଲମ୍ବିଆରେ ଜ୍ୱାଳାମୁଖୀ ବିସ୍ଫୋରଣ ହେବାରୁ ୨୩ ହଜାର ଲୋକଙ୍କ ମୃତ୍ୟୁ।
- ୧୯୯୭- ସୁରକ୍ଷା ପରିଷଦ ଇରାକ୍ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇଲା।
- ୨୦୧୫- ଆତଙ୍କବାଦୀମାନେ ପ୍ୟାରିସ୍ ଉପରେ ଆକ୍ରମଣ କରିବାରୁ ୧୩୦ ଲୋକଙ୍କ ମୃତ୍ୟୁ, ୩୫୦ରୁ ଅଧିକ ଆହତ।

## ପ୍ରତିମୂର୍ତ୍ତିକୁ ମାଡ଼



ସର୍ବଦା ଭଲ କାମ କରିଥିବା ବ୍ୟକ୍ତିଙ୍କ ନାଁ ଇତିହାସ ପୃଷ୍ଠାରେ ଲିପିବଦ୍ଧ ହୋଇ ରହିଛି। ହେଲେ ଚୀନ୍‌ର କିନ୍ ହୁଇ ନାମକ ବ୍ୟକ୍ତିଙ୍କ ଘୃଣ୍ୟ କାମକୁ ଆଜି ବି ଲୋକେ ଭୁଲି ପାରୁନାହାନ୍ତି। ତାଙ୍କ ଉପରେ ରାଗ ସୁଖାଇବା ପାଇଁ ଲୋକେ ତାଙ୍କ ପ୍ରତିମୂର୍ତ୍ତିକୁ ପ୍ରତିଦିନ ମାଡ଼ ମାରୁଛନ୍ତି। ଚୀନ୍, ହାଙ୍ଗଝୋଉରେ କିନ୍ ହୁଇ ଏବଂ ତାଙ୍କ ପତ୍ନୀଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଏହି ପ୍ରତିମୂର୍ତ୍ତିକୁ ଲୋକେ ଚାପୁଡ଼ା, ଲାତ ମାରନ୍ତି। ଉକ୍ତ ପ୍ରତିମୂର୍ତ୍ତି ଦୁଇଟି ସମ୍ମୁଖରେ ସାହସୀ ଜେନେରାଲ ୟୁଫେଇଙ୍କ ସମାଧି ରହିଛି। କିନ୍ ହୁଇ ଓ ତାଙ୍କ ପତ୍ନୀଙ୍କ ଆଣ୍ଠେଇକି ମୁଣ୍ଡକୁ ନୁଆଁଇବା ଅବସ୍ଥାରେ ପ୍ରତିମୂର୍ତ୍ତି ରହିଛି। ସେମାନଙ୍କ ହାତକୁ ପଛକୁ କରି ବନ୍ଧା ଯାଇଛି। ତେବେ ଏହି ପ୍ରତିମୂର୍ତ୍ତି ଲୋକେ ରାଗ ସୁଖାଇବା ପାଇଁ ନିର୍ମାଣ କରିଛନ୍ତି। ସ୍ୱାମୀସ୍ତ୍ରୀଙ୍କ ପ୍ରତିମୂର୍ତ୍ତିକୁ ଲୋକେ ଚାପୁଡ଼ା, ଲାତ ମାରିବା ସହିତ ଛେପ ପକାଉଥାନ୍ତି। ଏହି ଦମ୍ପତି ଦେଶଦ୍ରୋହୀ ଥିଲେ ବୋଲି କୁହାଯାଏ। ସୋଙ୍ଗ ରାଜବଂଶ ସମୟରେ କିନ୍ ହୁଇ ଚୀନ୍‌ର ଚାନସେଲର ଥିଲେ। ଦେଶ ଚଳାଇବା ସହ ଲୋକଙ୍କୁ ସୁରକ୍ଷା ଦେବା ତାଙ୍କର କାମ ଥିଲା। କିନ୍ ହୁଇ, ୟୁଫେଇ ରାଜାଙ୍କ ଶତ୍ରୁମାନଙ୍କ ସହିତ ଶାନ୍ତି ଚୁକ୍ତି କରିବାକୁ ମନା କରୁଛନ୍ତି ବୋଲି ମିଥ୍ୟା ଅଭିଯୋଗ ଆଣିଥିଲେ। ଫଳରେ ୟୁଫେଇଙ୍କୁ ଜେଲ୍ ଦଣ୍ଡ ସହ ମୃତ୍ୟୁଦଣ୍ଡ ଭୋଗିବାକୁ ପଡ଼ିଥିଲା। ଲୋକେ ଯେତେବେଳେ ଏହି କଥା ଜାଣିବାକୁ ପାଇଲେ କିନ୍ ହୁଇଙ୍କ ଉପରେ ରାଗି ଯାଇଥିଲେ। ୟୁଫେଇଙ୍କୁ ଜାତୀୟ ନାୟକ ଭାବେ ଘୋଷଣା କରିବା ସହ କିନ୍ ହୁଇଙ୍କୁ ଚୀନ୍ ଇତିହାସର ସବୁଠୁ ବଡ଼ ଦେଶଦ୍ରୋହୀ ଘୋଷଣା କରାଯାଇଥିଲା। ତେଣୁ ପ୍ରାୟ ୧୫ ଶହ ଶତାବ୍ଦୀରୁ କିନ୍ ହୁଇ ଓ ତାଙ୍କ ପତ୍ନୀଙ୍କ ପ୍ରତିମୂର୍ତ୍ତିକୁ ମାଡ଼ ମାରିବାର ପରମ୍ପରା ଚାଲିଆସୁଛି। ବାରମ୍ବାର ମାଡ଼ ହେଉଥିବାରୁ ପ୍ରତିମୂର୍ତ୍ତି ଦୁଇଟି ଭାଙ୍ଗିଯାଉଥିବାରୁ ଏଯାବତ୍ ୧୧ ଥର ବଦଳା ଯାଇଛି। ଶେଷଥର ପାଇଁ ଏହି ମୂର୍ତ୍ତି ୧୯୭୯ ମସିହାରେ ବଦଳା ଯାଇଥିଲା। ଇତିମଧ୍ୟରେ ପାଞ୍ଚଶହରୁ ଅଧିକ ବର୍ଷ ବିତି ଯାଇଥିଲେ ବି ଲୋକେ ସେମାନେ ଏହି ପ୍ରତିମୂର୍ତ୍ତି ଉପରେ ଛେପ ପକାଇ ନିଜ ରାଗ ସୁଖାଉଛନ୍ତି।

## ସଡ଼କ ନ ଥିବା ଗାଁ



ଦୁନିଆରେ ଏମିତି କିଛି ଗାଁ ଅଛି ଯାହା ତା'ର ନିଜସ୍ୱ ଭିନ୍ନତା ଓ ସ୍ୱତନ୍ତ୍ରତା ପାଇଁ ଜଣାଯାଏ। ଏଭଳି ଏକ ଗାଁ ହେଉଛି ନେଦରଲ୍ୟାଣ୍ଡର ଗିଥର୍ଣ୍ଣ। ଏହାର ବିଶେଷତା ହେଲା ଅନ୍ୟ ଗାଁଗୁଡ଼ିକ ଭଳି ଏଠାରେ ନାଁ ରାସ୍ତା ଅଛି ନା ଯାନବାହନ। ଏହା 'ଡଚ୍ ଭେନିସ୍' ନାମରେ ମଧ୍ୟ ଜଣାଶୁଣା। ଏଠାକୁ ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତି, ନାଆରେ ବସି ପୁରା ସହର ବୁଲନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା ଗାଁ ମଧ୍ୟରେ ପିଚୁ ସଡ଼କଟିଏ ନାହିଁ। ଗାଁଟି ପାଣି ଆଚ୍ଛାଦିତ। ଏଠାରେ କାଠ ନିର୍ମିତ ୧୮୦ଟି ପୋଲ ରହିଛି। ସ୍ଥାନୀୟ ଲୋକେ ଓ ପର୍ଯ୍ୟଟକମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟତ କରିବା ପାଇଁ ଡଙ୍ଗା ବ୍ୟବହାର କରିଥାନ୍ତି। ଗିଥର୍ଣ୍ଣରେ ପାଖାପାଖି ୩୦୦୦ ଲୋକ ରୁହନ୍ତି। ଏଠିକାର ସୁନ୍ଦର ପରିବେଶ, ନିର୍ମଳ ପାଣି ଓ ସବୁଜ ବନାନୀ ଫିଲ୍ମ ଦୃଶ୍ୟ ଭଳି ମନେ ହୋଇଥାଏ। କୋଳାହଳଠୁ ଦୂରରେ ରହିବାକୁ ପସନ୍ଦ କରୁଥିବା ଲୋକଙ୍କ ପାଇଁ ଏହି ପରିବେଶ ଖୁବ୍ ଖାସ୍ ହୋଇଥାଏ। ସେହିପରି ଏଠାରେ କାର୍ ଓ ମୋଟର ସାଇକଲ ଭଳି କୌଣସି ଯାନ ଦେଖିବାକୁ ମିଳେନି। ପ୍ରତିଘର ଆଗରେ ଗୋଟିଏ ଲେଖାଏଁ ଛୋଟ ଡଙ୍ଗା ଥାଏ। ବିଦ୍ୟୁତ୍ ମୋଟର ଦ୍ୱାରା ଏହି ଡଙ୍ଗାଗୁଡ଼ିକ ଚାଲେ। ଏହାଦ୍ୱାରା ପରିବେଶ ମଧ୍ୟ ସୁରକ୍ଷିତ ରହିଥାଏ। କୋଳାହଳ ନ ଥିବାରୁ ସହର ମଧ୍ୟରେ ଏକ ଶାନ୍ତିପୂର୍ଣ୍ଣ ବାତାବରଣ ବଜାୟ ରହିଥାଏ। ଅବଶ୍ୟ କିଛି ସ୍ଥାନରେ ସଂକୀର୍ଣ୍ଣ ପାଦଚଲା ରାସ୍ତା ଓ ସାଇକଲ ଚାଳନା ପାଇଁ ଟ୍ରାକ୍ ରହିଛି। ଏଠାରେ ପର୍ଯ୍ୟଟକମାନେ ଆରାମରେ ବୁଲାବୁଲି କରିପାରିବେ। ଏଠିକାର ସରଳ ଜୀବନଶୈଳୀ ଓ ଭିନ୍ନତା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୧୨୩୦ରେ ଏହି ଗାଁଟିର ନିର୍ମାଣ କରାଯାଇଥିଲା। ପ୍ରାରମ୍ଭରେ ଏହାର ନାମ 'ଗେଟେନହର୍ଣ୍ଣ' ଥିଲା। ତେବେ ଖୋଳାଖୋଳି ହେବାରୁ ଏଠାରେ ଥିବା ଏକ ପୋଖରୀ ଏକ ହ୍ରଦର ରୂପ ନେଇଥିଲା ବୋଲି ସ୍ଥାନୀୟ ଲୋକେ କୁହନ୍ତି। ପର୍ଯ୍ୟଟକଙ୍କୁ ଏହା ସ୍ୱର୍ଗ ଭଳି ଅନୁଭୂତି ଦେଇଥାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏଠାରେ ସେମାନେ ପେଡାଲ ବୋଟିଂର ମଜା ନେଇଥାନ୍ତି। ଏଥିସହ କୂଳରେ ନିର୍ମିତ ହୋଟେଲ ଓ ରେସ୍ତୋରାଁ ଆଦିର ସୁନ୍ଦରତାକୁ ଚାହାଁରେ ବସି ଅନୁଭବ କରନ୍ତି।

## ଫୁଲରେ ସଜାଇଲେ ରାସ୍ତାର ଖାଲଢ଼ିପ

ଅନେକ ସମୟରେ ନିମ୍ନ ମାନର କାମ ଯୋଗୁଁ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ଓ ଖାଲ ଢ଼ିପ ଦେଖାଯାଏ। ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ବି ପ୍ରଶାସନ ଏଦିଗରେ କିଛି ପଦକ୍ଷେପ ଗ୍ରହଣ କରି ନ ଥାଏ। ନିକଟରେ କର୍ଣ୍ଣାଟକ ମାଣ୍ଡ୍ୟା ଜିଲ୍ଲାରେ ରାସ୍ତା ଦୁର୍ଦ୍ଦଶାର ସ୍ଥିତିକୁ କିଛି ବୟସ୍କ ନିଆରା ଉପାୟରେ ପ୍ରଶାସନର ଦୃଷ୍ଟିଆକର୍ଷଣ କରିବାକୁ ଚାହିଁଛନ୍ତି। ଯାହାକି ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଦୀପାବଳି ଅବସରରେ ଏହି ରାସ୍ତା ନିକଟରେ ଥିବା ଏକ ଜରାଶ୍ରମର କିଛି ବୟସ୍କ ବ୍ୟକ୍ତି ଶାନ୍ତିପୂର୍ଣ୍ଣ ଭାବେ ବିରୋଧ କରିଥିଲେ। ସେମାନେ ଘରକୁ ଆଲୋକିତ କରିବା ପରିବର୍ତ୍ତେ ରାସ୍ତାରେ ହୋଇଥିବା ଗାତରେ ଦୀପ ଜାଳିଛନ୍ତି। ଏପରିକି ଏହାକୁ ଫୁଲରେ ସଜାଇଥିଲେ। ରାସ୍ତା କେବଳ ଗାଡ଼ି ଚଳାଇବା ପାଇଁ ନୁହେଁ, ବରଂ ଲୋକଙ୍କ ସୁରକ୍ଷାର ମାଧ୍ୟମ ମଧ୍ୟ ବୋଲି ଏହା ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇବା ଉଦ୍ଦେଶ୍ୟରେ ଏହି ବୟସ୍କ ଲୋକମାନେ ଏପରି କରିଥିବା କହିଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ବୟସ୍କ ବ୍ୟକ୍ତିମାନେ ଫୁଲ ଏବଂ ମହମବତୀରେ ରାସ୍ତାର ଗାତ ତଥା ଖାଲଢ଼ିପକୁ ସଜାଇଛନ୍ତି। ପରେ ଧୂପ ଦେଇ ପୂଜା କରିଛନ୍ତି। ଏହାସହିତ ହାତ ଯୋଡ଼ି ରାସ୍ତା ମଝିରେ ଛିଡ଼ା ହୋଇ ପ୍ରାର୍ଥନା କରୁଥିବାର ଦେଖାଯାଇଛି। ତେବେ ଏଭଳି ବିରୋଧ ପରେ ପ୍ରଶାସନ ଏଦିଗରେ କିଛି ପଦକ୍ଷେପ ନେଇପାରେ ବୋଲି ସେମାନେ ଆଶାବାଦୀ ଅଛନ୍ତି। ତେବେ ସେମାନେ ଏହି ବିରୋଧ କିକେରି କେଆର୍ ପେଟ୍ ହାଇୱେରେ କରିଛନ୍ତି। ଏହି ରାସ୍ତା ଦୀର୍ଘ ଦିନ ଧରି ଖରାପ ସ୍ଥିତିରେ ଅଛି। ଅନ୍ୟପଟେ ଏହା ଉପରେ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।



## ଟ୍ରାଫିକ୍‌ରେ ହୃଦୟାଲୋକ

ସାଧାରଣତଃ ଟ୍ରାଫିକ୍ ସିଗ୍ନାଲ ଲାଇଟ୍ ଗୋଲାକୃତିରେ ଜଳୁଥିବା ସମସ୍ତେ ଦେଖିଛନ୍ତି ଓ ଜାଣିଛନ୍ତି। ହେଲେ ଜୟପୁରରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଛି। ଜୟପୁର ଟ୍ରାଫିକ୍ ପୁଲିସ୍ ଏଠାକାର ପ୍ରାୟ ୨୦ଟି ପ୍ରମୁଖ ଛକରେ ଟ୍ରାଫିକ୍ ଲାଇଟ୍‌କୁ ନେଇ ଏକ ନିଆରା ପଦକ୍ଷେପ ଆରମ୍ଭ କରିଛି। ଏଠାରେ ଟ୍ରାଫିକ୍ ସିଗନାଲରେ ଜଳୁଥିବା ରେଡ ଲାଇଟ୍ ଗୋଲାକୃତି ବଦଳରେ ହୃଦୟାକୃତି ହୋଇଛି। ଏହାକୁ ନେଇ ଲୋକଙ୍କଠାରେ ଉତ୍ସାହ ଦେଖିବାକୁ ମିଳିଛି। ଅବଶ୍ୟ ଏବେ ଏହାକୁ ଟ୍ରାଏଲ ପାଇଁ ଲଗାଯାଇଛି। ଅନ୍ୟପଟେ ଟ୍ରାଫିକ୍ ସିଗ୍ନାଲର ଲାଇଟ୍‌କୁ ହୃଦୟାକୃତି କରି ଲୋକଙ୍କୁ ସୁରକ୍ଷିତ ରହିବା ଲାଗି ବାର୍ତ୍ତା ପ୍ରଦାନ କରାଯାଉଛି। କାରଣ ଏହି ଡିଜାଇନ୍‌ରେ ଟ୍ରାଫିକ୍ ଲାଇଟ୍ ଜଳିବା ଦେଖି ଲୋକଙ୍କ ମୁହଁରେ ଆପେଆପେ ହସ ଆସୁଛି। ତେବେ ଟ୍ରାଫିକ୍ ସିଗ୍ନାଲରେ ଦୀର୍ଘ ସମୟ ଅପେକ୍ଷା କରିବା ଲୋକଙ୍କ ପାଇଁ ବିରକ୍ତିକର ହୋଇଥାଏ। ହେଲେ ଏହି ଲାଇଟ୍ ହୃଦୟାକୃତିରେ ଜଳିଲେ ଲୋକଙ୍କ ରାଗକୁ ଯେଭଳି ପ୍ରଶମିତ କରୁଛି। ସେହିପରି ଲୋକଙ୍କ ମତରେ ଏହି ହୃଦୟାକୃତି ଲାଇଟ୍ ହୃଦୟକୁ ଶାନ୍ତି ପ୍ରଦାନ କରୁଛି। ଏମିତି ଲାଗୁଛି ଯେମିତି ସିଗନାଲ ଲୋକଙ୍କୁ କହୁଛି, 'ଅଟକି ରହି ସୁରକ୍ଷିତ ରୁହ। ଘରେ କେହି ତୁମର ଅପେକ୍ଷା କରିଛନ୍ତି।' ଅନ୍ୟପଟେ ଏହି ପଦକ୍ଷେପ ପଛରେ କେବଳ ଡିଜାଇନ ନୁହେଁ, ବରଂ ସମ୍ବେଦନଶୀଳ ଚିନ୍ତାଧାରା ଥିବା ଟ୍ରାଫିକ୍ ପୁଲିସ୍ ସତ୍ୟବୀର ସିଂହ କହିଛନ୍ତି। ହୃଦୟାକୃତିର ଚିହ୍ନ ଆପଣାପଣର ଅନୁଭବ ଦେଉଛି। ଟ୍ରାଫିକ୍ ପୁଲିସ ଯଦିଓ କଠୋର ହେଲେ ବି ଲୋକଙ୍କ ସହିତ ସବୁବେଳେ ଅଛି। ଲୋକଙ୍କ ସୁରକ୍ଷା ଓ ଦାୟିତ୍ୱବୋଧକୁ ଟ୍ରାଫିକ୍ ପୁଲିସ୍ ମନେ ପକାଇ ଦେଇଥାନ୍ତି। ତେଣୁ ଟ୍ରାଫିକ୍ ନିୟମ ପାଳନ କରିବା ଜରୁରି। ଏହି ସମ୍ବେଦନା ମାଧ୍ୟମରେ ଲୋକଙ୍କୁ ସଚେତନ କରିବା ଅତ୍ୟନ୍ତ ପ୍ରଭାବଶାଳୀ ଉପାୟ ବୋଲି ସତ୍ୟବୀର କହିଛନ୍ତି। ତେବେ ହୃଦୟାକୃତି ପ୍ରେମର ଚିହ୍ନ ହୋଇଥିଲେ ବି ନିୟମ ଉଲ୍ଲଙ୍ଘନକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବୃଷ:** ବ୍ୟସ୍ତତା ଭିତରେ ଦିନ କଟିପାରେ। ଅତିଥି ସତ୍କାର କରିବେ। ବ୍ୟବସାୟୀଙ୍କ ବଢ଼ିଲାଭକୁ ପ୍ରୟାସ କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଲୁଚିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଚରିତ୍ରହୀନ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେଇପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

# ସରକାରୀ କଳର ଅପବ୍ୟବହାର ସତ୍ତ୍ୱେ ବିଜୟ ନିଶ୍ଚିତ: ବିଜେଡି

ଭୁବନେଶ୍ୱର,୧୨।୧୧(ସମିସ): ନୂଆପଡ଼ା ଉପନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର କରି, ଓ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ବ୍ୟାପକ ଅପଚେଷ୍ଟା କରିଛି। ଏହାସତ୍ତ୍ୱେ ଉପନିର୍ବାଚନରେ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଦୃଢ଼ୋକ୍ତି ବାଢ଼ିଛି ବିଜେଡି। ଶଙ୍ଖ ଭବନରେ ବୁଧବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତ୍ରୀ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତୁକୁନି ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ଶାସକ ଦଳ ଓ ପ୍ରଶାସନକୁ କଟୁ ସମାଲୋଚନା କରିଥିଲେ। ପ୍ରମିଳା ମଲ୍ଲିକ କହିଥିଲେ ଯେ ବିଜେପି ଦ୍ୱାରା କରାଯାଇଥିବା ବିଭିନ୍ନ ଆଚରଣ ବିଧି ଉଲ୍ଲଂଘନ ଗୁଡିକୁ ଆମେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ନିର୍ବାଚନ ପ୍ରଚାର ସମୟରେ ବିଜେପି ପକ୍ଷରୁ ଶାଢ଼ି ଓ ଟଙ୍କା ବଣ୍ଟନ କରାଗଲା ଯାହାର ପ୍ରାମାଣିକ ତଥ୍ୟ ସହିତ ଆମେ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଥିଲୁ। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇଙ୍କ ବାସସ୍ଥଳୀ ଉପରେ ବିନା ସର୍ଚ୍ଚ ୱାରେଣ୍ଟରେ ଚଢ଼ଉ କରାଯାଇଥିଲା ଓ ବିଜେଡିର ସ୍ଥାନୀୟ ନେତା ମନୋଜ ମିଶ୍ରଙ୍କ ଘରେ ଆଇଟି ରେଡ କରାଯାଇଥିଲା। ନବୀନ ପଟ୍ଟନାୟକଙ୍କ ହେଲିକପ୍ଟରକୁ ତିନି ଘଣ୍ଟା କାଳ ବିଳମ୍ବ କରାଯାଇଥିଲା। ସାଇଲେଣ୍ଟ ପିରିଅଡରେ ବିରୋଧୀ ଦଳର ନେତା ମାନେ ନିର୍ବାଚନ ମଣ୍ଡଳୀ ଅଞ୍ଚଳ ଛାଡି ଦେଇଥିବା ବେଳେ ବିଜେପିର ନେତା ମାନେ ସେଠାରେ ଉପସ୍ଥିତ ରହି ଟଙ୍କା ବଣ୍ଟା କାର୍ଯ୍ୟ ଜାରି ରଖିଥିଲେ। ନିର୍ବାଚନ ଅଧିକାରୀଙ୍କ ପାଖରେ ଏହି ଉଲ୍ଲଂଘନ କାର୍ଯ୍ୟର ପ୍ରମାଣ ସହିତ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା। ବିଜେପିର ସମସ୍ତ ଆଇନ ଉଲ୍ଲଂଘନ ଉଦ୍ୟମ ସତ୍ତ୍ୱେ ନୂଆପଡାବାସୀ ବିଜେଡିକୁ ଅକୁଣ୍ଠ ସମର୍ଥନ ଜଣାଇଛନ୍ତି। ତେଣୁ ୧୪ ତାରିଖ ଦିନ ଫଳାଫଳ ଘୋଷଣା ହେବା ବେଳେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଶ୍ରୀମତୀ ମଲ୍ଲିକ କହିଥିଲେ।



■ ନିର୍ବାଚନ ଇତିହାସରେ ନୂଆପଡ଼ା ଉପନିର୍ବାଚନ କଳଙ୍କମୟ ଅଧ୍ୟାୟ
■ କେବଳ ବିରୋଧୀ ଦଳଙ୍କ ପାଇଁ ଲାଗୁ ହୋଇଥିଲା ଆଚରଣ ବିଧି
■ ସରକାରୀ କର୍ମଚାରୀ ସାଜିଥିଲେ ବିଜେପିର ଏଜେଣ୍ଟ

ତୁକୁନି ସାହୁ କହିଥିଲେ ଯେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କ୍ଷେତ୍ରରେ ଏବଂ ସରକାରୀ କଳର ଅପବ୍ୟବହାର କରି ନିର୍ବାଚନକୁ ପ୍ରଭାବିତ କରିବାରେ ବିଜେପି ସମସ୍ତ ସୀମା ଉଲ୍ଲଂଘନ କରିଛି, ଗଣତନ୍ତ୍ରକୁ ହତ୍ୟା କରାଯାଇଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀ ମାନେ ବିଜେପିର ଏଜେଣ୍ଟ ଭଳି ବ୍ୟବହାର କରୁଥିଲେ। ଇଭିଏମରେ ଭୋଟିଂ ବେଳେ ଯେ କୌଣସି ବଟନ ଚିପିଲେ ପଦ୍ମଫୁଲକୁ ଭୋଟ ଯାଉଥିବା ଅଭିଯୋଗକୁ ବି ଚାପି ଦିଆଗଲା। ଏଇ ସବୁକୁ ଅନୁଶୀଳନ କଲେ ନୂଆପଡା ଉପନିର୍ବାଚନରେ ମୁକ୍ତ ଓ ଅବାଧ ନିର୍ବାଚନ ହେବା ଉକ୍ତି ଏକ ପ୍ରହସନରେ ପରିଣତ ହୋଇଥିଲା। ଇପ୍ସିତା ସାହୁ କହିଥିଲେ ଯେ ସମଗ୍ର ଉପନିର୍ବାଚନ ସମୟରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଭୂମିକା ଯେଉଁଭଳି ସରକାରୀ ଦଳକୁ ଜିତାଇବାକୁ ଖୋଲା ଖୋଲି କାର୍ଯ୍ୟ କରୁଥିଲେ, ତାହା ରାଜ୍ୟର ନିର୍ବାଚନ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ। ଯେଉଁଭଳି ଭାବେ କାର୍ଯ୍ୟରତ ଡିଆଇଜିଙ୍କୁ ଛୁଟିରେ ପଠାଯାଇ ତାଙ୍କ ସ୍ଥାନରେ ଆଇଜି ହିମାଂଶୁ ଲାଲଙ୍କୁ ଦାୟିତ୍ୱ ଦିଆଯାଇଥିଲା, ତାହା ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାକୁ ଏକ ସୁଚିନ୍ତିତ ଯୋଜନା ଥିଲା ବୋଲି ସେ କହିଥିଲେ।

ଭାରତ-ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ସମୀକ୍ଷା

# ଓଡ଼ିଶାର ମର୍ଯ୍ୟାଦା ଦୃଷ୍ଟିରୁ ତ୍ରୁଟିଶୂନ୍ୟ ହେଉ 'ବାରବାଟୀ' ଆୟୋଜନ: ମୋହନ

ଭୁବନେଶ୍ୱର,୧୨।୧୧(ସମିସ): ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରିବାରେ ଓଡ଼ିଶାର ସୁନାମ ରହିଛି। ଅତୀତରେ କଟକ ବାରବାଟୀ ଷ୍ଟାଡିୟମରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଭାବେ ଆୟୋଜନ କରାଯାଇଛି। ତେଣୁ ଆସନ୍ତା ଡିସେମ୍ବର ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ଆୟୋଜିତ ହେବ ସେଥିପାଇଁ ସମସ୍ତ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରାମର୍ଶ ଦେଇଛନ୍ତି।

ବୁଧବାର ଲୋକସେବା ଭବନରେ ଏନେଇ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ କହିଛନ୍ତି ଯେ ଏହି ମ୍ୟାଚ୍ ପ୍ରତି ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ। ତେଣୁ ଓଡ଼ିଶାର ମର୍ଯ୍ୟାଦା ସୁରକ୍ଷିତ ହେବ, ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମ୍ୟାଚ୍ର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଟିକେଟ୍ କିଣାବିକା, ଦର୍ଶକଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଂ ବ୍ୟବସ୍ଥା, ଷ୍ଟାଡିୟମ୍ର ଭିତ୍ତିଭୂମି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଏହି ଅନ୍ତର୍ଜାତୀୟ କ୍ରୀଡ଼ା ସମୟରେ ପୁଲିସ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷା ପ୍ରତି ଏକ ଫୁଲପ୍ରୁଫ୍ ବ୍ୟବସ୍ଥା ରହିବା ଆବଶ୍ୟକ। ଏଥିପାଇଁ ପୁଲିସ ଅଧିକ ସତର୍କ ରହିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ବୈଠକର ସୂଚନା ଅନୁଯାୟୀ ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଂ ବ୍ୟବସ୍ଥା ପାଇଁ ଅଧିକ ଜେନସେଟ୍ ଅଣାଯାଉଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେର୍ ମଧ୍ୟ ଇନଷ୍ଟଲ କରାଯାଉଛି। ଗୋଟିଏ ଜେନସେଟ୍ ଫେଲ୍ ହେଲେ ତୁରନ୍ତ ଆଉ ଗୋଟିଏ ଜେନସେଟ୍ ଚାଲୁ ହେବ ଏବଂ ଲାଇଟିଂ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

ନୂଆପଡ଼ା ଉପନିର୍ବାଚନ

# କଡ଼ାସୁରକ୍ଷାରେ ଇଭିଏମ୍, ୧୪ରେ ଗଣତି

ନୂଆପଡ଼ା,୧୨।୧୧(ସମିସ): ନୂଆପଡ଼ା ଜିଲ୍ଲା ସଦର ନିର୍ବାଚନ ମଣ୍ଡଳୀ-୭୧ରେ ମତଦାନ ଶେଷ ହେବାର ଇତି ମଧ୍ୟରେ ଚବିଶ ଘଣ୍ଟା ବିତିଯାଇଛି। କଡ଼ା ସୁରକ୍ଷା ଭିତରେ ଇଭିଏମ୍ କଣ୍ଟ୍ରୋଲ ରୁମ୍। ଚବିଶ ଘଣ୍ଟା ପରେ ହେବ ଗଣତି। ପ୍ରକାଶ ଯେ ମଙ୍ଗଳବାର ଦିନ ତମାମ ନୂଆପଡ଼ାର ୩୫୮ଟି ମତଦାନ କେନ୍ଦ୍ରରେ ଭୋଟଗ୍ରହଣ ହୋଇଥିବାବେଳେ ନୂଆପଡ଼ାସ୍ଥିତ ନ୍ୟାସନାଲ କଲେଜରେ ଅବସ୍ଥାପିତ କଣ୍ଟ୍ରୋଲ ରୁମରେ ଇଭିଏମ ସବୁ ସିଲ୍ ହୋଇରହିଛି। ଏଥିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏହାକୁ ନେଇ ଜିଲ୍ଲାପାଳ ମଧୁସୂଦନ ଦାଶ ସୂଚନା ଦେଇଛନ୍ତି ଯେ ଶୁକ୍ରବାର ସକାଳ ୮ଟାବେଳେ ଭୋଟ ଗଣତି ଆରମ୍ଭ ହେବ। ପ୍ରଥମେ ପୋଷ୍ଟାଲ ଭୋଟ ଗଣତି କରାଯିବ। ତା'ପରେ ସାଢେ ୮ଟା ସମୟରେ ଇଭିଏମ ଭୋଟ ଗଣତି କରାଯିବ। ଏଥି ସକାଶେ ମୋଟ ୧୪ଟି ଟେବୁଲ ଖଞ୍ଜାଯାଇଛି। ୨୬ଟି



● ସକାଳ ୮ରୁ ହେବ ଭୋଟ୍ ଗଣତି
● ୧୪ ଟେବୁଲ, ୨୬ ରାଉଣ୍ଡ ଗଣନା

ରାଉଣ୍ଡରେ ଗଣତି ହେବାକୁଥିବାବେଳେ କେବଳ ଅଧିକୃତ ଲୋକମାନଙ୍କୁ ହିଁ ପ୍ରବେଶ ଅନୁମତି ଦିଆଯିବ। ଗଣତି ସକାଶେ ଭିତରେ ଏବଂ କେନ୍ଦ୍ର ବାହାରେ ମଧ୍ୟ ସାଧାରଣ ଲୋକଙ୍କ ସକାଶେ ବ୍ୟବସ୍ଥା କରାଯାଇଥିବା କହିଛନ୍ତି। ସୂଚନା ଯୋଗ୍ୟ ଯେ ନିର୍ବାଚନ ମଣ୍ଡଳୀର ମୋଟ ୨ଲକ୍ଷ ୫୪ହଜାର ୪୯୭ ମଧ୍ୟରୁ ୨ଲକ୍ଷ ୧୨ହଜାର ୩୮୫ଜଣ ମତଦାନ କରିଛନ୍ତି।

ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ

# ପଢୁଆଁ ହେଲେ ମହାପ୍ରଭୁ

ପୁରୀ,୧୨।୧୧(ସମିସ): ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ପାଳିତ ହୋଇଛି ପ୍ରଥମାଷ୍ଟମୀ। ପଢୁଆଁ ହୋଇଛନ୍ତି ମହାପ୍ରଭୁ। ଏହି ଅବସରରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ଭୋଗମଣ୍ଡପ ବଢ଼ିବା ପରେ ତିନିବାଡ଼ରେ ମଇଲମ କରାଯାଇ ମହାସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ଠାକୁରଙ୍କୁ ନୂଆ ଲୁଗା ଲାଗି କରାଯାଇଥିଲା। ଚନ୍ଦନ ଲାଗି ସରିବା ପରେ ଦାରୁବିଗ୍ରହଙ୍କୁ ବେଶ କରାଯାଇଥିଲା। ଏହି ବେଶରେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି ହୋଇଥିଲେ ମହାପ୍ରଭୁ। ଦ୍ୱିପ୍ରହର ଧୂପ ପରେ ତିନିବାଡ଼ରେ ମଙ୍ଗଳାର୍ପଣ ନୀତି ସରି ଫୁଲପରିଆ ଖଦି ଛେଦା ପ୍ରସାଦ ଲାଗି କରାଯାଇ ଠାକୁରମାନଙ୍କୁ ବନ୍ଦାପନା କରାଯାଇଥିଲା। ଏହିପରି ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ପ୍ରଥମାଷ୍ଟମୀ ପର୍ବ ପାଳିତ ହୋଇଥିଲା। ଏହି ପର୍ବ ମହାପ୍ରଭୁଙ୍କ ମାନବୀୟ ଲୀଳାର ଏକ ଅନନ୍ୟ ଉଦାହରଣ।

# ଜୁଲାଇ ୧୪ରୁ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ

ଲସ୍ଏଞ୍ଜେଲ୍ସ, ୧୨।୧୧(ଏଜେନ୍ସି): ଆମେରିକାର ଲସ୍ ଏଞ୍ଜେଲ୍ସଠାରେ ହେବାକୁ ଥିବା ୨୦୨୮ ଗ୍ରୀଷ୍ମକାଳୀନ କ୍ରୀଡ଼ାର କାର୍ଯ୍ୟସୂଚୀ ବୁଧବାର ଘୋଷଣା କରାଯାଇଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ ବିଶ୍ୱର ଏହି ଶ୍ରେଷ୍ଠ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଜୁଲାଇ ୧୪ରେ ଆରମ୍ଭ ହେବ। ସେହିପରି ଉଦ୍‌ଯାପନୀ ଉତ୍ସବ ଜୁଲାଇ ୩୦ରେ ଅନୁଷ୍ଠିତ ହେବ ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଦୀର୍ଘ ୧୭ ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଏଥର ୪୯ଟି ଭେନ୍ୟୁରେ ୫୧ଟି କ୍ରୀଡ଼ା ଇଭେଣ୍ଟରେ ୧୧,୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥର ପୁରୁଷଙ୍କ ସହ ସମାନ କିମ୍ବା କିଛି ଅଧିକା ମହିଳା ପ୍ରତିଯୋଗୀ ଭାଗନେଉଛନ୍ତି। ଏଥର ପ୍ରତିଯୋଗିତାର ପ୍ରଥମ ଦିନରେ ମହିଳା ୧୦୦ ମିଟର ଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହେବ ଓ ଦ୍ରୁତତମ ମହିଳା ଧାବିକାଙ୍କୁ ବିଶ୍ୱ ଆଗୁଆ ଜାଣିବ ବୋଲି ଲସ୍ ଏଞ୍ଜେଲ୍ସ-୨୮ ଅଲିମ୍ପିକ୍ କମିଟି ମୁଖ୍ୟ ସାନା ଫରଗୁସନ କହିଛନ୍ତି। ସେହିପରି ପ୍ରଥମ ସପ୍ତାହରେ ଆଥଲେଟିକ୍ସ ଓ ଦ୍ୱିତୀୟ ସପ୍ତାହରେ ସୁଇମିଂ ଇଭେଣ୍ଟ ଅନୁଷ୍ଠିତ ହେବ। ଜୁଲାଇ ୨୯ ବା ପ୍ରତିଯୋଗିତାର ପୂର୍ବଦିନ ୧୫ଟି ବ୍ୟକ୍ତିଗତ ଇଭେଣ୍ଟ ସହ ୨୩ଟି କ୍ରୀଡ଼ାରେ ୨୬ଟି ଗୋଲ୍ଡ ମେଡାଲ ଲାଗି ଲଢ଼େଇ ହେବ।

ସରକାରୀ ବସ୍‌ରେ ନାହିଁ ବ୍ୟବସ୍ଥା

# ଦିବ୍ୟାଙ୍ଗ କ'ଣ ମଣିଷ ନୁହନ୍ତି

ଭୁବନେଶ୍ୱର,୧୨।୧୧(ସମିସ): ଦିବ୍ୟାଙ୍ଗ ଅଧିକାର ଅଧିନିୟମ-୨୦୧୬ର ସେକ୍ସନ-୪୦ ଅନୁସାରେ ଦିବ୍ୟାଙ୍ଗମାନଙ୍କୁ ସମାନ ଅଧିକାର, ସମାନ ସୁଯୋଗ ଓ ସହଭାଗିତା ମିଳିବାରର ବ୍ୟବସ୍ଥା ରହିଛି। ଏହି ଆଇନ୍ ଅନୁଯାୟୀ ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗମାନଙ୍କ ପାଇଁ ରାମ୍ପ, ବସ୍‌ଗୁଡ଼ିକରେ ତଳୁଆ ପ୍ରବେଶ ପଥ ଓ ଦୃଷ୍ଟିବାଧିତଙ୍କ ପାଇଁ 'ଅଡ଼ିଓ-ଭିଜୁଆଲ୍' ବ୍ୟବସ୍ଥା ସାଙ୍ଗକୁ ଦିବ୍ୟାଙ୍ଗମାନଙ୍କ ପାଇଁ ଆବଶ୍ୟକୀୟ ସିଟ୍‌ଗୁଡ଼ିକ ସଂରକ୍ଷିତ ରଖିବାର ନିୟମ ରହିଛି। ବିଶେଷ କରି ସରକାରୀ

■ ପାଳନ ହେଉନି ଦିବ୍ୟାଙ୍ଗ ଅଧିକାର ଅଧିନିୟମ
■ ଦକ୍ଷତା ବିକାଶ କେନ୍ଦ୍ରକୁ ଆସି ଦିବ୍ୟାଙ୍ଗ ହଟହଟା
■ ୨୮ ସୁଦ୍ଧା ବିସ୍ତୃତ ରିପୋର୍ଟ ମାଗିଲେ ଆୟୋଗ

ଯାନବାହନରେ ଏହି ନିୟମ ସୁନିଶ୍ଚିତ କରିବାକୁ କଡ଼ାକଡ଼ି ନିୟମ ରହିଛି। ସୁପ୍ରିମ୍‌କୋର୍ଟ ମଧ୍ୟ ୨୦୨୪ ଏ କ୍ଷେତ୍ରରେ ଦିବ୍ୟାଙ୍ଗମାନଙ୍କ ପାଇଁ ସୁଗମତା ବ୍ୟବସ୍ଥା ଆପଣାଇବାକୁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ୨-ଟାୟାର ସହର ଓ ମେଟ୍ରୋପଲିଟାନ୍ ସହରଗୁଡ଼ିକରେ ଏହି ସେବା ପ୍ରଦାନରେ କୌଣସି ଅବହେଳା ଗ୍ରହଣୀୟ ନ ଥିଲେ ମଧ୍ୟ ଓଡ଼ିଶାରା ରାଜଧାନୀରେ ମଧ୍ୟ ଦିବ୍ୟାଙ୍ଗମାନଙ୍କୁ ଏହି ସୁବିଧା ମିଳିପାରୁ ନାହିଁ। ରାଜ୍ୟରେ ଓଏସ୍‌ଆରଟିସି ଓ ମୋ ବସ୍ ସଂଖ୍ୟା ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ ଅଧିକ ରହିଛି। ମାତ୍ର ଏହି ବସ୍‌ଗୁଡ଼ିକରେ ଏପରି ସେବା ପ୍ରଦାନ ପାଇଁ ବିଭାଗଗୁଡ଼ିକ ଆଦୌ ପ୍ରାସଙ୍ଗିକ ମଣୁନାହାନ୍ତି।

ରାଜ୍ୟରେ ଚାଲୁଥିବା ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗ ଯାତ୍ରୀଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ ହୋଇପାରୁ ନାହିଁ। ମୁଖ୍ୟତଃ ଦୃଷ୍ଟିବାଧିତ ଓ ଚାଲିବାକୁ ଅକ୍ଷମ ଥିବା ମହିଳା ଓ ପୁରୁଷମାନଙ୍କ ପାଇଁ ବସ୍ ଚଢ଼ିବାର କୌଣସି ବ୍ୟବସ୍ଥା ନ ଥିବାରୁ ଏମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।



ଘରୋଇ ବସ୍ ଦୂରର କଥା, ରାଜ୍ୟରେ ଚାଲୁଥିବା ସରକାରୀ ବସ୍‌ଗୁଡ଼ିକରେ ମଧ୍ୟ ଏହି ସୁବିଧା ଉପଲବ୍ଧ କରାଇବାକୁ ବିଭାଗଗୁଡ଼ିକ ଧ୍ୟାନ ଦେଉନାହାନ୍ତି। ଯାହାଦ୍ୱାରା ସରକାରଙ୍କ କଡ଼ା ନିୟମ ଥିବା ସତ୍ତ୍ୱେ ଦିବ୍ୟାଙ୍ଗମାନଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ ରଖାଯାଉଛି।

ରାଜ୍ୟକୁ ଅନେକ ସମୟରେ ବିଦେଶରୁ ଅନେକ ଦିବ୍ୟାଙ୍ଗ ଆସୁଛନ୍ତି। ହେଲେ ଦିବ୍ୟାଙ୍ଗଙ୍କ ପାଇଁ ପରିବହନ ବ୍ୟବସ୍ଥାରେ ସେଭଳି କୌଣସି ବ୍ୟବସ୍ଥା ଉପଲବ୍ଧ ନ ଥିବାରୁ ରାଜ୍ୟର ଛବି ମଧ୍ୟ ବିଦେଶସ୍ତରରେ ଖରାପ ହେଉଛି। ଗତ ୨ ମାସ ତଳେ କଳିଙ୍ଗ ଷ୍ଟାଡିୟମରେ ଷ୍ଟେଟ୍ ପାରା ଆଥଲେଟ୍ ଚାମ୍ପିୟନସିପ୍ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ଅନେକ ଦିବ୍ୟାଙ୍ଗ କଳିଙ୍ଗ ଷ୍ଟାଡିୟମକୁ ଆସିଥିବା ବେଳେ ଯାତ୍ରା କରିବା କ୍ଷେତ୍ରରେ ବହୁ ସମସ୍ୟାରେ ପଡ଼ିଛନ୍ତି। ଏହା ବ୍ୟତୀତ ଗତ କିଛି ଦିନ ତଳେ ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାକୁ ୭୦ ଜଣ ଦିବ୍ୟାଙ୍ଗ ବାଳକ ଓ ବାଳିକା ଓଲଟପୁରରୁ ଆସିଥିଲେ। ବସ୍‌ଗୁଡ଼ିକରେ ଏହି ଦିବ୍ୟାଙ୍ଗମାନଙ୍କ ଚଢ଼ିବା ଓ ଓହ୍ଲାଇବା ପାଇଁ କୌଣସି ବିଶେଷ ସୁବିଧା ନ ଥିବାରୁ ସେମାନେ ବହୁ କଷ୍ଟରେ ବୁହା ହୋଇ ଭିତରକୁ ଯାଇଥିଲେ, ଏହା ସେମାନଙ୍କ ମାନବିକ ଅଧିକାରର ଉଲ୍ଲଂଘନକୁ ଦର୍ଶାଉଥିବା ବେଳେ ସେମାନଙ୍କ ପାଇଁ ରହିଥିବା ସରକାରୀ ନିୟମର ଉଲ୍ଲଂଘନ। ନିକଟରେ ମୋ ବସ୍ (ଆମ୍‌ବସ୍)ରେ ଏଭଳି ତିକ୍ତ ଅନୁଭୂତିକୁ ନେଇ ମଣ୍ଟୁଦାସ ନାମକ ଜଣେ ଦିବ୍ୟାଙ୍ଗ ଅଧିକାର କର୍ମୀ ରାଜ୍ୟ ଭିନ୍ନକ୍ଷମ ଆୟୋଗଙ୍କ କୋର୍ଟରେ ଲିଖିତ ଅଭିଯୋଗ କରିଥିଲେ। ମୋ ବସ୍‌ଗୁଡ଼ିକରେ ଦିବ୍ୟାଙ୍ଗମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନ ଥିବା ସେ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ନେଇ ଆୟୋଗ ମୋ ବସ୍ ପରିଚାଳନା ସଂସ୍ଥା 'କ୍ରୁଟ୍'କୁ ଆସନ୍ତା ୨୮ ତାରିଖ ସୁଦ୍ଧା ଏ ସମ୍ପର୍କିତ ବିସ୍ତୃତ ବିବରଣୀ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଘଟଣା ପରେ ମଧ୍ୟ ସରକାରୀ ବସ୍‌ରେ ଦିବ୍ୟାଙ୍ଗଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ଉପଲବ୍ଧ ନ ହେବା ସରକାରୀ ଅଧିକାରୀଙ୍କ ମନୋଭାବ ଉପରେ ପ୍ରଶ୍ନ ସୃଷ୍ଟି କରିଛି।

# ଓଡ଼ିଶାର ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି: ଅମିତାଭ୍ ବଚ୍ଚନ

ଭୁବନେଶ୍ୱର,୧୨।୧୧(ସମିସ): ଓଡ଼ିଶାର ଏକ ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି ବୋଲି କହିଛନ୍ତି ବିଗ୍ ବି ଅଭିତାଭ ବଚ୍ଚନ। ବୁଧବାର କଳାଭୂମିଠାରେ ଆୟୋଜିତ ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନଃରୁଦ୍ଧାର କର୍ମଶାଳା-୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ଶ୍ରୀ ବଚ୍ଚନ କହିଛନ୍ତି, ଏହି ପରମ୍ପରା ୧୯୩୬ ମସିହାରୁ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ସୀତା ବିବାହ ଚଳଚ୍ଚିତ୍ରରୁ ଆରମ୍ଭ ହୋଇଛି। ଓଡିଆ ଚଳଚ୍ଚିତ୍ର ଜଗତର ବିକାଶ ଯାତ୍ରାରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଘନଶ୍ୟାମ ମହାପାତ୍ର, ପ୍ରଫୁଲ୍ଲ ସେନଗୁପ୍ତ, ନିତାଇ ପାଲିତ୍, ପାର୍ବତୀ ଘୋଷ, ପ୍ରଶାନ୍ତ ନନ୍ଦ, ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଝରଣା ଦାସଙ୍କ ପରି କିମ୍ବଦନ୍ତୀ ଓଡିଆ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଅବଦାନକୁ ସେ ପ୍ରଶଂସା କରିଥିଲେ। ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ୱହିଦା ରେହମାନ ଯୋଗଦେଇ ଚଳଚ୍ଚିତ୍ର ସଂରକ୍ଷଣ କ୍ଷେତ୍ରରେ ଓଡିଶା ସରକାରଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ଏବଂ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆର୍କାଇଭ୍‌ର ମିଳିତ ଆନୁକୂଲ୍ୟରେ ଭାରତୀୟ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା-୨୦୨୫ର ଦଶମ ସଂସ୍କରଣର ଉଦଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ



■ ୧୦ମ ଚଳଚ୍ଚିତ୍ର ସରଂକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା-୨୦୨୫ ଉଦ୍‌ଘାଟିତ
■ କାର୍ଯ୍ୟକ୍ରମରେ ଯୋଗଦେଲେ ବିଶିଷ୍ଟ ଅଭିନେତ୍ରୀ ୱହିଦା ରେହମାନ
■ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ 'ଚାମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ'

ଆମ ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ ବୋଲି କହିଥିଲେ। ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ଘୋଷଣା କରିବା ସହ ଓଡିଆ ଚଳଚ୍ଚିତ୍ରର ହୃତଗୌରବ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି କହିଥିଲେ। ୧୯ ତାରିଖ ଯାଏ ଚାଲିବାକୁ ଥିବା ଏହି କର୍ମଶାଳାରେ ଦେଶ ବିଦେଶର ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଗବେଷକ, ସଂରକ୍ଷକ ଯୋଗ ଦେଇଛନ୍ତି। ଏହି ଅବସରରେ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ପକ୍ଷରୁ ରବିନ୍ ବେକରଙ୍କୁ 'ଆଉଟଷ୍ଟାଣ୍ଡିଙ୍ଗ ଫିଲ୍ମ ହେରିଟେଜ ପୁରସ୍କାର' ଏବଂ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ 'ଚମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପ୍ରାରମ୍ଭରେ ଫାଉଣ୍ଡେସନ୍‌ର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଦୀକ୍ଷା ତିୱାରୀ ସଂଯୋଜନା କରିଥିଲେ।

# ଆନ୍ଧ୍ର ଡିପୋରେ ଓଡ଼ିଶା ଗଞ୍ଜେଇ

ଭୁବନେଶ୍ୱର,୧୨।୧୧(ସମିସ): ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ (ଡିଆରଆଇ) ହାବୁଡ଼ରେ ପଡ଼ିଛନ୍ତି ନିଶା ମାଫିଆ। ବିଜୟୱାଡାର ଏକ ଗୋଦାମରୁ ୨୪୯ କିଲୋ ଗଞ୍ଜେଇ ଓ ୨ଟି ଟ୍ରକକୁ ଜବତ କରିଛି। ଚାଲାଣର ମାଷ୍ଟର ମାଇଣ୍ଡ ସମେତ ୫ ଜଣଙ୍କୁ ଗିରଫ କରିଛି ଡିଆରଆଇ। ସେମାନେ ହରିୟାଣା ଓ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି।

■ ବିଜୟୱାଡ଼ା ଗୋଦାମରେ ଡିଆର୍‌ଆଇର ଚଢ଼ଉ
■ ଦୁଇ ଟ୍ରକ୍ ସହ ୨୫୦ କିଲୋ ଗଞ୍ଜେଇ ଜବତ
■ 'ଇଗଲ' ପଞ୍ଝାରେ ପଡ଼ିଲେ ୫ ହରିଆଣା ବେପାରୀ



ସୂଚନା ମୁତାବକ, ଓଡ଼ିଶାରୁ ଗଞ୍ଜେଇ ନେଇ ବିଜୟୱାଡାର ଏକ ଗୋଦାମରେ ଗଚ୍ଛିତ ରଖା ଯାଇଥିବା ନେଇ ଡିଆରଆଇ ଖବର ପାଇଥିଲା। ଡିଆରଆଇ ଓ ଆନ୍ଧ୍ରପ୍ରଦେଶ ପୁଲିସ (ଇଗଲ୍ ଟିମ୍) ମିଳିତ ଭାବେ ଉକ୍ତ ଗୋଦାମରେ ଚଢ଼ଉ କରିଥିଲେ। ଗୋଦାମ ଓ ଏହା ପରିସରରେ ଥିବା ଉତ୍ତରପ୍ରଦେଶ ପଞ୍ଜିକୃତ ଏକ ଟ୍ରକର ସିକ୍ରେଟ୍ ଚାମ୍ବରରୁ ୨୪୨ ପ୍ୟାକେଟ ଗଞ୍ଜେଇ ମିଳିଥିଲା। ଓଜନ ବେଳେ ଏହା ୨୪୯ କିଲୋ ଥିବା ଜଣାପଡ଼ିଥିଲା। ଗୋଦାମ ପରିସରରୁ ଆନ୍ଧ୍ରପ୍ରଦେଶ ନମ୍ବର ବିଶିଷ୍ଟ ଏକ ଟ୍ରକ୍ ମଧ୍ୟ ଜବତ ହୋଇଥିଲା।

ଅଭିଯୁକ୍ତମାନେ ଓଡ଼ିଶାରୁ ଗଞ୍ଜେଇ ଆଣିବା ପୁଲିସ ନଜରରୁ ଖସିବା ପାଇଁ ଏକ ବିକଳ୍ପ ବ୍ୟବସ୍ଥା ଆପଣାଇଥିଲେ। ସେଥିଲାଗି ଉତ୍ତରପ୍ରଦେଶ ବଦଳରେ ଆନ୍ଧ୍ରପ୍ରଦେଶ ନମ୍ବର ବିଶିଷ୍ଟ ଟ୍ରକ୍ ବ୍ୟବହାର କରି ଗଞ୍ଜେଇକୁ ବିଜୟୱାଡା ସ୍ଥିତ ଗୋଦାମକୁ ନେଇଥିଲେ। ଗୋଦାମ ପରିସରରେ ଗଞ୍ଜେଇକୁ ଅନଲୋଡ୍ କରିଥିଲେ। ଅନୁରୂପ ଭାବେ, ଆନ୍ଧ୍ରପ୍ରଦେଶରୁ ଉତ୍ତରପ୍ରଦେଶକୁ ଚାଲାଣ ପାଇଁ ୟୁପି ନମ୍ବର ବିଶିଷ୍ଟ ଏକ ଟ୍ରକରେ କିଛି ଗଞ୍ଜେଇ ଲୋଡ୍ କରିଥିଲେ। ହେଲେ ସେତିକିବେଳେ ଡିଆରଆଇ ଓ ଆନ୍ଧ୍ରପ୍ରଦେଶ ପୁଲିସ ଚଢ଼ଉ କରି ଟ୍ରକ୍ ଓ ଗଞ୍ଜେଇ ଜବତ କରିବା ସହ ୪ ଜଣଙ୍କୁ ଜବତ କରିଥିଲା। ଅନ୍ୟ ଏକ ସ୍ଥାନରେ ଚଢ଼ଉ କରି ଓଡ଼ିଶାରୁ ଆନ୍ଧ୍ରପ୍ରଦେଶକୁ ଗଞ୍ଜେଇ ଚାଲାଣରେ ସଂପୃକ୍ତ ଆଉ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଦେଇ ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଗଞ୍ଜେଇ ଚାଲାଣ କରିଥାନ୍ତେ ବୋଲି ଡିଆରଆଇ ପକ୍ଷରୁ କୁହାଯାଇଛି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାର ପଞ୍ଜୀକରଣ ଆରମ୍ଭ

କଟକ,୧୨।୧୧(ସମିସ): ଆସନ୍ତା ୨୦୨୬-୨୭ ଶିକ୍ଷାବର୍ଷରେ ରାଜ୍ୟର ସମସ୍ତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ସିଧାସଳଖ ପ୍ରବେଶ ପାଇଁ ଏବଂ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀରେ ଖାଲି ଆସନରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ପାଇଁ ଅନଲାଇନ ମାଧ୍ୟମରେ ଆବେଦନ ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ପିତାମାତା ଏହି ପଞ୍ଜୀକରଣ କରିପାରିବେ। ଯଦି କିଛି ସମସ୍ୟା ଥାଏ ତାହେଲେ ସହାୟକ ଦସ୍ତାବିଜ ସହିତ ସେମାନଙ୍କ ବ୍ଲକ ମଧ୍ୟରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ ସହିତ ଯୋଗାଯୋଗ କରିପାରିବେ। ଅନଲାଇନ୍ ପଞ୍ଜୀକରଣ ପାଇଁ ଲିଙ୍କ୍ ଆଜିଠାରୁ ଆସନ୍ତା ନଭେମ୍ବର ୨୫ ମଧ୍ୟରାତ୍ରୀ ପର୍ଯ୍ୟନ୍ତ ବୋର୍ଡ ୱେବସାଇଟରେ ଉପଲବ୍ଧ ରହିବ। ପଞ୍ଜୀକରଣ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ, ସହାୟତା ପାଇଁ ନିମ୍ନଲିଖିତ ହେଲ୍ପଲାଇନ୍ ଫୋନ୍ ନମ୍ବର ୯୮୬୧୯୨୪୮୦୭ରେ ଯୋଗାଯୋଗ କରିବାକୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ସରକାରୀ ଭୁଲ୍‌ର ପରିଣତି ଭୋଗୁଛନ୍ତି ନିଯୁକ୍ତି ଆଶାୟୀ

# ନିଯୁକ୍ତି ଦ୍ୱନ୍ଦ୍ୱରେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକ

ଭୁବନେଶ୍ୱର, ୧୨।୧୧ (ସମିସ): ଲିଭ୍ ଟ୍ରେନିଂ ଟିଚର (ଏଲ୍‌ଟିଆର୍) ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ବ୍ୟାପକ ତ୍ରୁଟି ରହିଛି। ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମଧ୍ୟ ପରୀକ୍ଷା ପରିଚାଳନା ହୋଇନାହିଁ। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଫାଡ଼ିବା ମଧ୍ୟ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)କୁ ବିବାଦୀୟ କରିଛି। ଯାହାର ପରିଣତି ଭୋଗୁଛନ୍ତି ମେଧାବୀ ଛାତ୍ରଛାତ୍ରୀ। ଆସନ୍ତା ୧୫ ତାରିଖରେ ଅନ୍ୟ ସମସ୍ତ ବିଷୟରେ ନିଯୁକ୍ତ ଶିକ୍ଷକଙ୍କ ନିଯୁକ୍ତି ମେଳା ଅନୁଷ୍ଠିତ ହେଉଥିବାବେଳେ ଏଲ୍‌ଟିଆର୍ ସଂସ୍କୃତ ଶିକ୍ଷକଙ୍କ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଉନାହିଁ।

ଅଧିକ ଆବେଦନକାରୀ ଥିଲେବି ହେଲାନି ପ୍ରିଲିମିନାରୀ

ପରୀକ୍ଷା ପୂର୍ବରୁ ସଂସ୍କୃତ ପ୍ରଶ୍ନପତ୍ର ଖୋଲିଥିଲା ଓଏସ୍‌ଏସ୍‌ସି

ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ମୋଟ୍ ପଦର ପାଞ୍ଚଗୁଣାରୁ ଅଧିକ ପ୍ରାର୍ଥୀ ଆବେଦନ କଲେ ପ୍ରିଲିମିନାରୀ ପରେ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ଅର୍ଥାତ୍ ଛାତ୍ରଛାତ୍ରୀମାନେ ଦୁଇଟି ପରୀକ୍ଷା ଦେବେ। ଏହି ଆଧାରରେ ବିଜ୍ଞାନ ଓ କଳାର ଏକାଧିକ ବିଷୟରେ ଉଭୟ ପ୍ରିଲିମିନାରୀ ଓ ମୁଖ୍ୟ ପରୀକ୍ଷା ହେଇଛି। ହେଲେ ହିନ୍ଦୀ ଓ ସଂସ୍କୃତ କ୍ଷେତ୍ରରେ ଏହାକୁ ନିଜେ ଓଏସ୍‌ଏସ୍‌ସି ଉଲଂଘନ କରିଛି। ହିନ୍ଦୀରେ ୭୧୧ ପଦ ଥିବାବେଳେ ମୋଟ୍ ୪୪୮୫ ଜଣ ଅର୍ଥାତ୍ ପ୍ରାୟ ୬ ଗୁଣା ଆଶାୟୀ ଆବେଦନ କରିଥିଲେ। ସେହିପରି ସଂସ୍କୃତରେ ମୋଟ୍ ୭୨୯ଟି ପଦ ଥିବାବେଳେ ଏଥିପାଇଁ ପ୍ରାୟ ୪୯୬୯ ଜଣ ଆଶାୟୀ ଅର୍ଥାତ୍ ପ୍ରାୟ ୭ଗୁଣା ଆଶାୟୀ ଆବେଦନ କରିଥିଲେ। ହେଲେ ଏହି ଦୁଇଟି ବିଷୟ ପାଇଁ ପ୍ରିଲିମିନାରୀ ପରୀକ୍ଷା ବଦଳରେ ସିଧାସଳଖ ମୁଖ୍ୟ ପରୀକ୍ଷା କରାଯାଇଛି। ଏନେଇ ବହୁ ଆଶାୟୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ପରୀକ୍ଷା ରଦ୍ଦ କରିବାକୁ ଦାବି କରିଛନ୍ତି। କିପରି ଓ କାହିଁକି ନିଜ ନିୟମ ନିଜେ ଓଏସ୍‌ଏସ୍‌ସି ଉଲଂଘନ କଲା, ସେ ସମ୍ପର୍କରେ ଅଧିକାରୀମାନେ ମୁହଁ ଖୋଲୁ ନାହାନ୍ତି।

ଅନୁରୂପ ଭାବେ ଉଭୟ ବିଷୟରେ ୨୦ ନମ୍ବର ଲେଖାଏଁ ପେଡାଗୋଜୀ ବିଷୟର ପ୍ରଶ୍ନପତ୍ର ଆସିଥିଲା। ଇଂରାଜୀ ଭାଷା ସହ ସଂପୃକ୍ତ ବିଷୟ (ହିନ୍ଦୀ ବା ସଂସ୍କୃତ) ଭାଷାରେ ଆସିବାକୁ ବିଜ୍ଞପ୍ତିରେ ଉଲ୍ଲେଖ ଥିଲା। ପ୍ରଥମେ ହିନ୍ଦୀ ପରୀକ୍ଷାରେ କେବଳ ହିନ୍ଦୀ ଭାଷାରେ ପେଡାଗୋଜୀ ପ୍ରଶ୍ନପତ୍ର ଆସିଥିବାରୁ ତତ୍‌କ୍ଷଣାତ୍ ପେଡ଼ାଗୋଜୀ ପରୀକ୍ଷା ଆଉଥରେ ହେବ ବୋଲି ଓଏସ୍‌ଏସ୍‌ସି ଘୋଷଣା କରିଥିଲା। ହେଲେ ୨ଦିନ ପରେ ହେବାକୁ ଥିବା ସଂସ୍କୃତ ପରୀକ୍ଷା ପ୍ରଶ୍ନପତ୍ରରେ ମଧ୍ୟ ସମାନ ତ୍ରୁଟି ଥିବାରୁ ରାତାରାତି ବିକଳ୍ପ ଖୋଜିଲା। ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଖୋଲିବା ସହ ପୋଡାଗୋଜୀ ପ୍ରଶ୍ନପତ୍ର ଇଂରାଜୀ ଭାଷାକୁ ଟ୍ରାନ୍ସଲେଟ୍ କରି ପରୀକ୍ଷାର୍ଥୀଙ୍କୁ ଜେରକ୍ସ କପି ଦେଇଥିଲେ। ଅର୍ଥାତ୍ ପରୀକ୍ଷା ପୂର୍ବରୁ ସଂସ୍କୃତ ପ୍ରଶ୍ନପତ୍ର ଖୋଲା ଯାଇଥିବା ଅକ ପ୍ରକାର ସ୍ପଷ୍ଟ ହୋଇଥିଲା। ଏପରିକି ପରୀକ୍ଷା ପରେ ସିରିଏଲ୍ ନମ୍ବର ସହ ପ୍ରଶ୍ନପତ୍ର ପ୍ୟାକେଟ୍ ଫଟୋ ଭାଇରାଲ୍ ମଧ୍ୟ ହୋଇଥିଲା। ରାଜଧାନୀ କଲେଜ ପରୀକ୍ଷା କେନ୍ଦ୍ରରୁ ଏହା ଭାଇରାଲ୍ ହୋଇଥିବା ପରୀକ୍ଷାର୍ଥୀମାନେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନି। ପାଞ୍ଚଗୁଣାରୁ ଅଧିକ ଆବେଦନକାରୀ ଥାଇ ମଧ୍ୟ ପ୍ରଲିମିନାରୀ ପରୀକ୍ଷା ନ କରିବା ଏବଂ ଇଂରାଜୀ ଭାଷାରେ ପେଡାଗୋଜୀ ପ୍ରଶ୍ନପତ୍ର ନ ଆସିବାରୁ ହିନ୍ଦୀ ପରୀକ୍ଷାକୁ ହାଇକୋର୍ଟ ରଦ୍ଦ କରିଛନ୍ତି।

ଅନୁରୂପ ଭାବେ ସଂସ୍କୃତ ଶିକ୍ଷକ ଆଶାୟୀମାନେ ମଧ୍ୟ ପରୀକ୍ଷା ରଦ୍ଦ ହୋଇଯିବା ନେଇ ଆଶଙ୍କା ପ୍ରକାଶ କରୁଛନ୍ତି। ଦୀର୍ଘ ସାତ ମାସ ହେଲା ପରୀକ୍ଷା ଦେଇ ମେଧା ଭିତ୍ତିରେ ଚୟନ ହୋଇଥିଲେ ମଧ୍ୟ କାହିଁକି ସେମାନଙ୍କୁ ନିଯୁକ୍ତି ଦିଆ ଯାଉନାହିଁ ବୋଲି କୃତୀ ପରୀକ୍ଷାର୍ଥୀମାନେ ପ୍ରଶ୍ନ କରୁଛନ୍ତି। ଏପରିକି ଆସନ୍ତା ୧୫ ତାରିଖ ପୂର୍ବରୁ ସେମାନଙ୍କ ପରୀକ୍ଷାଫଳ ପ୍ରକାଶ କରି ସମସ୍ତଙ୍କ ସହ ନିଯୁକ୍ତି ପତ୍ର ଦେବାକୁ ଦାବି କରି ଆନ୍ଦୋଳନ କରୁଛନ୍ତି। ହେଲେ ବ୍ୟାପକ ଭୁଲ୍ କରିଥିବା ଓଏସ୍‌ଏସ୍ କୋର୍ଟରେ ମାମଲା ବିଚାରାଧୀନ ଥିବା କହି ହାତ ଟେକି ଦେଇଛି। ଯାହାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।







## ଐତିହାସିକ କଟକ ବାଲିଯାତ୍ରାର ଅଷ୍ଟମ ସନ୍ଧ୍ୟା

# ରିଷିଙ୍କ ଜଲ୍‌ୱାରେ ଝୁମିଲେ ଦର୍ଶକ




**କଟକ,୧୨।୧୧(ସମିସ):** ଇଣ୍ଡିଆନ୍ ଆଇଡଲ୍ ବିଜେତା ରିଷି ସିଂହଙ୍କ ଗୋଟିଏ ପରେ ଗୋଟିଏ ସୁପରହିଟ୍ ଗୀତ ବାଲିଯାତ୍ରାର ୮ମ ସନ୍ଧ୍ୟାକୁ ପୁଲକିତ କରିଥିଲା। ଗଣକବି ବୈଷ୍ଣବ ପାଣି ମଞ୍ଚରେ ରିଷି ନିଜ ମ୍ୟୁଜିକାଲ ଟିମ୍ ସହିତ ବଲିଉଡ୍‌ର ସୁପରହିଟ୍ ଗୀତ ଗାନ କରିଥିଲେ। ଜରା ସି ଦିଲ୍ ମେ ଜଗା ତୁ, ଯୋ ଭେଜି ଥି ଦୁଆ, ହମ୍ ତେରେ ବିନ୍ ଅବ ରେହ ନେହିଁ ସକତେ, ତୁ ଇତନା ଜରୁରି କେସେ ହୁଆ ଗୀତରେ ଦର୍ଶକ ଏକଜୁଟ୍ ହୋଇ ନୃତ୍ୟ ପରିବେଷଣ କରିବାକୁ ଲାଗିଥିଲେ। ରିଷିଙ୍କ କିଛି ଘଣ୍ଟାର କାର୍ଯ୍ୟକ୍ରମ ଏହି ଐତିହାସିକ ଯାତ୍ରାର ଦେଖଣାହାରୀଙ୍କୁ ଘଡିଏ ଛିଡ଼ା ରହିବାକୁ ବାଧ କରି ଦେଇଥିଲା।

ବୁଧବାର ଥିବାରୁ ବାଲିଯାତ୍ରାର ଅଷ୍ଟମ ସନ୍ଧ୍ୟାରେ ବେଶ୍ ଭିଡ ପରିଲକ୍ଷିତ ହୋଇଥିଲା। ସାଂସ୍କୃତିକ ମଞ୍ଚରେ ଦେଖିବାକୁ ମିଳିଥିଲା ଉତ୍କଳୀୟ କଳା ଓ ସଂସ୍କୃତିର ବିଚିତ୍ର ସମ୍ମିଳନ। ଶିବାନୀ ମୁଣ୍ଡା ଓ ବିଶ୍ୱଜିତ ଜେନା କାର୍ଯ୍ୟକ୍ରମ ଉପସ୍ଥାପନା କରିଥିବା ବେଳେ ଆରଜେ ମାଳୟା କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ। ଅପରାହ୍ଣରେ ନାଦ ବ୍ରହ୍ମ କଳାଶ୍ରୀ ପରିଷଦର କଳାକାର ଗାୟତ୍ରୀ ନାୟକଙ୍କ ସୁମଧୁର ଭଜନ ପରିବେଷଣ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାପରେ ତ୍ରିନେତ୍ର କଳା କୁଞ୍ଜର ରାମାକାନ୍ତ ସାହୁଙ୍କ ଦ୍ୱାରା ଆକର୍ଷଣୀୟ କାଳୀ ନୃତ୍ୟ ପରିବେଷିତ ହୋଇଥିଲା। ସରସ୍ୱତୀ କଳା କେନ୍ଦ୍ରରୁ ମାନସ ପାଣି ସେମି କ୍ଲାସିକାଲ୍ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀ ଗୋପାଳ ଜୁଏଲ୍ କଳା ନିକେତନର ସୁନନ୍ଦା ମହାନ୍ତିଙ୍କ ଶିବ ତାଣ୍ଡବ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ଆଇ.ଏମ୍. ଭି.ଏସ୍‌ର ବିଶ୍ୱମ୍ବର ସାହୁ ଲୋକନୃତ୍ୟ ପରିବେଷଣ କରିଥିଲେ। କୋଶଲ୍ ଫୋକ୍ ଏକାଡେମୀର ନବଘନ ଦାଶଙ୍କ ଡାଲଖାଇ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଜନତାଙ୍କୁ ଝୁମାଇ ଦେଇଥିଲା। ନୃତ୍ୟମ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ବନ୍ଦିତା ଧୱନଙ୍କ ଦ୍ୱାରା "କୃଷ୍ଣ ରସ ଲୀଳା" ପରିବେଷିତ ହୋଇଥିଲା। ସ୍କାଇଲାର୍କ ଏକାଡେମୀର ସୌଦାମିନୀ ପଟ୍ଟନାୟକ ଏବଂ ବୃନ୍ଦାବନ ସଂସ୍କୃତି ଅନୁଷ୍ଠାନର ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ଯଥାକ୍ରମେ ସମ୍ବଲପୁରୀ ନୃତ୍ୟ ଓ "ସମ୍ବଲପୁରୀ ବାଜାସାଲ ପରିବେଷିତ ହୋଇଥିଲା। ଦ ଭଏସ୍ ଅଫ୍ ଲଭ୍‌ର ରାଜ କୁମାର ଶତପଥୀ ଲୋକସଙ୍ଗୀତ ଗାନ କରିଥିବା ବେଳେ ପାୟଲ ମ୍ୟୁଜିକ୍ ସ୍କୁଲର ଦେବାଶିଷ ସାମଲ ସମ୍ବଲପୁରୀ ସଙ୍ଗୀତରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ସେହିପରି ଅକ୍ଷୟ ମହାନ୍ତି ମଞ୍ଚର ଓଲିଉଡ୍ ନାଇଟ୍‌ରେ ମୁଖ୍ୟ ଆକର୍ଷଣ ଥିଲେ ମଣ୍ଟୁ ଛୁରିଆ। ରଙ୍ଗବତୀ ଗୀତରୁ ମଣ୍ଟୁ ମଞ୍ଚ ପ୍ରବେଶ କରିଥିଲେ। ଝଲମଲ, ଲାଲ ଟହଟହ, ରସିଆ, ସେଲ୍ଫି ବେବୋ ଭଳି ଗୀତ ସବୁ ମଣ୍ଟୁଙ୍କ କାର୍ଯ୍ୟକ୍ରମର ଆକର୍ଷଣ ଥିଲା।






### ଗୋଟିଏ ଦିନ ବଢ଼ିଲା କଟକ ବାଲିଯାତ୍ରା

ଐତିହାସିକ ବାଲିଯାତ୍ରା କଟକ-୨୦୨୫ ଗୋଟିଏ ଦିନ ପାଇଁ ବଢ଼ିଛି। ମହାନଦୀ କୂଳରେ ୮ ଦିନ ହେବ ଚାଲିଥିବା ଏହି ମୁକ୍ତାକାଶ ବାଣିଜ୍ୟ ମହାମେଳା ଗୁରୁବାର ଶେଷ ହେବ। ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା ଘୋଷଣା କରିଛନ୍ତି। ୧୨ ତାରିଖ ପରିବର୍ତ୍ତେ ଆସନ୍ତାକାଲି ତଥା ୧୩ ତାରିଖ ଦିନ ବାଲିଯାତ୍ରା ଉଦ୍‌ଯାପିତ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ଦିଲ୍ଲୀ ବିସ୍ଫୋରଣ ପରେ ହାଇଆଲର୍ଟରେ ରହିଛି ଐତିହାସିକ କଟକ ବାଲିଯାତ୍ରା। ବାଲିଯାତ୍ରା ପଡିଆରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ସହରର ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚ କଡାକଡି କରାଯାଉଥିବା ବେଳେ ମେଳା ପଡିଆରେ ୭୦ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପଡିଆକୁ ବିଭିନ୍ନ ସେକ୍ଟରରେ ଭାଗ କରାଯାଇ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଦାୟିତ୍ୱ ବାଣ୍ଟି ଦିଆଯାଇଛି। ଏହାସହ ବୋମା ନିଷ୍କ୍ରିୟକାରୀ ଦଳ, ସନ୍ଧାନୀ କୁକୁର, କୁଇକ ଆକ୍ସନ ଟିମ, ସ୍ୱତନ୍ତ୍ର ବନ୍ଧୁକଧାରୀ ପୁଲିସଙ୍କୁ ମଧ୍ୟ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯାଇଛି।






# ଖେଳରେ ଟଙ୍କା; ଟଙ୍କାରେ ଖେଳ

**ବାଲିଯାତ୍ରା କାହା ପାଇଁ କେମିତି। କିଛି ଆସନ୍ତି ପରିବାର ଧରି ଆମୋଦପ୍ରମୋଦ ପାଇଁ ଆଉ କିଛି କିଣାକିଣି କରିବାକୁ। ହେଲେ ଏମିତି କିଛି ଜଣ ଆସନ୍ତି ଯେଉଁମାନେ ଖୋଜିଖୋଜି ପହଞ୍ଚିଯାନ୍ତି ମେଳା ପଡ଼ିଆରେ ହେଉଥିବା ବିଭିନ୍ନ ପ୍ରକାରର ଖେଳ ନିକଟରେ। ଏସବୁ ଖେଳିବା ପାଇଁ ଟଙ୍କା ଦେବାକୁ ପଡେ। ଆଉ ଖେଳରେ ଜିତିଲେ ଟଙ୍କା ବି ମିଳେ। ମୋଟାମୋଟି ଭାବେ କହିବାକୁ ଗଲେ ମେଳା ପଡ଼ିଆରେ ଚାଲିଛି ଟଙ୍କାର ଖେଳ....**

**କଟକ,୧୨।୧୧(ସମିସ):** ଜୁଆ ଖେଳ ନୁହେଁ, ହେଲେ ଜୁଆ ଭଳି। ଲୋଭରେ ପଡି ଅନେକ ଲୋକ ପକେଟ୍ ଫାଙ୍କା କରି ଯାଉଛନ୍ତି। ଆଉ କେହିକେହି ୨୦ଟଙ୍କା ଦେଇ ଜିତି ଯାଉଛନ୍ତି ନଗଦ ୧୦୦ଟଙ୍କା କି ତା'ଠୁ ଅଧିକ ଟଙ୍କାର ସାମଗ୍ରୀ। ପ୍ରଶାସନ ପକ୍ଷରୁ କିଛି ନିର୍ଦ୍ଦିଷ୍ଟ ଖେଳ ଉପରେ କଟକଣା ଲାଗିଛି। ତଥାପି ତଳପଡ଼ିଆର ନଦୀକୂଳରେ ଲମ୍ବିଛି ଏଭଳି ଖେଳର ଆସର।

### ଡଟ୍ ପଏଣ୍ଟ ଆଉ ଲକି-୭

ଏକ ବୋର୍ଡ ଉପରେ ଛୋଟଛୋଟ ଅକ୍ଷରେ ଲେଖାଯାଇଥାଏ ୧ରୁ ୭ ଭିତରେ ସବୁ ସଂଖ୍ୟା। ୩ଟି ଥ୍ରୋ- ପିନ୍ ମିଳେ। ୩ଟି ଉପାୟରେ ଟଙ୍କା ଲଗାଇବାକୁ ପଡେ। ୭ ତଳକୁ, ୭ ଏବଂ ୭ ଉପରକୁ। ଯେତିକି ଟଙ୍କା ବାଜିରେ ଲଗେଇବ ଟାର୍ଗେଟ ପୂରଣ କଲେ ଏହାଠାରୁ ଦୁଇ ଗୁଣା ଟଙ୍କା ମିଳିବ। ଯେପରିକି ଜଣେ ବ୍ୟକ୍ତି ୭ ତଳକୁ ଥିବା ୫ ଓ ୬ରେ ୫୦ଟଙ୍କା ଲଗାଏ। ୩ଟି ଥ୍ରୋ-ପିନରେ ଯଦି ସେ ଏହି ସଂଖ୍ୟା ହାସଲ କରେ ତାହେଲେ ୧୦୦ଟଙ୍କା ଦେବ ବ୍ୟବସାୟୀ। ନଚେତ୍ ୨୦ଟଙ୍କା ବି ହରାଇବାକୁ ପଡ଼ିବ। ଏ ଖେଳ ବେଶ୍ ଜମୁଛି ବାଲିଯାତ୍ରା ପଡ଼ିଆରେ।

### ଗ୍ଲାସ ଖସିଲେ ମିଳିବ ଶହେ

୫ଟି ଗ୍ଲାସକୁ ଥାକରେ ଥୁଆ ହୋଇଥାଏ। ୩ଟି ତଳେ, ତା' ଉପରେ ଦୁଇଟି। ଗୋଟିଏ ଫୁଟବଲ ଫୋପାଡ଼ି ୫ଟି ଯାକ ଗ୍ଲାସକୁ ଏକ ସଙ୍ଗରେ ଖସାଇ ପାରିଲେ ମିଳିବ ଶହେ ଟଙ୍କା। ଏଭଳି ହାତଗଣତି ଖେଳ ଚାଲିଛି ମେଳା ପଡ଼ିଆରେ। ଥରେ ବଲ୍ ଫିଙ୍ଗିବା ପାଇଁ ବ୍ୟବସାୟୀ ୨୦ଟଙ୍କା ନେଉଛନ୍ତି। ହେଲେ ଦେଖାଯାଉଛି ଅଧିକାଂଶ ଲୋକେ କେବଳ ଟଙ୍କା ଦେଇ ଫେରୁଛନ୍ତି। ୧୦୦ଟଙ୍କା ଜିତୁଥିବା ଲୋକେ ଖୁବ୍ କମ୍।

### ଏବେବି ରହିଛି ରିଙ୍ଗ୍ ଖେଳ

ରିଙ୍ଗ ଖେଳ ବହୁତ ପୁରୁଣା। ଏବେବି ବାଲିଯାତ୍ରାରେ ରିଙ୍ଗ ଖେଳ ଦେଖିବାକୁ ମିଳୁଛି। ଅନେକ ଯାନିଯାତରାରେ ଏହି ଖେଳ ହୁଏ। ଏଥର ମଧ ବାଲିଯାତ୍ରାରେ ଚାଲିଛି ରଙ୍ଗ ଖେଳ। ୨୦ଟଙ୍କାରେ ୫ଟି ରିଙ୍ଗ୍ ଦିଆଯାଉଛି। ତଳେ ରହିଛି ଟଙ୍କା ଆଉ ବିଭିନ୍ନ ପ୍ରକାରର ସାମଗ୍ରୀ। ରିଙ୍ଗ ଯେଉଁଥିରେ ଗଳେଇବ ତାହା ତୁମେ ଜିତିବ। ୨୦ଟଙ୍କା, ୫୦ଟଙ୍କା, ୧୦୦ଟଙ୍କା, ସାବୁନ୍ ଭଳି ସାମଗ୍ରୀ ବାଜି ଲାଗୁଛି। ହେଲେ ଏଠାରେ ମଧ ଜିତୁଥିବା ଲୋକଙ୍କ ସଂଖ୍ୟା ହାତଗଣତି।





### ବେଲୁନ୍ ଫୁଟାଇବାର ଖୁସି

ବନ୍ଧୁକ ଗୁଳିରେ ବେଲୁନ ଫୁଟାଇବାର ଖୁସି ସାଉଁଟୁଛନ୍ତି ସବୁ ବୟସବର୍ଗର ଲୋକେ। ଛୋଟ ପିଲା ହୁଅନ୍ତୁ କି ବୟସ୍କ, ସବୁ ଏଭଳି ଷ୍ଟଲ ପାଖରେ ଭିଡ଼ ଜମାଉଛନ୍ତି। ୨୦ଟଙ୍କାରେ ୫ଟି ଗୁଳି ଦିଆଯାଉଛି। ଗୁଳି ନୁହେଁତ ଏହା ଛୋଟଛୋଟ ଲୁହାଖଣ୍ଡ ଭଳି। କିଛି ବେଲୁନ ସ୍ଥିର ହୋଇ ରହିଥାଏ। କିଛି ଝୁଲିଥାଏ ତ ଆଉ କିଛି ଇଲେକ୍ଟ୍ରିରୋପ୍‌ରେ ବୁଲୁଥାଏ। ଏହି ଖେଳରେ କୌଣସି ବାଜି ଲାଗେନି। ତଥାପି ବେଲୁନ ଫୁଟାଇବା ଏକ ଖୁସି ଦେଉଛି ମେଳା ବୁଲିବାକୁ ଆସୁଥିବା ଲୋକଙ୍କୁ।



# ସ୍ୱର୍ଗଧାମ ପକ୍ଷରୁ ପ୍ରୟାଗରାଜରେ ସମୂହ ଚିତାଭସ୍ମ କାର୍ଯ୍ୟକ୍ରମ

**କଟକ,୧୨।୧୧(ସମିସ):** ସ୍ୱର୍ଗଧାମ ତରଫରୁ ଆଜି ଏକ ମର୍ମସ୍ପର୍ଶୀ କାର୍ଯ୍ୟକ୍ରମରେ ଗତ ଦୁଇ ଦଶନ୍ଧି ମଧ୍ୟରେ ସଂସ୍କାର ହୋଇଥିବା ୬ ହଜାରରୁ ଉର୍ଦ୍ଧ୍ୱ ଦିବଙ୍ଗତ ବ୍ୟକ୍ତିବିଶେଷଙ୍କ ଚିତାଭସ୍ମକୁ ପ୍ରୟାଗରାଜ ତ୍ରିବେଣୀ ସଙ୍ଗମରେ ବିସର୍ଜନ ନିମନ୍ତେ ପଠାଯାଇଛି। ଆଜି ସକାଳ ୬.୩୦ରେ ଶବଦାହ ପିଣ୍ଡିଠାରେ ଏକତ୍ରିତ ହୋଇଥିବା ଏହି ସମସ୍ତ ଭସ୍ମକୁ ଗୋମୟ, କ୍ଷୀର, ପୁଷ୍ପ ଏବଂ ତୁଳସୀ ଅର୍ପଣ କରାଯାଇଥିଲା। ମହାମନ୍ତ୍ର ଜପ କରାଯିବା ସହ ସେବକ ପ୍ରଶାନ୍ତ ଆଚାର୍ଯ୍ୟଙ୍କ ଦ୍ୱାରା ଏହାକୁ ଏକ ପବିତ୍ର ତମ୍ବା ପାତ୍ରରେ ସଂଗ୍ରହ କରାଯାଇଥିଲା। ସକାଳ ୮ ଘଣ୍ଟା ସମୟରେ ଏହି ଚିତାଭସ୍ମ ପାତ୍ରକୁ ଧରି ସ୍ୱର୍ଗଧାମରୁ ଏକ ଭବ୍ୟ ମଶାଲ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାଟି କଟକ ସହରର ଗୁରୁତ୍ୱପୂର୍ଣ୍ଣ ଦେବାଦେବୀ ପୀଠ, ଯଥା ରଣା ମା' ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, କଟକ ଚଣ୍ଡୀ ମନ୍ଦିର ଏବଂ ଗଡ଼ଚଣ୍ଡୀ ମନ୍ଦିର ଆଦି ପରିକ୍ରମା କରିଥିଲା। ଏହି ମହତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଡ଼. ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଶିଷ୍ଟ ସାହିତ୍ୟିକ ଶୈଳଜ ରବୀନ୍ଦ୍ର ସାହୁ ଏବଂ ବରିଷ୍ଠ ସାମ୍ବାଦିକ ସଚିକାନ୍ତ ନାଥ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶରତ କୁମାର ସାହୁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମଶାଲ ଶୋଭାଯାତ୍ରା ସ୍ୱର୍ଗଧାମକୁ ଫେରିବା ପରେ, ପ୍ରେସ୍ ଛକରୁ କିଛି ବାଟ ପଦଯାତ୍ରାରେ ମହାମନ୍ତ୍ର ଜପ କରି ଅପରାହ୍ଣ ୧୨.୫୫ରେ ଦଳ କଟକ ରେଳ ଷ୍ଟେସନରୁ ପ୍ରୟାଗରାଜ ଅଭିମୁଖେ ଯାତ୍ରା ଆରମ୍ଭ କରିଛି।

**BEST OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଐତିହାସିକ ବାଲିଯାତ୍ରା କଟକ-୨୦୨୫ର ଉଦ୍‌ଯାପନୀ ଉତ୍ସବ

# ଗୌରବମୟ ଐତିହ୍ୟର ସାକ୍ଷୀ ହେଉଛି ବାଲିଯାତ୍ରା: ରାଜ୍ୟପାଳ





କଟକ,୧୨।୧୧(ସମିସ): ଯେଉଁ ସମୟରେ କୌଣସି ବୈଷୟିକ ଜ୍ଞାନକୌଶଳ ନ ଥିଲା, ସେତେବେଳେ କଳିଙ୍ଗର ସାଧବ ପୁଅମାନେ ନୌବାଣିଜ୍ୟ କରୁଥିଲେ। ଦକ୍ଷିଣ ପୂର୍ବ ଏସିଆ ରାଷ୍ଟ୍ରଗୁଡ଼ିକରେ ବାଣିଜ୍ୟ ସହ ବିଶ୍ୱକୁ ଶାନ୍ତିର ବାର୍ତ୍ତା ଦେଉଥିଲେ। ପଣ୍ୟଦ୍ରବ୍ୟ ବିକ୍ରିବେଳେ ସାଂସ୍କୃତିକ ଭାବ ବିନିମୟ କରୁଥିଲେ। ସେହି ଗୌରବମୟ ଐତିହ୍ୟର ସାକ୍ଷୀ ହେଉଛି ଏହି ଐତିହାସିକ ବାଲିଯାତ୍ରା। କଳିଙ୍ଗର ସାଧବ ପୁଅମାନେ ବିଶ୍ୱକୁ ଦେଖାଇଥିଲେ ଯେ, ସମୁଦ୍ର ଏକ ସୀମା ନୁହେଁ ବରଂ ଏହା ସଭ୍ୟତା ମଧ୍ୟରେ ସଂଯୋଗର ଏକ ସେତୁ। ତେଣୁ ବାଲିଯାତ୍ରା ସେହି ବୀର ସାଧବପୁଅମାନଙ୍କର ସାହସର ପ୍ରତୀକ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ତଳ ବାଲିଯାତ୍ରା ପଡ଼ିଆସ୍ଥିତ ଗଣକବି ବୈଷ୍ଣବ ପାଣି ମଞ୍ଚରେ ବୁଧବାର ଅଷ୍ଟମ ସନ୍ଧ୍ୟା ତଥା ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଶ୍ରୀ କମ୍ଭମପାଟି ଯୋଗଦେଇ କହିଥିଲେ ଯେ, ଦେଶ ପାଇଁ ବାଲିଯାତ୍ରା ଭାରତର ସଭ୍ୟତାର ଏକ ଅଂଶ। ଯାହା "ଏକ ଭାରତ ଶ୍ରେଷ୍ଠ ଭାରତ'ର ବାର୍ତ୍ତା



ଦିଏ। ସରକାର ସଂସ୍କୃତି ଏବଂ ଐତିହ୍ୟ ପାଇଁ ଗୁରୁତ୍ୱ ଦେଉଛନ୍ତି। ପ୍ରାୟ ୨୦୦ କୋଟି ଟଙ୍କା ବ୍ୟୟରେ ମହାନଦୀ ରିଭର ଫ୍ରଣ୍ଟ ପ୍ରକଳ୍ପ ହେବାକୁ ଯାଉଛି। ସେହିଭଳି ଚଳିତବର୍ଷ ବାଲିଯାତ୍ରାରେ ଆମ ଭାଷା ଓ ଆମ ସାହିତ୍ୟ ଥିମ୍‌କୁ ନେଇ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ମହାନ ସାରସ୍ୱତ ସାଧକ ଏବଂ ବ୍ୟକ୍ତିବିଶେଷଙ୍କ ପ୍ରତି ଏକ ଶ୍ରଦ୍ଧାଞ୍ଜଳି ବୋଲି ରାଜ୍ୟପାଳ ମତ ଦେଇଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ, ବାଲିଯାତ୍ରା ହେଉଛି ଓଡ଼ିଶା ଐତିହ୍ୟର ଗୌରବମୟ ଯାତ୍ରା। ଏହି ଐତିହ୍ୟକୁ ବର୍ତ୍ତମାନର ପିଢ଼ି ଜାଣିବା ଦରକାର ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଉଦ୍‌ବୋଧନ ଦେଇଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ କହିଲେ ଯେ, ସମ୍ପ୍ରତି ଯୁବପିଢ଼ି ସେମାନଙ୍କ ଜ୍ଞାନକୌଶଳକୁ ବୃଦ୍ଧି କରିବା ଆବଶ୍ୟକ। ଏଥିପାଇଁ କଟକରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯାଉ ବୋଲି ସେ କହିଥିଲେ। ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋସ କହିଥିଲେ ଯେ, ବାଲିଯାତ୍ରା ହେଉଛି ବାଣିଜ୍ୟ ଏବଂ ସଂସ୍କୃତିର ଏକ ପରିଚୟ। ଏହା ଉତ୍ସବ ମାଧ୍ୟମରେ ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଛି। ସାଧବପୁଅମାନେ କେବଳ ବେପାର ବଣିଜ କରୁ ନ ଥିଲେ ବରଂ ଓଡ଼ିଶା ଭାଷା, କଳା ଏବଂ ସଂସ୍କୃତିକୁ ବାହାର ଦେଶରେ ପ୍ରଚାର ପ୍ରସାର କରୁଥିଲେ। କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ କହିଥିଲେ ଯେ, ସାଧବ ପୁଅମାନେ ବିଦେଶରେ ବ୍ୟବସାୟ କରି ସାଂସ୍କୃତିକ ଭାବ ବିନିମୟ ସହ ଦେଶର ଅର୍ଥନୈତିକ ଅଭିବୃଦ୍ଧି କରିଥିଲେ। ବୈଷୟିକ ଉନ୍ନତି ସତ୍ତ୍ୱେ ସେମାନେ ଜଳଯାତ୍ରା କରୁଥିଲେ। ସେମାନଙ୍କ ଦାୟକ ଭାବେ ପ୍ରତି ଓଡ଼ିଆ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି ସେ କହିଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବାଲିଯାତ୍ରାର ପୃଷ୍ଠପୋଷକ ସଂସ୍ଥାଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଏମସି କମିସନର କିରଣଦୀପ କୌର ସହୋତା ଧନ୍ୟବାଦ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ ବୋଇତ ପ୍ରତିଯୋଗିତାରେ ଓଡ଼ିଶା ଦଳ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିଭଳି ଝାଡ଼ଖଣ୍ଡ ଟିମ୍ ଦ୍ୱିତୀୟ ଓ ବିହାର ଟିମ୍ ବୋଇତ ରେସ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ରାଜ୍ୟପାଳ ସମସ୍ତ କୃତୀ ଟିମ୍‌କୁ ପୁରସ୍କୃତ କରିଥିଲେ। ତେବେ ୧୦୦୦ ମିଟର, ୫୦୦ ମିଟର ଏବଂ ୨୦୦ ମିଟରର ପ୍ରତିଯୋଗିତା କରାଯାଇଥିଲା। ଦେଶରୁ ମୋଟ ୧୫ଟି ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିହାର, ଦିଲ୍ଲୀ, ହରିୟାଣା, ଝାଡ଼ଖଣ୍ଡ, ପଞ୍ଜାବ, ରାଜସ୍ଥାନ, ଉତ୍ତର ପ୍ରଦେଶ, ଛତିଶଗଡ଼ ଏବଂ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିବା ୧୦ ପୁରୁଷ ଦଳ ଏବଂ ୫ ମହିଳା ଦଳ ଅନ୍ତର୍ଭୁକ୍ତ ଥିଲେ।

## ବାଲିଯାତ୍ରାରେ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସହାୟତା ରାଶି ପ୍ରଦାନ

ସରକାରୀ ସହାୟତାରୁ ବଞ୍ଚିତ ଯୋଗ୍ୟ ହିତାଧିକାରୀ ମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରି ଉପଲବ୍ଧ ସୁବିଧା ଓ ସହାୟତା ଯୋଗାଇଦେବା ନିମନ୍ତେ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜିଲ୍ଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଆଇନ ସହାୟତା କେନ୍ଦ୍ର 'ନ୍ୟାୟ ଓଡ଼ିଶା' ଷ୍ଟଲରେ ଏକ କାର୍ଯ୍ୟକ୍ରମର ଆୟୋଜିତ ହୋଇଯାଇଛି। ଏଥିରେ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ, ଜଷ୍ଟିସ ମାନସ ରଂଜନ ପାଠକ, ଜଷ୍ଟିସ ସଙ୍ଗମ କୁମାର ସାହୁ ଏବଂ ଓଡିଶା ଉଚ୍ଚ ନ୍ୟାୟାଳୟର ଅନ୍ୟ ସମସ୍ତ ବିଚାରପତି ଉପସ୍ଥିତ ରହି ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସରକାରୀ ଯୋଜନା ତଥା ଶ୍ରମିକ ପଞ୍ଜୀକୃତ ପରିଚୟ ପତ୍ର ଓ ସହାୟତା ରାଶି ପ୍ରଦାନ କରିଥିଲେ।

## ପଲ୍ଲିଶ୍ରୀ ମେଳାରେ ୮.୬୭ କୋଟିର ବେପାର

ଓରମାସ ଆନୁକୂଲ୍ୟରେ କଟକ ବାଲିଯାତ୍ରାରେ ଚାଲିଥିବା ଜାତୀୟ ପଲିଶ୍ରୀ ମେଳାରେ ସପ୍ତମ ଦିନରେ ୮କୋଟି୬୭ଲକ୍ଷ୭୯ହଜାର ଟଙ୍କାର ବ୍ୟବସାୟ ହୋଇଛି। ସପ୍ତମ ଦିବ ସୁଦ୍ଧା ଓରମାସ ପକ୍ଷରୁ ମୋଟ ୩୯କୋଟି ୭୯ଲକ୍ଷ ୩୧ହଜାର ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡିଛି। ପ୍ରଥମ ଦିନ ୮୯ଲକ୍ଷ ୩୬ହଜାର, ଦ୍ୱିତୀୟ ଦିନ ୨କୋଟି ୧୩ଲକ୍ଷ, ତୃତୀୟ ଦିବସରେ କୋଟି ୯୧ଲକ୍ଷ ୮୭ହଜାର, ଚତୁର୍ଥ ଦିବସରେ ୬କୋଟି ୮୩ଲକ୍ଷ୪୭ହଜାର, ପଞ୍ଚମ ଦିବସରେ ୯କୋଟି ୩୪ଲକ୍ଷ ୯୬ହଜାର, ଷଷ୍ଠ ଦିବସରେ ୭କୋଟି ୯୮ଲକ୍ଷ ୮୬ହଜାର ଟଙ୍କାର ବ୍ୟବସାୟ ହୋଇଛି। ଏଥର ୫୦କୋଟି ଟଙ୍କା ବ୍ୟବସାୟ ଅତିକ୍ରମ କରିବ ବୋଲି କୁହାଯାଉଛି।

## ମୁଗୁନି ପଥରରେ ଶିଳ ଚକି

ବାଲିଯାତ୍ରାକୁ ମୁଗୁନି ପଥରର ଶିଳ, ଚକି, ଠାକୁର ଆସ୍ଥାନ, ବେଲେଣା ପେଡି, ହେମଦସ୍ତା, ଚନ୍ଦନ ପେଡି ଆଦି ସାମଗ୍ରୀ ନେଇ ଆସିଛନ୍ତି ବାଲେଶ୍ୱର ଜିଲ୍ଲା କେତେକ ଶିଳ୍ପୀ। ପଥର ଶିଳ ଚକିକୁ ବୋହି କରି ନେବା ଓ ଏହା ଘରେ ଅଧିକ ଜାଗା ଦଖଲ କରୁଥିବାରୁ ମୁଗୁନି ପଥରର ଛୋଟ ଓ ଅପେକ୍ଷାକୃତ ହାଲୁକା ଏହି ସାମଗ୍ରୀର ବେଶ୍ ଚାହିଦା ରହିଛି। ଶିଳ ଚକିର ଦାମ ୮୦୦ରୁ ଆରମ୍ଭ ହୋଇ ୩ହଜାର ପର୍ଯ୍ୟନ୍ତ ରହିଛି। ସେହିପରି ମୁଗୁନି ପଥରର ସ୍କାଏଲାଇଟ ଦାମ ୪ହଜାର ଟଙ୍କାରୁ ଅଧିକ ରହିଛି।

## ଶୀତୁଆ ମଞ୍ଚରେ ଉଷୁମ ଭରିଦେଲେ ଇରା




ନନ୍ଦନକାନନ, ୧୨।୧୧(ସମିସ): ଆଜି ଥିଲା ପୋଡୁଆଁ ଅଷ୍ଟମୀ। ତା ସାଙ୍ଗକୁ ବୁଧବାର ଆମିଷ ବାର। ଯାହାପାଇଁ ଆଜି ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆ ବହୁତ ଦର୍ଶକ ସମାଗମ ହୋଇଥିଲେ। ଜେଜେ, ଜେଜେମା' ନାତି ନାତୁଣୀଙ୍କୁ ବାପା ବୋଉମାନେ ସେମାନଙ୍କ ଶିଶୁଙ୍କୁ କାନ୍ଧରେ ବସାଇ ବାଲିଯାତ୍ରା ବୁଲାଇ ଦେଖାଇଥିଲେ। ବାଲିଯାତ୍ରା ଆଉ ୨ଦିନ ହେବାକୁ ଥିବାବେଳେ ଆଜି ଅଷ୍ଟମ ସନ୍ଧ୍ୟାରେ ଦର୍ଶକ ମାନେ ବହୁ ଜିନିଷ କିଣାକିଣି କରି ନେଉଥିବା ଦେଖିବାକୁ ମିଳିଥିଲା। ଏଥି ସହିତ ଖାଦ୍ୟ ଷ୍ଟଲ ଗୁଡିକ ଉପରେ ବେଶୀ ମାଡ ହୋଇଥିଲା। ବିଶେଷ କରି ଆମିଷ ଷ୍ଟଲ ଗୁଡିକରେ ଦର୍ଶକମାନେ ଚଢ଼ାମାଢ଼ ହୋଇ ଖାଇବାକୁ ଭିଡ଼ ଜମାଇଥିଲେ। ତା ସାଙ୍ଗକୁ ଶୀତୁଆ ସନ୍ଧ୍ୟାରେ ସୁନାମଧନ୍ୟା କଣ୍ଠ ଶିଳ୍ପୀ ଇରା ମହାନ୍ତିଙ୍କ ଗୀତ ଶୁଣିବାକୁ ଦର୍ଶକ ମଞ୍ଚ ଆଗରେ ଖୁବ ଗହଳି କରିଥିଲେ। ଇରା ବି ତାଙ୍କର ଗୀତର ଯାଦୁରେ ଲୋକଙ୍କୁ ଶୀତ ଭୁଲାଇ ଦେଇଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକ ମାନେ ସେମିତି ଇରାଙ୍କ ଗୀତରେ ମତୁଆଲା ହୋଇ ଉପଭୋଗ କରିଥିଲେ। ପ୍ରଥମ ମଞ୍ଚ ନିକଟରେ ବାଲୁକା ଶିଳ୍ପୀ ଯୋଶବନ୍ତ ଦାଶଙ୍କ ଦ୍ୱାରା ନିର୍ମିତ ବନ୍ଦେ ଉତ୍କଳ ଜନନୀ ବାଲୁକା କଳାକୁ ଦର୍ଶକ ଦେଖିବାକୁ ଅଟକି ଯାଉଥିଲେ। ସ୍ମୃତି କରି ସାଇତି ରଖିବାକୁ ସେଠାରେ ସେଲ୍ଫି ନେବା ସହ ଫଟୋଉଠାଇଥିଲେ। କାର୍ଯ୍ୟକାରୀ ସଭାପତି ଯଶୋବନ୍ତ ଓଝା, ସମ୍ପାଦକ ସୁବାସ ଚନ୍ଦ୍ର ପାତ୍ର, କର୍ପୋରେଟର ମୋନାଲିସା ବେହେରା, ମିହିର କୁମାର ରାଉତ, ବିନୋଦ ସାହୁ,ସନ୍ତୋଷ ନାଥ,ଅନୁପ ଖୁଣ୍ଟିଆ,ବିରେନ୍ଦ୍ର ଜେନା,ପ୍ରଦୀପ୍ତ ପରିଡା,ତପନ ଦାଶ,ବିଜୟ ମଲ୍ଲିକ,ମନୋଜ ଦାସ,ଅକ୍ଷୟ ବେହେରା,ସନ୍ତୋଷ ସାହୁ,ନବ କିଶୋର ବାରିକ,ଜିତେନ୍ଦ୍ର ସାସମଲ,ହିରୋ ରାଉତ,ଲଛମନ ପଢ଼ିଆରୀ,କାହ୍ନୁ ମହାନ୍ତି, ଅବଜକିଶୋର ନାୟକ,ଅଜୟ କୁମାର ଜେନା,ଦିବାକର ସାହୁ,

ନିରଞ୍ଜନ ସାହୁ, କୃଷ୍ଣପ୍ରିୟା ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି। ଦ୍ୱିତୀୟ ମଞ୍ଚରେ ପାରମ୍ପରିକ ନୃତ୍ୟ ଗୀତ ବିଭିନ୍ନ ଦଳ ଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଏହି ମଞ୍ଚକୁ ଉଦଘୋଷାକ ରଙ୍କନିଧି, ରାଉତ,ସନ୍ତୋଷ ତ୍ରିପାଠୀ,ବିରଞ୍ଚି ତ୍ରିପାଠୀ,ଦିପକ ତ୍ରିପାଠୀ,ମିଟୁ ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।



### ପୋଡ଼ିଗଲା ବାଲିଯାତ୍ରା ଦୋଳିର ମୋଟର୍

## ୩୦ ଫୁଟ୍ ଉଚ୍ଚରେ ଝୁଲି ରହିଲେ ୮



କଟକ,୧୨।୧୧(ସମିସ): ବୁଧବାର ବିଳମ୍ବିତ ରାତିରେ ବାଲିଯାତ୍ରାରେ ଏକ ଅଘଟଣ ଘଟିଛି। ରାତି ପ୍ରାୟ ୧୧ଟା ବେଳେ ହାମର୍ ଦୋଳିର ମୋଟର ପୋଡ଼ିଯିବାରୁ ଏହା ଅଧାରୁ ବନ୍ଦ ହୋଇଯାଇଥିଲା। ଫଳସ୍ୱରୂପ ପ୍ରାୟ ୩୦ଫୁଟ ଉଚ୍ଚ ଦୋଳିରେ ବସିଥିବା ୮ଜଣ ଯାତ୍ରୀ ଏଥିରେ ଫସି ରହିଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଫସି ରହିଥିବା ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଦୋଳି ନିକଟ ଅଞ୍ଚଳରେ ଜାଲ ବିଛାଯାଇଥିଲା। ରାତି ପ୍ରାୟ ୧୧ଟା ସମୟର ଘଟଣା। ଦୋଳି ବନ୍ଦ କରାଯିବା କଥା; ମାତ୍ର ୧୬ଜଣଙ୍କୁ ବସାଇ ହାମର୍ ଦୋଳି ଖେଳ ଚାଲିଥିଲା ବେଳେ ହଠାତ୍ ବନ୍ଦ ହୋଇଯାଇଥିଲା। ହାମରର ଗୋଟିଏ ପାଶ୍ୱର୍ ଭୂମି ଆଡକୁ ଥିବା ବେଳେ ଅନ୍ୟ ପାଶ୍ୱର୍ଟି ଉପରକୁ ଉଠି ରହିଥିଲା। ଉଭୟ ପାଶ୍ୱର୍ରେ ୮ଜଣ ଲେଖାଏ ବସିଥିଲେ। ତେବେ ଗୋଟିଏ ପାଶ୍ୱର୍ର ଲୋକେ ଛାନିଆ ହୋଇ ଓହ୍ଲାଇ ପଡ଼ିଥିବା ବେଳେ ଉପରକୁ ଉଠି ରହିଥିବା ପାଶ୍ୱର୍ର ଲୋକେ ଭୟରେ ଚିଲ୍ଲାଇବାକୁ ଲାଗିଥିଲେ। ଘଟଣା ଜଣାପଡ଼ିବା ପରେ ଦୋଳି ପାଖ ଅଞ୍ଚଳ ଲୋକାରଣ୍ୟ ହୋଇ ପଡ଼ିଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ଅଘଟଣ ଘଟିଛି ବୋଲି ଦୋଳି ମାଲିକ କହିଛନ୍ତି।

# 'ଅନୁ ଚିନ୍ତନମ୍' ପରିବେଷଣ ଓ ସୁଜ୍ଞାନୀଙ୍କ ମେଲୋଡିରେ ଦର୍ଶକ ବିମୋହିତ



ଧଉଳି, ୧୨।୧୧ (ସମିସ): ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ବାସୁଆଘାଇପୁର ପଞ୍ଚାୟତ ବାଙ୍କୁଆଳ ଗ୍ରାମ କୁଆଖାଇ ନଦୀ ପଠାରେ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ଏକାମ୍ର କ୍ଷେତ୍ର ବାଲିଯାତ୍ରା ମହୋତ୍ସବ ଆଜି ଉଦଯାପିତ ହୋଇଯାଇଛି। ଆଜିର ଉଦଯାପିତ ସନ୍ଧ୍ୟାର ପ୍ରଥମ ଅର୍ଘ୍ୟରେ ଇଁ ଶ୍ରୀନିବାସ ଘଟୁଆରୀଙ୍କ ଦ୍ୱାରା ଏକକ ନୃତ୍ୟ 'ଅନୁ ଚିନ୍ତନମ' ପରିବେଷଣ ବେଶ ଉଚ୍ଚକୋଟିର ଥିଲା। ପରେ ପରେ ବରଗଡ଼ ଜିଲ୍ଲାର ମହନି ଫୋକ ଏକାଡେମୀର କଳାକାରଙ୍କ ଦ୍ୱାରା କୁବେର ସାହୁଙ୍କ ନୃତ୍ୟ ସଂଯୋଜନାରେ ଡାଲଖାଇରେ ଡାଲଖାଇ ଦଳଗତ ନୃତ୍ୟରେ ଝୁମିଥିଲେ ଦର୍ଶକ। ଶେଷରେ ମେଲୋଡି କୁଇନ ସୁଜ୍ଞାନୀ ମହାପାତ୍ରଙ୍କ ଅଭିମନ୍ୟୁ, ପରଦେଶୀ ଆ, ଖଜଲ୍ ଖାଜଲ୍, ହାଣ୍ଡିଆ ବାଲି, ଚିରିଂଚିରିଂ ନିଶା ଟା ଜମିଲା ଆଦି ଅନେକ ଓଡ଼ିଆ ଆଲବମ, ଚଳଚିତ୍ର ଏବଂ ହିନ୍ଦୀ ଚଳଚିତ୍ର ଗୀତ ଗାଇ ଶୀତୁଆ ସନ୍ଧ୍ୟାରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଆଜିର ଅତିଥି ଭାବେ ଅବସରପ୍ରାପ୍ତ ପୁଲିସ ଏସ. ପି ଦୁର୍ଲଭ ସିଂ, ବିଜେପି ନେତା ଅରୁଣ ପୁରୋହିତ, ଆଲୋକ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର ସମ୍ପାଦକ କବିରାଜ ସ୍ୱାଇଁ, ଉପଦେଷ୍ଟା କ୍ଷୀରୋଦ ସ୍ୱାଇଁ, ଭାଗବତ ମୁଖି, ପ୍ରଫୁଲ୍ଲ ସ୍ୱାଇଁ, କୃତାର୍ଥ ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ବାଲିଯାତ୍ରାରେ ପଡ଼ିଥିବା।

ରାମଦୋଳି, ବୋଟିଙ୍ଗ, ଖେଳଣା, ଖାଦ୍ୟ ଏବଂ ଘରୋଇ ଉପକରଣ କିଣିବାରେ ଉପଭୋଗ କରିଥିଲେ। ଆଉ ଗୋଟେ ଦିନ ପାଇଁ ବାଲିଯାତ୍ରା ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ସବୁଦିନ ପରି ଆଜି ମଧ୍ୟ ଏହି ବାଲିଯାତ୍ରା ଦେଖିବା ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।କୁଆଖାଇ ନଦୀ ରେ ଅନେକ ଲୋକ ବୋଟିଂ ର ମଜା, ହାର୍ଶ ରାଡି, ର ମଜା ନେଇଥିଲେ।



# ସମ୍ପାଦକୀୟ



ଭାରତୀୟ କୃଷି ଆଗରେ ବର୍ତ୍ତମାନ ଦୁଇଟି ଆହ୍ୱାନ- ଅର୍ଥନୀତି ବନାମ ପରିବେଶ

-ଏମ୍ ଏସ୍ ସ୍ୱାମୀନାଥନ୍

## ବିହାରରେ ରେକର୍ଡ ମତଦାନ

ବିହାର ବିଧାନସଭା ନିର୍ବାଚନ ଦୁଇଟି ପର୍ଯ୍ୟାୟରେ ଶେଷ ହୋଇଛି । ଏହି ନିର୍ବାଚନରେ ମତଦାନ ହାର ବିହାର ସକାଶେ ଏକ ସର୍ବକାଳୀନ ରେକର୍ଡ । ସବୁଠାରୁ ଉଲ୍ଲେଖନୀୟ ଯେ ୭୧.୬ ପ୍ରତିଶତ ମହିଳା ମତଦାନ କରିଥିବା ବେଳେ ପୁରୁଷ ମତଦାତାଙ୍କ ହାର ୬୨.୮ ପ୍ରତିଶତ ଥିଲା । ପୂର୍ବ ନିର୍ବାଚନ ଅପେକ୍ଷା ଏଥର ୧୦ରୁ ୧୨ ପ୍ରତିଶତ ଅଧିକ ଭୋଟ କାହା ସପକ୍ଷରେ ଯିବ ସେ ନେଇ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମହଲରେ ଅଙ୍କକଷା ଚାଲିଛି । ତେଣୁ ବିଭିନ୍ନ ସଂସ୍ଥା ପକ୍ଷରୁ ହୋଇଥିବା ଏକଜିଟ୍ ପୋଲ ଆକଳନ କେତେଦୂର ନିର୍ଭରଯୋଗ୍ୟ ସେ ନେଇ ସନ୍ଦେହ ରହିଛି । ଗତ ବିଧାନସଭା ନିର୍ବାଚନରେ ହୋଇଥିବା ଏକଜିଟ ପୋଲ ସଂପୂର୍ଣ୍ଣ ରୂପେ ଭୁଲ ପ୍ରମାଣିତ ହୋଇଥିଲା । ଆଉ ଗୋଟିଏ ଦିନ ପରେ ନିର୍ବାଚନ ଫଳ ଘୋଷଣା ସହିତ ପୂର୍ବାନୁମାନର ବିଶ୍ୱସନୀୟତା ପ୍ରମାଣିତ ହେବ ।

ଏଥର ନିର୍ବାଚନରେ ମତଦାନ ହାରକୁ ନେଇ ଯେତେ ତର୍ଜମା ହେଉ ନା କାହିଁକି ଏକଥା ସତ ଯେ ନିର୍ଦ୍ଧାରିତ ନିର୍ବାଚନ ସମୟ ମତଦାତାଙ୍କ ପାଇଁ ଆପେକ୍ଷାକୃତ ଅନୁକୂଳ ଥିଲା । ଦୀପାବଳି ଓ ଛଟ ଉତ୍ସବ ପରେ ପରେ ମତଦାନର ସୁଯୋଗ ଥିବାରୁ ବିଭିନ୍ନ ରାଜ୍ୟରେ କାର୍ଯ୍ୟରତ ବିହାରବାସୀ ଉତ୍ସବମୁଖର ମୁହୂର୍ତ୍ତକୁ ନିର୍ବାଚନ ସହ ଯୋଡ଼ି ଦେଇଥିଲେ । ଛଟ ଉତ୍ସବରେ ସେମାନଙ୍କ ଅନିବାର୍ଯ୍ୟ ଉପସ୍ଥିତି ଯୋଗୁଁ ମତଦାନ ହାର ଆଶାଠାରୁ ଅଧିକ ହୋଇଯାଇଥିଲା । ସେହିପରି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପ୍ରତି ରାଜ୍ୟର ମହିଳାଙ୍କ ଭରସା ପ୍ରତିଫଳିତ ହୋଇଥିଲା ଭୋଟରେ । ରାଜ୍ୟର ମହିଳାଙ୍କୁ ଜୀବିକାର୍ଜନ ପାଇଁ ଦଶ ହଜାର ଟଙ୍କା ଲେଖାଏଁ ନିର୍ବାଚନ ପୂର୍ବରୁ ପ୍ରଦାନ କରି ମତଦାନକୁ ପ୍ରଭାବିତ କରିଥିବାର ମନେ ହୁଏ । ଅନ୍ୟ ଏକ ଦିଗ ହେଲା, ନୀତୀଶ କୁମାରଙ୍କ ମଦ ନିରୋଧ ନୀତି ମହିଳାଙ୍କ ପାରିବାରିକ ଓ ସାମାଜିକ ଜୀବନକୁ ଉତ୍ପୀଡ଼ନ ମୁକ୍ତ କରିଛି । ତା' ଅର୍ଥ ନୁହେଁ ବିହାର ସଂପୂର୍ଣ୍ଣ ରୂପେ ମଦମୁକ୍ତ ହୋଇପାରିଛି । ବିରୋଧୀଦଳ ନେତା ତେଜସ୍ୱୀ ଯାଦବ ରାଜ୍ୟର ବେକାରୀ ସମସ୍ୟାକୁ ଗୁରୁତ୍ୱ ଦେଇ ପ୍ରତିପରିବାରର ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଯେଉଁ ଘୋଷଣା କରିଥିଲେ ତାହା ରାଜ୍ୟ ଯୁବଶକ୍ତିଙ୍କ ଉପରେ ପ୍ରଭାବ ପକାଇଥିଲା । ତେଣୁ ତାଙ୍କ ନିର୍ବାଚନ ସଭାରେ ଯେଭଳି ଯୁବକଙ୍କ ଭିଡ଼ ହେଉଥିଲା ସେହିଭଳି ନୀତୀଶଙ୍କ ସଭାରେ ମହିଳାଙ୍କ ମଧ୍ୟ ଅନୁରୂପ ଉପସ୍ଥିତି ପରିଲକ୍ଷିତ ହେଉଥିଲା । ଏହି ଦୁଇବର୍ଗ ମତଦାନ ସକାଶେ ଅଧିକ ଆଗ୍ରହୀ ହୋଇପଡ଼ିଥିଲେ । ଉପରୋକ୍ତ ସବୁଦିଗକୁ ବିଚାର କଲେ ମତଦାନ ହାର ବୃଦ୍ଧିରେ ସେଭଳି ଅସ୍ୱାଭାବିକତା ଥିବା ଭଳି ମନେ ହୁଏନା ।

କୁହାଯାଇପାରେ ଏତେ ବିପୁଳ ମତଦାନ ସାଧାରଣତଃ କ୍ଷମତା ବିରୋଧରେ ଯାଇପାରେ । ମାତ୍ର ଏହି ଯୁକ୍ତ ସପକ୍ଷରେ ସେଭଳି ବୈଜ୍ଞାନିକ ବା ବିଧିସମ୍ମତ ତଥ୍ୟ ନାହିଁ । ହୋଇପାରେ ଡବଲ ଇଞ୍ଜିନ ସରକାର ମାଧ୍ୟମରେ ବିହାରର ଅନଗ୍ରସରତା ଦୂର ପାଇଁ ଏଭଳି ବିପୁଳ ଜନାଦେଶ ପରିଲକ୍ଷିତ ହୋଇଛି । ନୀତୀଶଙ୍କୁ ନେଇ ସୃଷ୍ଟି ହୋଇଥିବା ବିବାଦକୁ ଶେଷ ମୁହୂର୍ତ୍ତରେ ବିଜେପି ସମାଧାନ କରି ନିଜ ସ୍ଥିତିକୁ ସୁଧାରିବା ସହ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ସକାରାତ୍ମକ ପ୍ରଭାବ ପକାଇଥିବାର ଲକ୍ଷ୍ୟ କରାଯାଇଛି ।

## ସିମବକ୍ସ ଭୟ ତୁଟିନି

ସୋମବାର ସଂଧ୍ୟାରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଘଟିଥିବା ଭୟଙ୍କର ଆତଙ୍କୀ ବିସ୍ଫୋରଣ ଦେଶବାସୀଙ୍କ ନିଦ ହଜାଇ ଦେଇଛି । କେତେବେଳେ କେଉଁଠି କ'ଣ ଘଟିବ ସେ ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । ସମଗ୍ର ଦେଶରେ ହାଇଆଲର୍ଟ ଜାରି ଦୃଷ୍ଟିରୁ ଘଟଣାର ଗୁରୁତ୍ୱକୁ ସହଜରେ ଅନୁମାନ କରାଯାଇପାରେ । ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ ୧୧ ସମ୍ବେଦନଶୀଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ରାଜ୍ୟରେ ପ୍ରବେଶ ଓ ପ୍ରସ୍ଥାନ ପଥ ମଧ୍ୟ ଯାଞ୍ଚ ପରିସରକୁ ଆସଛି । ଆମେ ଏହା ଉଲ୍ଲେଖ କଲାବେଳ ନିକଟ ଅତୀତରେ ଓଡ଼ିଶାର ଏକାଧିକ ସ୍ଥାନରୁ ଜବତ ହୋଇଥିବା ସିମବକ୍ସ ସହ ସଂଶ୍ଳିଷ୍ଟ ବାଂଲାଦେଶୀ ସଂଗଠନ ଓ ତାହାର ନେଟୱାର୍କ ସଂପର୍କରେ କିଛି ତଥ୍ୟ ଦେବାକୁ ଚାହୁଁ । ଏହି ଷଡ଼ଯନ୍ତ୍ର ଉନ୍ମୋଚନ କରିବାକୁ କମିଶନରେଟ ପୁଲିସ ଏକପ୍ରକାର ଅସମର୍ଥ ହୋଇଛି । କହିବାକୁ ଗଲେ ଏହି ତଦନ୍ତ ପ୍ରକ୍ରିୟା ଆଧାରୁ ଅଟକିଛି । ବାଂଲାଦେଶର ବିଦ୍ରୋହ ଓ କ୍ଷମତା ପରିବର୍ତ୍ତନ ପରେ ଭାରତ ସହ ସଂପର୍କ କେବଳ କ୍ଷୁର୍ଣ୍ଣ ହୋଇନି, ବିଭିନ୍ନ ଷଡ଼ଯନ୍ତ୍ରପୂର୍ଣ୍ଣ କାର୍ଯ୍ୟ ଚଳାଇଥିବାର ସ୍ପଷ୍ଟ ହୋଇଛି । ବାଂଲାଦେଶୀ ମାଷ୍ଟରମାଇଣ୍ଡ ଅସଦୁର ଜମାନର ଭୁବନେଶ୍ୱର ଆଗମନ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ଏଜେଣ୍ଟ ନିଯୁକ୍ତିକୁ କୌଣସି ପରିସ୍ଥିତିରେ ଗୌଣ ଦୃଷ୍ଟିରୁ ବିଚାର କରାଯାଇପାରିବନି ।

ଇଏ ଥିଲା ୨୦୨୪ ଅଗଷ୍ଟ ମାସର ଘଟଣା । ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳରେ ଘରଭଡ଼ା ନେଇ ପଶ୍ଚିମବଙ୍ଗର ରାଜୁ ମଣ୍ଡଳ ଅବସ୍ଥାନ କରୁଥିଲା । ପୁଲିସ ତା ନିକଟରୁ ୭ଟି ସିମବକ୍ସ ଜବତ କରି ଘଟଣାର ଖୋଳତାଡ଼ ଆରମ୍ଭ କରିଥିଲା । ଗିରଫ ରାଜୁଠାରୁ ମିଳିଥିବା ଖବର ଅନୁଯାୟୀ ଏହି ଘଟଣାର ଅସଲ ଚେର ବାଂଲାଦେଶକୁ ଲମ୍ବିଥିବାର ଜଣାପଡ଼ିଥିଲା । ମୁଖ୍ୟ ଅଭିଯୁକ୍ତ ଅସଦୁର ଜମାନ ଲକ୍ଷ୍ମୀସାଗର ଅଞ୍ଚଳର ଲିଙ୍ଗରାଜ ହୋଟେଲରେ ଅବସ୍ଥାନ କରି ସିମବକ୍ସ ଜାଲ ବିଛାଇ ଥିଲା । ଅବଶ୍ୟ ରାଜୁ ଗିରଫ ହେବା ପୂର୍ବରୁ ଜମାନ ନିଜ ଦେଶକୁ ଫେରିଯାଇଥିଲା । ପୁଲିସ ଲିଙ୍ଗରାଜ ହୋଟେଲରେ ଚଢ଼ଉ କରି ବିଦେଶୀ ନାଗରିକଙ୍କ ଅବସ୍ଥାନ କ୍ଷେତ୍ରରେ ଅନୁସୃତ ନିୟମ ଉଲ୍ଲଙ୍ଘନ ସତ୍ତ୍ୱେ ଘଟଣାକୁ ଗୁରୁତ୍ୱ ଦେଲାନି । ତେଣୁ ରାଜଧାନୀରେ ସନ୍ଦିଗ୍ଧ ଆତଙ୍କୀଙ୍କ ଅବସ୍ଥାନ ଅପେକ୍ଷାକୃତ ସହଜ ଓ ସରଳ ହୋଇଯାଇଛି । ଘଟଣା କେବଳ ଏହିଠାରେ ଅଟକିଯାଇ ନଥିଲା । କଟକ ଓ ଝାଡ଼ଖଣ୍ଡରୁ ମଧ୍ୟ ସିମବକ୍ସ ଜବତ ହୋଇଥିଲା । ରାଜୁ ନେଇଥିବା ଭଡ଼ାଘରୁ ମଧ୍ୟ ୧୮୦୦ ସିମକାର୍ଡ ପୁଲିସ ପାଇଥିଲା । ସିମବକ୍ସ କାହିଁକି ଓ କିଭଳି ଉପଯୋଗୀ ତାହା ସ୍ପଷ୍ଟ ହେବା ଉଚିତ । ଏହାକୁ ସାଇବର ଅପରାଧୀ ଓ ଆତଙ୍କୀ ନିଜ ପରିଚୟ ଗୋପନ ରଖିବା ପାଇଁ ବ୍ୟବହାର କରିଥାଏ । ଦେଶ ବିଦେଶରୁ ଆସୁଥିବା କଲରେ କିଏ କାହାକୁ ଡାକୁଛି ତାହା ଜଣାପଡ଼ିବନି ।

କମିଶନରେଟ ପୁଲିସର ଅନୁସଂଧାନ ଧାରେ ଅଟକି ଯାଇଥିବାରୁ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ସିମବକ୍ସ ଯେ କାର୍ଯ୍ୟକ୍ଷମ ନଥିବ ଏକଥା କେହି ଜୋର ଦେଇ କହିପାରିବେନି । ଅତୀତରେ ରାଜ୍ୟ ଗୁଇନ୍ଦା ବାହିନୀର ବିଫଳତା ଏକାଧିକ କ୍ଷେତ୍ରରେ ପରିଲକ୍ଷିତ ହୋଇଛି । ଏବେ ଦେଶରେ ଆତଙ୍କବାଦକୁ ନେଇ ଯେଉଁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି ସେଥିରେ ସିମବକ୍ସ ଘଟଣା ଅଧିକ ଖୋଳତାଡ଼ ହେବା ଜରୁରୀ । ବିଶେଷ କରି ବାଂଲାଦେଶର ପରିବର୍ତ୍ତିତ ଆଚରଣ ଆମ ପାଇଁ ନୂଆ ବିପଦ ସୃଷ୍ଟି କରିଛି । ତେଣୁ ଏଠାରେ ଅବସ୍ଥାନ କରୁଥିବା ବାଂଲାଦେଶୀ ନାଗରିକ ସେମାନଙ୍କ ଏଜେଣ୍ଟ ସାଜି କେତେବେଳେ କ'ଣ ଭିଆଇବେ ତାହା କହିହେବନି । ତେଣୁ ଆଗକୁ ଅଧିକ ସତର୍କତା ଲୋଡ଼ା ।

# ରୌପ୍ୟ ଅର୍ଥନୀତିର ପ୍ରାସଙ୍ଗିକତା

ରୋମାନିଆର ଜଣେ ନିଷ୍ଠୁର ରାଜାଙ୍କ ଆଦେଶରେ ସେ ରାଜ୍ୟର ସବୁ ବୃଦ୍ଧମାନଙ୍କୁ ହତ୍ୟା କରାଯିବା ଏବଂ ଜଣେ ବୁଦ୍ଧିମାନ ଯୁବକ ନିଜ ବୃଦ୍ଧ ପିତାଙ୍କୁ ଘରେ ଲୁଚାଇ ରଖିବା ଏବଂ ତାଙ୍କ ଉପଦେଶ ଅନୁଯାୟୀ କିଭଳି ରାଜ୍ୟକୁ ଅନାହାରରୁ ମୁକ୍ତି ମିଳିଲା ତାହା ଆମେ ସ୍କୁଲସ୍ତରୀୟ ଇଂରାଜୀ ପାଠ୍ୟକ୍ରମର ଏକ ବିଷୟ ଭାବେ ପଢ଼ିଛେ ବା ଜାଣିଛେ । ଏକଥା ଏଠାରେ ଉଦ୍ଧୃତ କରିବାର ପ୍ରାସଙ୍ଗିକତା ହେଉଛି ନିକଟରେ ଜାତୀୟ ସ୍ତରୀୟ ଗଣମାଧ୍ୟମରେ ବରିଷ୍ଠ ନାଗରିକଙ୍କ ପ୍ରତି ସମାଜର ନକାରାତ୍ମକ ମାନସିକତା ଏବଂ ଅର୍ଥନୀତିରେ ସେମାନଙ୍କ ଯୋଗଦାନ ସମ୍ପର୍କରେ ଗବେଷଣାଧର୍ମୀ ଆଲୋଚନା ହୋଇଛି । ଗତ ବର୍ଷ ମଧ୍ୟ 'ନିତି' ଆୟୋଗ ପକ୍ଷରୁ ଦେଶର ବରିଷ୍ଠ ନାଗରିକମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରି ଦେଶର ଅର୍ଥନୈତିକ ବିକାଶ ଢାଞ୍ଚାରେ ଅଧିକରୁ ଅଧିକ କିପରି ସାମିଲ କରାଯାଇ ପାରିବ ସେ ସମ୍ପର୍କରେ ଏକ ଚିଠା ପ୍ରସ୍ତାବ ଜାରି କରି ବିଭିନ୍ନ ମହଲରୁ ମତାମତ ଆହ୍ୱାନ କରାଯାଇଥିଲା । ଏହି ପ୍ରସ୍ତାବର କାର୍ଯ୍ୟକାରିତାର ଅଗ୍ରଗତି ଏ ପର୍ଯ୍ୟନ୍ତ ହସ୍ତଗତ ହୋଇନାହିଁ କି ସୁପାରିସ୍‌ଗୁଡ଼ିକ ଲାଗୁ କରିବାର ଆନ୍ତରିକତା ପରିଲକ୍ଷିତ ହୋଇନାହିଁ । ବରିଷ୍ଠ ନାଗରିକମାନଙ୍କୁ ସରକାରୀ ତହବିଲ୍ ଉପରେ ଏକ ବୋଝ ଭାବେ ସାଧାରଣରେ ଗ୍ରହଣ କରାଯାଉଥିବାରୁ ବୋଧହୁଏ ଅର୍ଥନୀତିରେ ସେମାନଙ୍କ ଅବଦାନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ରାଜନୈତିକ ଇଚ୍ଛାଶକ୍ତି ଜାଗ୍ରତ ହୋଇପାରୁନାହିଁ ।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମଧ୍ୟ ସର୍ବାଧିକ । ୬୦ ବର୍ଷରୁ ଊର୍ଦ୍ଧ୍ୱ ଲୋକେ 'ବରିଷ୍ଠ ନାଗରିକ' ଭାବେ ଗଣ୍ୟ ହେଉଥିବା ବେଳେ ପ୍ରତିବର୍ଷ ଏମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ୬୦ ବର୍ଷ ପରେ ମଧ୍ୟ ଅନେକ ଉପାର୍ଜନ କରିବାକୁ ସକ୍ଷମ ଏବଂ ରୋଜଗାର ମୁଖ୍ୟ ଧାରରେ ସାମିଲ୍ ଅଛନ୍ତି । କିନ୍ତୁ ସେମାନଙ୍କୁ ଆବଶ୍ୟକତା ତୁଳନାରେ ସୁବିଧା ସୁଯୋଗ ମିଳୁ ନାହିଁ । କେବଳ ସରକାରୀ କ୍ଷେତ୍ରକୁ ଛାଡ଼ି ଅନ୍ୟ କେଉଁଠି ଅବସର ପରବର୍ତ୍ତୀ ପେନ୍‌ସନ / ଭତ୍ତା ସୁବିଧା ଆଖିଦୃଶିଆ ନୁହେଁ । ସରକାରୀ ପେନ୍‌ସନ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୭୫ ଲକ୍ଷ । ଇପିଏଫ୍ ପେନ୍‌ସନ୍ ଭୋଗୀଙ୍କ ସଂଖ୍ୟା ପ୍ରାୟ ୮୪ ଲକ୍ଷ ହୋଇଥିବା ବେଳେ ମାସିକ ପେନ୍‌ସନ୍ ସର୍ବନିମ୍ନ ୧୦୦୦ ରୁ ସର୍ବାଧିକ ୬୦୦୦ ଟଙ୍କା ଭିତରେ । ପେନ୍‌ସନ୍‌ଭୋଗୀ ତାଲିକାରେ ପ୍ରତିରକ୍ଷା ବିଭାଗରେ ଅଣସୈନିକ ଏବଂ ସୀମିତ ଅବଧି ପାଇଁ ନିଯୁକ୍ତି ପରେ ଅବସର ନେଇଥିବା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ସାମିଲ୍ ଅଛନ୍ତି । ଏହାବ୍ୟତୀତ ମାସିକ ୧୦୦୦ ରୁ ୨୫୦୦ ଟଙ୍କା ପର୍ଯ୍ୟନ୍ତ ସରକାରୀ ବାର୍ଦ୍ଧକ୍ୟ ଭତ୍ତା ପାଉଥିବା ଲୋକଙ୍କ ସଂଖ୍ୟା ସାରା ଦେଶରେ ମୋଟ୍ ବୟସ୍କ ନାଗରିକଙ୍କ ମଧ୍ୟରୁ ପ୍ରାୟ ୨୫ ଭାଗ । ତେଣୁ ବରିଷ୍ଠ ନାଗରିକମାନଙ୍କୁ କିଭଳି ଆର୍ଥିକ ଦୃଷ୍ଟିରୁ ସବଳ କରାଯାଇ ପାରିବ ଏବଂ ସେମାନଙ୍କ ଅଭିଜ୍ଞତା ଓ ସାମର୍ଥ୍ୟକୁ ଦେଶ ଗଠନରେ ବିନିଯୋଗ କରି ହେବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବା କଥା । ନିତି ଆୟୋଗ ଏହି ମହତ୍ କାର୍ଯ୍ୟ ପ୍ରତି ଚିନ୍ତା କରି କାର୍ଯ୍ୟ ଆରମ୍ଭ କରିଥିଲେ ହେଁ ତାହା ସାର୍ବଜନିନ ହୋଇପାରିନାହିଁ ।

ଭାରତର ଜନସାଂଖ୍ୟିକ ବିଶେଷତ୍ୱ ହେଲା ଦେଶରେ କାର୍ଯ୍ୟକ୍ଷମ ବୟସ ବର୍ଗ ରୂପେ ସ୍ୱୀକୃତ ଲୋକଙ୍କ ସଂଖ୍ୟା ତୁଳନାତ୍ମକ ଭାବେ କମ୍ ହାରରେ ବଢ଼ୁଛି । ଦ୍ୱିତୀୟତଃ, ବିଭିନ୍ନ ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାରରେ ଅନେକ ସାମଞ୍ଜସ୍ୟ ରହିଛି । ତୃତୀୟତଃ ବୟସ୍କ ବା ବରିଷ୍ଠ ନାଗରିକଙ୍କ ସଂଖ୍ୟା ଦ୍ରୁତ ହାରରେ ବୃଦ୍ଧି ପାଇ ଚାଲିଛି । ନିତି ଆୟୋଗଙ୍କ ରିପୋର୍ଟ ଅନୁସାରେ ୬୦ ବୟସରୁ ଊର୍ଦ୍ଧ୍ୱ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୧୦ ଶତାଂଶ । ଏହା ୨୦୩୦ ଓ ୨୦୫୦ରେ ଯଥାକ୍ରମେ ମୋଟ୍ ଜନସଂଖ୍ୟାର ୧୨ ଓ ୨୦ ଶତାଂଶ ହୋଇପାରେ । ୨୦୧୧ ଜନଗଣନା ତଥ୍ୟ ଆଧାରରେ ବରିଷ୍ଠ ନାଗରିକଙ୍କ ସଂଖ୍ୟା ମୋଟ୍ ଜନସଂଖ୍ୟାର ୨୧ ପ୍ରତିଶତ ବୋଲି କୁହାଯାଉଛି । ତେଣୁ ଆଗାମୀ ଦିନରେ ଏକ ବିକଶିତ ଭାରତରେ କିଭଳି ଏହି ଅଭିଜ୍ଞ ଓ ବରିଷ୍ଠମାନଙ୍କୁ ଏକ ମୂଲ୍ୟବାନ ମାନବ ସମ୍ପଦ ରୂପେ ପରିଗଣିତ ଓ ଉପଯୋଗ କରାଯାଇପାରିବ ଏବଂ ସୁରକ୍ଷିତ ରଖାଯାଇପାରିବ ତାହା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

ଅଧୁନା ଏହି ବରିଷ୍ଠ ନାଗରିକଙ୍କ ସହିତ ଜଡ଼ିତ ଅର୍ଥନୀତିକୁ ସିଲ୍‌ଭର ଇକୋନୋମି ବା ରୌପ୍ୟ ଅର୍ଥନୀତିର ନାମ ଦିଆଯାଇଛି । ଏଥିରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କ ସହିତ ଜଡ଼ିତ ଉତ୍ପାଦନ, ଆବଣ୍ଟନ, ସାମଗ୍ରୀ ଓ ସେବାର ଉପଭୋଗ ଆଦି ଅନ୍ତର୍ଭୁକ୍ତ । ବୟସ୍କ ବ୍ୟକ୍ତିମାନଙ୍କ ସାମଗ୍ରିକ କ୍ରୟଶକ୍ତି ରୌପ୍ୟ ଅର୍ଥନୀତିର ମୂଳାଧାର । କେତେକ କ୍ଷେତ୍ରରେ ସରକାର ସହାୟତା ଯୋଗାଇଥା'ନ୍ତି । ତେଣୁ ସେହି 'ରୌପ୍ୟ ଅର୍ଥନୀତି'ର ପରିସରକୁ ଯଦି ଅର୍ଥପୂର୍ଣ୍ଣ ଭାବେ ବୃଦ୍ଧି କରାଯାଇପାରିବ, ତା'ହେଲେ ଦେଶର ବହୁ ବରିଷ୍ଠ ନାଗରିକ ଉପକୃତ ହେବେ ଏବଂ ଜାତୀୟ ଅର୍ଥନୀତି ପାଇଁ ମଧ୍ୟ ଲାଭପ୍ରଦ ହେବ । ଏ କ୍ଷେତ୍ରରେ ଆବଶ୍ୟକ ଅଛି ସଂସ୍କାର ପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ ରୂପାୟନ ପାଇଁ ଅମଲାତାନ୍ତ୍ରିକ ଆନ୍ତରିକତା । ଆମ ଦେଶରେ ବରିଷ୍ଠମାନଙ୍କ ପାଇଁ ସରକାର ନିରବଦ୍ରଷ୍ଟା ସାଜିଛନ୍ତି କହିଲେ ଭୁଲ୍ ହେବ । ନ୍ୟାଶ୍‌ନାଲ୍ ପଲିସିକ ଅନ୍ ଓଲଡର ପର୍ସନ୍(୧୯୯୯), ନ୍ୟାଶ୍‌ନାଲ୍ ପ୍ରୋଗ୍ରାମ୍ ଫର ହେଲ୍‌ଥ କେୟାର ଅଫ୍ ଦ ଏଲ୍‌ଡର୍‌ଲି(୨୦୧୦), ମେଣ୍ଟେନାନ୍ସ ଆଣ୍ଡ ୱେଲ୍‌ଫେୟାର ଅଫ୍ ପ୍ୟାରେଣ୍ଟସ୍ ଆଣ୍ଡ ସିନିୟର ସିଟିଜେନସ୍ ଆକ୍ଟ(୨୦୦୭) ଆଦି ଅନେକ ଯୋଜନା ଓ ଆଇନ କାନୁନ୍ ପ୍ରଣୟନ ହୋଇଥିଲେ ମଧ୍ୟ ତାହା ଆଜି କାହିଁକି ପ୍ରଭାବଶୂନ୍ୟ ଓ ମୂଲ୍ୟହୀନ ହୋଇପଡ଼ିଛି ତାହାର କାରଣ ଖୋଜିବାକୁ ପଡ଼ିବ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବରିଷ୍ଠ ନାଗରିକଙ୍କୁ ସମାଜର ଅବିଚ୍ଛେଦ୍ୟ ଅଂଶ ଭାବେ ଗ୍ରହଣ କରିବାର ମାନସିକତା । ବିଭିନ୍ନ ସମୟରେ ପ୍ରକାଶିତ ସର୍ବେକ୍ଷଣ ତଥ୍ୟାନୁଯାୟୀ ଆମ ଦେଶର ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୩୩ ଶତାଂଶ ମାନସିକ ଚାପଗ୍ରସ୍ତ । ୩୦ ଶତାଂଶ ଭାବନ୍ତି ସେମାନଙ୍କ ବାର୍ଦ୍ଧକ୍ୟ ଜୀବନରେ ସନ୍ତୋଷ ଓ ଶାନ୍ତି ନାହିଁ । ବିଶେଷକରି ଏକାକୀ ରହୁଥିବା ବରିଷ୍ଠ ନାଗରିକମାନେ ପରିବର୍ତ୍ତିତ ସାମାଜିକ ଚିନ୍ତାଧାରା ଦ୍ୱାରା ଅଧିକ ପ୍ରଭାବିତ । ଏକାକିନୀ ବରିଷ୍ଠ ନାଗରିକଙ୍କ କଥା ନ କହିବା ଭଲ । ଧନସମ୍ପତ୍ତି ଥାଇ ମଧ୍ୟ ପରିଣତ ବୟସରେ ସେମାନେ ନା ନା ନିର୍ଯାତନା ଓ ଅବହେଳାର ଶିକାର ହୋଇଆସୁଛନ୍ତି । ଏହି ବରିଷ୍ଠ ବର୍ଗର ଲୋକଙ୍କ ଜୀବନକୁ ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଯଦି ସହଜ, ସରଳ, ସୁଖଦ ଓ ଆନନ୍ଦମୟ କରିହେବ, ତା'ଠାରୁ ବଡ଼ କଥା ଆଉ କିଛି ନାହିଁ ।

ବରିଷ୍ଠ ନାଗରିକଙ୍କ ସୁଖ, ଶାନ୍ତି ଓ ଯତ୍ନ ପାଇଁ ଆବଶ୍ୟକ ମୌଳିକ ଭିତ୍ତିଭୂମି ନିର୍ମାଣ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା, ସେମାନଙ୍କ ଦକ୍ଷତା ବିକାଶ ଏବଂ ଆବଶ୍ୟକ ସ୍ଥଳେ ଉପାର୍ଜନକ୍ଷମ କରିବାର ବ୍ୟବସ୍ଥା ବିକାଶ କରିବାକୁ ପଡ଼ିବ । ବିଶେଷକରି ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ହେବ । ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ ପ୍ରଚଳିତ ବିଭିନ୍ନ ଆଖିଦୃଶିଆ ଯୋଜନାମାନ କେବଳ କାଗଜକଲମ ଓ ଏବଂ ରିପୋର୍ଟର ସୁଦୃଶ୍ୟ କାଗଜରେ ସୀମିତ ରହିଯାଇଛି । ଆମ ଦ୍ୱୈତନଗରୀ କଥା ଉଦାହରଣ ରୂପେ ନିଆଯାଉ । ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସହାୟତା ପାଇଁ କମିଶନରେଟ୍ ପୁଲିସ୍ ପ୍ରତି ଥାନାରେ ସ୍ୱତନ୍ତ୍ର ପ୍ରକୋଷ୍ଠ ଓ ୟୁନିଟ୍ ଖୋଲିଛି । ବରିଷ୍ଠ ନାଗରିକଙ୍କ ତଥ୍ୟ ସଂଗ୍ରହ କରି ନିୟମିତ ଅନ୍ତରାଳରେ ଘରକୁ ଘର ଯାଇ ସ୍ଥିତି ପରଖିବାର ପ୍ରଶଂସନୀୟ ବ୍ୟବସ୍ଥା ଅଛି । ବରିଷ୍ଠ ନାଗରିକଙ୍କ ଠାରୁ ଅଭିଯୋଗ ବା ଫୋନ୍ କଲ୍ ପାଇବା ମାତ୍ରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ବାସ୍ତବତା ଯେ ଏହାର ବିପରୀତ, ତାହା ଭୁକ୍ତଭୋଗୀମାନେ ଅଧିକ ଜାଣିଥିବେ ।

ସାମାଜିକ ନିରାପତ୍ତାର ଆଉ ଏକ ଆବଶ୍ୟକତା ହେଲା ଅର୍ଥ । ଯେଉଁମାନଙ୍କ ପାଖରେ ପରିଣତ ବୟସରେ ଚଳିବା ପାଇଁ ପର୍ଯ୍ୟାପ୍ତ ଅର୍ଥ ନାହିଁ ସେମାନଙ୍କୁ ଭତ୍ତା କିମ୍ବା ଅନ୍ୟ କୌଣସି ଯୋଜନାରେ ନିଶ୍ଚିତ ମାସିକ ଆୟକୁ ସୁନିଶ୍ଚିତ କରିବାକୁ ପଡ଼ିବ । ଖାଦ୍ୟ, ଆବାସ ଓ ସ୍ୱାସ୍ଥ୍ୟସେବାର ନିଶ୍ଚିତତା ମଧ୍ୟ ଆଉ ଏକ ଜରୁରୀ ଆବଶ୍ୟକତା । ଅଧୁନା ବିଦେଶୀ ମୁହାଁ ପିଲାମାନେ ବିଭିନ୍ନ କାରଣରୁ ବୟସ୍କମାନଙ୍କ ଉପଯୁକ୍ତ ଯତ୍ନ ନେଇ ପାରୁନାହାନ୍ତି । ତେଣୁ କେତେକ କ୍ଷେତ୍ରରେ ସେମାନେ ଏକାକୀ ରହୁଥିବା ବେଳେ ଆଉ କେତେକ ସ୍ଥାନରେ ବୋଝ ଭଳି ବ୍ୟବହାର ଜନିତ ଦୁର୍ଦ୍ଦଶା ସାମ୍ନା କରିବାକୁ ପଡୁଛି ।

ବାର୍ଦ୍ଧକ୍ୟରେ ବରିଷ୍ଠ ନାଗରିକମାନଙ୍କର ନିତ୍ୟବ୍ୟବହାର୍ଯ୍ୟ ବିଭିନ୍ନ ସାମଗ୍ରୀର ଅର୍ଥନୀତିରେ ଯୋଗଦାନ କିଛି କମ୍ ନୁହେଁ । ଏହାର ଆକାର ପ୍ରାୟ ୭୫୦ କୋଟି ଡଲାର ବୋଲି ଆକଳନ କରାଯାଇଛି, ଯାହା ୧୫% ହାରରେ ବଢୁଛି । ସେମାନେ ଏକାଧାରରେ ଏ ଦେଶର ସ୍ଥାୟୀ ଖାଉଟି ଏବଂ ନିର୍ଭରଯୋଗ୍ୟ ଜମା ସଞ୍ଚୟକାରୀ । ତେଣୁ ସେମାନଙ୍କୁ ପ୍ରତିଦାନର ଆଶା ଓ ଦାବି ସୃଷ୍ଟି ହେବା ସ୍ୱାଭାବିକ । ଯେଉଁମାନଙ୍କର ଅବାଦନ ରୌପ୍ୟ ଅର୍ଥନୀତିକୁ ସମୃଦ୍ଧ କରୁଛି ସେମାନଙ୍କୁ ହତାଦର କରାଯିବ କିପରି?

(ସକାଳ ମିଡିଆ ସର୍ଭିସ୍)

# ପ୍ରକୃତିର ଶ୍ରେଷ୍ଠ ବହୁବିଧ ଯନ୍ତ୍ରୀ

ଡ. ପାଣ୍ଡବ ପାତ୍ର

'ଭାରତର ସର୍ବଶ୍ରେଷ୍ଠ ଇଞ୍ଜିନିୟର କିଏ?' ହଠାତ୍ ଦିନେ ମୋ ମନରେ ଆସିଥିବା ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଇଣ୍ଟରନେଟରେ ଯେଉଁମାନଙ୍କ ନାମ ମିଳିଲା ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ଏମ୍. ବିଶ୍ୱେଶ୍ୱରାୟ, ଏପିଜେ ଅବଦୁଲ କଲାମ, ସତୀଶ ଧାୱନ, ଇ. ଶ୍ରୀଧରନ, ସୁନ୍ଦର ପିଚାଇ, ସତ୍ୟ ନାଡେଲା, ନାରାୟଣ ମୂର୍ତ୍ତି, ବର୍ଗୀଜ କୁରିଆନ ଇତ୍ୟାଦି । ଏହି ପ୍ରତିଷ୍ଠିତ ବ୍ୟକ୍ତିମାନେ ନିଜ ନିଜ କ୍ଷେତ୍ରରେ ଉତ୍କର୍ଷ ହାସଲ କରିଥିଲେ ଏରୋସ୍ପେସ୍ ଏବଂ ସିଭିଲ୍ ଇଞ୍ଜିନିୟରିଂ ଠାରୁ ଆରମ୍ଭ କରି ସଫ୍ଟୱେର୍ ଓ ଶିଳ୍ପ ବିକାଶ ପର୍ଯ୍ୟନ୍ତ । ଯେତେବେଳେ ମୁଁ ମୋ କମ୍ପ୍ୟୁଟର ସ୍କ୍ରିନରେ ଥିବା ନାମଗୁଡ଼ିକ ଉପରେ ନିରୀକ୍ଷଣ କରୁଥିଲି ଏବଂ ସେମାନଙ୍କ ବିଷୟରେ ଅଧ୍ୟୟନ କରୁଥିଲି, ଗୋଟେ ଜିନିଷ ସ୍ପଷ୍ଟ ହେଲା ଯେ ଏହି ଦୂରଦୃଷ୍ଟିସମ୍ପନ୍ନ ଏବଂ ଅଗ୍ରଣୀ ଇଞ୍ଜିନିୟରମାନେ ନିଜ ନିଜ କ୍ଷେତ୍ରରେ ବିଶେଷଜ୍ଞ ଥିଲେ । କିନ୍ତୁ ସିଭିଲ୍, ମେକାନିକାଲ୍ ଏବଂ ରାସାୟନିକ ଇଞ୍ଜିନିୟରିଂ ଭଳି ବହୁବିଧ ଶାଖାରେ ବିଶେଷଜ୍ଞ ଥିବା ଜଣେ ଇଞ୍ଜିନିୟରଙ୍କୁ ଖୋଜିବା ମୋ ପକ୍ଷେ ପ୍ରାୟ ଅସମ୍ଭବ ହେଲା ।

ହଠାତ୍, ମୋର ଦୃଷ୍ଟି ମୋ ଘର ବାହାରେ ଠିଆ ହୋଇଥିବା ଗୋଟେ ବଡ଼ ବଟବୃକ୍ଷ ଉପରେ ପଡ଼ିଗଲା । ମୁଁ ଏହାକୁ ପ୍ରତିଦିନ ଦେଖୁଥିଲି । କିନ୍ତୁ ଆଜି ଏହା ଭିନ୍ନ ଦେଖାଯାଉଥିଲା । ଯେପରି ଏହା ନିରବରେ ମୋତେ ଏହାର ରହସ୍ୟ ବୁଝିବାକୁ ଆମନ୍ତ୍ରଣ କରୁଥିଲା । କିଛିସମୟ ଗଭୀର ଅନୁଧ୍ୟାନ କଲା ପରେ ମୁଁ ଅନୁଭବ କଲି ଯେ ପ୍ରତ୍ୟେକ ବୃକ୍ଷ ଗୋଟେ ଗୋଟେ ଶ୍ରେଷ୍ଠ ବହୁବିଧ (ମଲ୍ଟିଡିସିପ୍ଲିନାରୀ) ଇଞ୍ଜିନିୟର । ବୃକ୍ଷଗୁଡ଼ିକ ପ୍ରାକୃତିକ ଭାବରେ ସେମାନଙ୍କର ବ୍ୟାପକ ମୂଳ ଏବଂ ଚେର ଦ୍ୱାରା ମୃତ୍ତିକା କ୍ଷୟ ହ୍ରାସ କରି ଏବଂ ପ୍ରବଳ ବର୍ଷା ସମୟରେ ପୋଖରୀ ଓ ନଦୀକୂଳକୁ ଧ୍ୱଂସ ହେବାରୁ ରକ୍ଷା କରି ସିଭିଲ୍ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି । ସେମାନଙ୍କର ମୂଳ ମାଟିର ଜଳଧାରଣ କ୍ଷମତାକୁ ଉନ୍ନତ କରେ । ବର୍ଷା ଜଳ ଶୋଷଣ କରିବାରେ ଏବଂ ବନ୍ୟାକୁ ହ୍ରାସ କରିବାରେ ସାହାଯ୍ୟ କରେ । ଭୂତଳ ଜଳ ସଂରକ୍ଷଣ ବୃଦ୍ଧି କରେ । ବୃକ୍ଷଗୁଡ଼ିକ ନିଜର ଓଜନ ସହିତ ପବନ ଓ ବର୍ଷା ଭଳି ବାହ୍ୟ ଶକ୍ତିକୁ ସହ୍ୟ କରିବା ପାଇଁ ସେମାନଙ୍କର ଗଠନକୁ ଅନୁକୂଳତମ କରି ମେକାନିକାଲ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି । ବୃକ୍ଷମାନେ ମଧ୍ୟ ସଂବହନ ଟିସୁ(ଜାଇଲେମ)କୁ ନେଇ ଗଠିତ ଏକ ଆଭ୍ୟନ୍ତରୀଣ ଯାନ୍ତ୍ରିକ ଡିଜାଇନ୍ ମାଧ୍ୟମରେ ଏହା ହାସଲ କରନ୍ତି, ଯାହା ସେମାନଙ୍କୁ ଶକ୍ତି ଓ ନମନୀୟତା ପ୍ରଦାନ କରେ । ବୃକ୍ଷର ଗଣ୍ଡି ଓ ଶାଖାଗୁଡ଼ିକ ବଙ୍କା ଚାପ (ବେଣ୍ଡିଙ୍ଗ ଷ୍ଟ୍ରେସ) ଏବଂ ସଙ୍କୋଚନ ଚାପ (କମ୍ପ୍ରେସିବଲ ଷ୍ଟ୍ରେସ)କୁ ସନ୍ତୁଳିତ କରିବା ପାଇଁ ସ୍ୱତଃ ବୃଦ୍ଧି ପାଏ । ତାହା ଏକ ପ୍ରାକୃତିକ କ୍ୟାଣ୍ଟିଲିଭର ବିମ୍ ପରି କାର୍ଯ୍ୟ କରେ ଏବଂ ଯାହା ଭାଙ୍ଗିବା (ବକଲିଙ୍ଗ)କୁ ପ୍ରତିରୋଧ କରେ ।

ବୃକ୍ଷଗୁଡ଼ିକ ଛାୟା ପ୍ରଦାନ ଓ ବାଷ୍ପୀଭବନ ପ୍ରକ୍ରିୟା ମାଧ୍ୟମରେ ଆଖପାଖର ପରିବେଶକୁ ଥଣ୍ଡା କରି ଏୟାର କଣ୍ଡିସନିଂ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି । ବୃକ୍ଷର ପତ୍ରଗୁଡ଼ିକ ସୂର୍ଯ୍ୟକିରଣ ଶୋଷଣ କରନ୍ତି ଏବଂ ଜଳୀୟ ବାଷ୍ପ ନିର୍ଗତ କରନ୍ତି । ଏହି ଜଳୀୟବାଷ୍ପ ବାଷ୍ପୀଭବନ ହେବା ସମୟରେ ବାୟୁକୁ ଥଣ୍ଡା କରିଥାଏ । ଯେପରି ଏୟାର କଣ୍ଡିସନରମାନେ ଘରରୁ ତାପ ଅପସାରଣ କରନ୍ତି, ବାଷ୍ପୀଭବନ ପ୍ରକ୍ରିୟା ସ୍ଥାନୀୟ ବାୟୁ ତାପମାତ୍ରାକୁ ଅନେକ ମାତ୍ରାରେ ହ୍ରାସ କରିଥାଏ । ଏହି ପ୍ରକ୍ରିୟାକୁ ଇଂରାଜୀରେ ଇଭାପୋଟ୍ରାନସପିରେସନ କୁହାଯାଏ । ଗବେଷଣା ଓ ପର୍ଯ୍ୟବେକ୍ଷଣରୁ ଜଣାପଡ଼ିଛି ଯେ ଆମ୍ବ ଭଳି ଏକ ବଡ଼ବୃକ୍ଷ ଏକକାଳୀନ କାର୍ଯ୍ୟ କରୁଥିବା ପାଞ୍ଚଟି ଏୟାର କଣ୍ଡିସନରର ଶୀତଳ ପ୍ରଭାବ ଉତ୍ପର୍ଣ୍ଣ କରିପାରେ ।

ବୃକ୍ଷଗୁଡ଼ିକ ରାସାୟନିକ ଇଞ୍ଜିନିୟର ଏବଂ ପରିବେଶ ଇଞ୍ଜିନିୟର ଭାବରେ ମଧ୍ୟ କାର୍ଯ୍ୟ କରନ୍ତି । ଜଟିଳ ଜୈବ ରାସାୟନିକ ପ୍ରକ୍ରିୟା ମାଧ୍ୟମରେ ବାୟୁ ଏବଂ ଜଳ ବିଶୋଧନ କରି ଏକ ସ୍ୱଚ୍ଛ ପରିବେଶ ସୃଷ୍ଟି କରିବାରେ ସାହାଯ୍ୟ କରନ୍ତି । ଆଲୋକ ସଂଶ୍ଳେଷଣ ମାଧ୍ୟମରେ ଗଛଗୁଡ଼ିକ ଅଙ୍ଗାରକାମ୍ଳ ଗ୍ରହଣ କରନ୍ତି ଏବଂ ଅମ୍ଳଜାନ ମୁକ୍ତ କରନ୍ତି, ଯାହା ବାୟୁମଣ୍ଡଳରେ ଗ୍ରୀନହାଉସ୍ ଗ୍ୟାସଗୁଡ଼ିକୁ ହ୍ରାସ କରିବାରେ ସାହାଯ୍ୟ କରେ । ସେମାନଙ୍କର ପତ୍ରଗୁଡ଼ିକ ଷ୍ଟୋମାଟା ନାମକ କ୍ଷୁଦ୍ର ଛିଦ୍ର ମାଧ୍ୟମରେ ଓଜୋନ, ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ସଲଫର ଡାଇଅକ୍ସାଇଡ୍ ଭଳି ପ୍ରଦୂଷକଗୁଡ଼ିକୁ ମଧ୍ୟ ଶୋଷଣ କରନ୍ତି । ଏହାବ୍ୟତୀତ ଗଛର ପତ୍ରଗୁଡ଼ିକ ଧୂଳି ଓ ଧୂଆଁ କଣିକାଗୁଡ଼ିକୁ ଅଟକାଇ ଦିଅନ୍ତି, ଯାହା ବର୍ଷା ଦ୍ୱାରା ଧୋଇ ହୋଇଯାଏ ଏବଂ ପରିବେଶ ପ୍ରଦୂଷଣ ହ୍ରାସ ପାଇଥାଏ । ଆଲୋକ ସଂଶ୍ଳେଷଣ ଓ ମେଟାବୋଲିକ୍ ପ୍ରକ୍ରିୟା ମାଧ୍ୟମରେ ସୂର୍ଯ୍ୟକିରଣ, ପାଣି ଓ ଅଙ୍ଗାରକାମ୍ଳ ବାଷ୍ପକୁ ବ୍ୟବହାର କରି ଫଳ ଓ ପନିପରିବା ପରି ବାୟୋମାସରେ ଦକ୍ଷତାର ସହିତ ରୂପାନ୍ତର କରି ବୃକ୍ଷଗୁଡ଼ିକ ପ୍ରଡକ୍ସନ ଇଞ୍ଜିନିୟର ଭାବରେ କାର୍ଯ୍ୟ କରନ୍ତି ।

ଆମେ ଏଥିରୁ ସ୍ପଷ୍ଟ ଭାବରେ ବୁଝିପାରିଲେ ଯେ ବୃକ୍ଷ ହେଉଛି ପ୍ରକୃତିର ସର୍ବୋତ୍ତମ ବହୁବିଧ ଇଞ୍ଜିନିୟର । ବୃକ୍ଷଟିଏ ନିଜ ଜୀବନର ପ୍ରତ୍ୟେକ ସେକେଣ୍ଡରେ ନିରବରେ ଜଟିଳ ଇଞ୍ଜିନିୟରିଂ ନୀତିଗୁଡ଼ିକୁ ପ୍ରୟୋଗ କରି ଧରଣୀମାଆର ଏବଂ ସମଗ୍ର ଜୀବଜଗତର ଅନବରତ ଭାବେ ସେବା କରିଚାଲେ ।

(ଅଧ୍ୟାପକ, ବୀର ସୁରେନ୍ଦ୍ର ସାଏ ବୈଷୟିକି ବିଶ୍ୱବିଦ୍ୟାଳୟ)

ବୁର୍ଲା, ମୋ: ୯୭୭୬୧୫୨୫୨୫

# ମହିମାମୟ ଜୀବନର ଗାୟକ: ଗଡ଼ନାୟକ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଯେଉଁମାନେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥା'ନ୍ତି ଜଗତର କଲ୍ୟାଣ ସକାଶେ ସେମାନଙ୍କ ପ୍ରତି କବି-ଆତ୍ମା ଜଣାଇଥାଏ ଶ୍ରେଷ୍ଠ ସମ୍ମାନ । ଯୁଗେ ଯୁଗେ ସେମାନେ ହିଁ ହୋଇଥା'ନ୍ତି ସାହିତ୍ୟ ସୃଷ୍ଟିରେ ମୁଖ୍ୟନାୟକ । ସେମାନଙ୍କୁ ନେଇ ହିଁ ଜାତିର ଇତିହାସ ହୁଏ ଗୌରବବିମଣ୍ଡିତ । ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ସେମାନେ ହିଁ ଅନ୍ତଃହୀନ ପ୍ରେରଣାର ଜ୍ୟୋତିର୍ମୟ ସ୍ତମ୍ଭ । ରାଧାମୋହନ ଗଡ଼ନାୟକଙ୍କ ହୃଦୟ ଜାତିର ସମର୍ପିତ କୃତୀ ସନ୍ତାନଙ୍କ ଭାବନାରେ ହୋଇଉଠିଛି ତୀବ୍ର ଭାବରେ ପୁନଃ ପୁନଃ ପରିସ୍ପନ୍ଦିତ । ଓଡ଼ିଶାର କିମ୍ବଦନ୍ତୀ, ଲୋକକଥା, ଇତିହାସ ମଧ୍ୟରେ ସେ ନିରନ୍ତର ଅନ୍ୱେଷଣ କରିଚାଲିଛନ୍ତି ଏପରି କାହାଣୀ, ଏପରି ଚରିତ୍ର, ଯେଉଁମାନେ ସ୍ୱକୀୟ ତ୍ୟାଗ ଓ ତିତିକ୍ଷାରେ, ଶ୍ରଦ୍ଧାଶୀଳତା ଓ ମାନବିକତାରେ, ସଦିଚ୍ଛା ଓ ସମର୍ପଣରେ ତତ୍କାଳୀନ ସମାଜକୁ କରିଦେଇଛନ୍ତି ସ୍ତବ୍ଧ ଓ ନିର୍ବାକ । ରାଧାମୋହନ ନିଜ ଗାଥା କବିତା ରଚନା ସମୟରେ ତ୍ୟାଗପୂତ ଜୀବନର ଅଧିକାରୀ ନିଃସ୍ୱାର୍ଥ ବ୍ୟକ୍ତିତ୍ୱଙ୍କ ଉଚ୍ଚକୋଟୀର ଚରିତ୍ରକୁ ରୂପାୟିତ କରିଛନ୍ତି କି ଆବେଗମୟ ଭାଷା, ଛନ୍ଦ ଓ ସାଙ୍ଗୀତିକ ମୂର୍ଚ୍ଛନା ସଂଯୋଗରେ!

କବି ସ୍ୱରଚିତ 'ଉତ୍କଳିକା', 'ସ୍ମରଣିକା', 'ଅବାଚୀର ତାରା', 'ହୀରାଖଣ୍ଡର ଗାଥା', 'ଗାନ୍ଧୀ ଗାଥା' ଆଦି କବିତା ସଂକଳନରେ ମାନବିକ ଚେତନାର ସର୍ବୋଚ୍ଚ ସୋପାନରେ ଦଣ୍ଡାୟମାନ ଚରିତ୍ରମାନଙ୍କ ପ୍ରତି ପ୍ରାଣ-ମେଘମାଳାର ଅଜସ୍ର ବର୍ଷାଧାରା ଢାଳି ଦେଇଛନ୍ତି ଭାବ ତନ୍ମୟ ଚିତ୍ତରେ । ଉତ୍କଳମଣି ଗୋପବନ୍ଧୁଙ୍କୁ ଯେପରି କବି ରୂପ ଦେଇଛନ୍ତି ଜୀବନ୍ତ ଭାବରେ, ସେହିପରି ସମ୍ବଲପୁରର ପ୍ରଥମ ରାଜା ବଳରାମ ଦେବଙ୍କ ଅସୀମ ସାହସ, ବଡ଼ଭାଇ ପ୍ରତି ଅମାପ ତ୍ୟାଗ ବର୍ଣ୍ଣନା କରିଛନ୍ତି 'ହୀରାଖଣ୍ଡ ଗାଥାରେ' । ଭକ୍ତକବି ଦୀନକୃଷ୍ଣ ଦାସ, ସନ୍ଥକବି ଭୀମ ଭୋଇ, ବୀର ବାଳକ ବିଶ୍ୱକର୍ମା-ନନ୍ଦନ ଧର୍ମପଦ, ମହାରାଣୀ ଶୁକଦେଇ, ଉତ୍କଳର ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ଜୀବନର ଶ୍ରେଷ୍ଠ ଉପଲବ୍ଧି ଅଙ୍କନ କରିଛନ୍ତି ଅଦ୍ଭୁତ ନିଷ୍ଠାର ସହ । 'ଗାନ୍ଧୀ ଗାଥା'ର କେଉଁ ଆଦିବାସୀ ଯୁବତୀ ସ୍ୱାଧୀନତା ସଂଗ୍ରାମ ପାଇଁ ନିଜେ ପିନ୍ଧିଥିବା ସବୁ ଅଳଙ୍କାର ଦାନ କରି ଦେଉଛନ୍ତି ତ ପୁଣି ଆଉ କେଉଁଠି ଅଳଙ୍କାର ଉପରେ ପିତାମାତା ଅଧିକାର ସାବ୍ୟସ୍ତ କରୁଥିବାରୁ ସେସବୁ ତ୍ୟାଗ କରି ଜଣେ ଯୁବତୀ ଗାନ୍ଧିଜୀଙ୍କ ଚରଣରେ ସମର୍ପିତ କରିଛନ୍ତି ନିଜକୁ ।

ସୁପରିଚିତ ହୁଅନ୍ତୁ କି ଅପରିଚିତ, ସୁବିଖ୍ୟାତ ହୁଅନ୍ତୁ କି ଅଖ୍ୟାତ, କବି ଯେଉଁଠି ଦେଖିଛନ୍ତି ମହତ ଚେତନାର ସ୍ଫୁରଣ, ତା'କୁ ସାଉଁଟି ଆଣିଛନ୍ତି ନିଜ ପାଖକୁ । କେବଳ ଏହି ଉଦ୍ଦେଶ୍ୟରେ ମଧ୍ୟ ସେ ଅନେକ ସ୍ଥାନକୁ ଯାତ୍ରା କରିଛନ୍ତି ଜଣେ ଅନୁସନ୍ଧିତ୍ସୁ ଗବେଷକର ଉତ୍ସୁକତା ନେଇ । ଦୁର୍ଭିକ୍ଷ ସମୟରେ ଭିକ୍ଷା ସଂଗ୍ରହ କରୁଥିବା ପିଲାଟି ପାଇଛି ପଖାଳ ମୁଠାଏ । କ୍ଷୁଧାରେ ତା'ର ଉଦର ପ୍ରଜ୍ୱଳିତ । ମାତ୍ର ନିଜ ଭାଇଭଉଣୀ କଥା ମନେ ପକାଇ ଏକୁଟିଆ ସେ ଖାଇପାରୁନି । ତୋରାଣି ଟିକିଏ ପିଇଦେଇ ବୃକ୍ଷ ମୂଳରେ ନେଇଛି ବିଶ୍ରାମ । କିଏ ଜାଣିଥିଲା ଯେ ତାହା ମହାବିଶ୍ରାମରେ ପରିଣତ ହୋଇଯିବ? ସେଇ ରାସ୍ତାଦେଇ ଯାଉଥିବା କେହି ପିଲାଟି ମରିଯାଇଛି ବୋଲି କହିବା ବେଳେ କବିଆତ୍ମା ଘୋଷଣା କରୁଛନ୍ତି - 'ଆକାଶ ପବନ କାନେ କାନେ ତା'ର ଉଠିଲା କହି, ମରିନାହିଁ ସେ ତ ମରଣଜୟୀ' । ସ୍ୱଭାବ-କବି ଗଙ୍ଗାଧର ନିଜ ରଚନାରେ ଛାଡ଼ି ଯାଇଛନ୍ତି ଏକ ସାମାନ୍ୟ ସୂଚନା ଯେ, ବରପାଲିର ରାମଚନ୍ଦ୍ର ମନ୍ଦିର ନିର୍ମିତ ହୋଇଥିଲା ତୁଳସୀ ନାମକ ଏକ କେଉଁଟୁଣୀ ଦ୍ୱାରା । ବେଶ, ଏତିକି ସୂଚନା ତାଙ୍କୁ ଟାଣି ନେଇଗଲା ବରପାଲି ମାଟିକୁ । ସ୍ୱାମୀ ସନ୍ତାନ ହରା କେଉଁଟୁଣୀର ଘରେ ଆଶ୍ରୟ ନେବାକୁ ଚାହିଁଛନ୍ତି ସ୍ୱୟଂ ଶ୍ରୀରାମ । ମୁଢ଼ି ଭାଜି ଭାଜି ସେ ସାଇତି ରଖିଛି ଟଙ୍କା । ସେଇ ସଂଚିତ ଅର୍ଥ ବଳରେ ନିର୍ମାଣ କରିଛି ମନ୍ଦିର । ରାଧାମୋହନ ସ୍ୱରଚିତ 'ଅବାଚୀର ତାରା' ସଂକଳନରେ ସେଇ ସତ୍ୟକୁ ଆଧାର କରି ରଚନା କଲେ କବିତା 'ତୁଳସୀ ଗୋ ଦୀନ ଦୁଃଖୀ ତୁମେ କେଉଁଟୁଣୀ' ।

ଓଡ଼ିଶାର ମହାନତାକୁ କେହି ଯଦି ତଲ୍ଲୀନ ହୃଦୟରେ ଅନୁଭବ କରିବାକୁ ଚାହାନ୍ତି, ସ୍ୱଦେଶ ବା ମାତୃଭୂମି ପାଇଁ କେହି ଯଦି ସ୍ୱାର୍ଥତ୍ୟାଗ ସକାଶେ ପ୍ରତିଜ୍ଞାବଦ୍ଧ ତାଙ୍କୁ ରାଧାମୋହନ ଗଡ଼ନାୟକଙ୍କ କବିତା ଜଗତକୁ ପ୍ରବେଶ କରିବାକୁ ପଡ଼ିବ ନିଶ୍ଚୟ । କେହି ଯଦି ସାମାନ୍ୟ ନିଃସ୍ୱାର୍ଥ ଭାବରେ ବଞ୍ଚିରହିବା ହିଁ ଜୀବନର ବିରାଟ ସଫଳତା ବୋଲି ନିଶ୍ଚିତ ହୋଇଯା'ନ୍ତି, ତା'ହେଲେ ଗଡ଼ନାୟକଙ୍କ ପ୍ରତିଭାର ଦ୍ୟୁତିରେ ସମୁଦ୍ଭାସିତ ଚରିତ୍ରଙ୍କୁ ନିଜ ପ୍ରାଣ ପ୍ରଦେଶକୁ ନିମନ୍ତ୍ରଣ କରିଆଣିବାକୁ ହେବ । ପ୍ରତିଷ୍ଠିତ କରିବାକୁ ହେବ ସେମାନଙ୍କୁ ପ୍ରେରଣା ବିକିରଣ-କ୍ଷମ ହୃଦୟ ବେଦୀରେ । ତାହା ହିଁ ଏହି ସ୍ୱାର୍ଥସର୍ବସ୍ୱ ସମାଜ ମଧ୍ୟରେ ହେବ ଏକ ସାହସିକ ପଦକ୍ଷେପ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

# ମାଂସ ଜବତକୁ ନେଇ ବାଲିକୁଦାରେ ଉତ୍ତେଜନା

## ଦୁଇଗୋଷ୍ଠୀ ମୁହାଁମୁହିଁ, ଥାନାରେ ଅଭିଯୋଗ



ବାଲିକୁଦା,୧୨।୧୧(ସମିସ): ବାଲିକୁଦା ଥାନାଠାରୁ ମାତ୍ର ୫୦୦ ମିଟର ଦୂର ବାଲିକୁଦା କାଠଗୋଲା ଛକ ନିକଟରୁ ପ୍ରାୟ ୧ କୁଇଣ୍ଟାଲ ମାଂସ ଜବତ ହୋଇଛି। ଏକ ଘରେ ମାଂସ କଟା ଯାଉଥିବା ଖବର ପାଇ ହିନ୍ଦୁ ସେନା ସଂଗଠନର ୫୦ରୁ ଅଧିକ କର୍ମକର୍ତ୍ତା ବିରୋଧ କରିଥିଲେ। ଖବର ପାଇଲା ପରେ ଡିଏସପି ରଶ୍ମିରଂଜନ ଦାସ ଓ ଏଡିସପି ଆଇଁକ୍ୟ ମାଣେ, ବାଲିକୁଦା ଥାନାଧିକାରୀ ସୁଶାନ୍ତ ସାହୁ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ନିରୀକ୍ଷଣ କରିଥିଲେ। ଏହାକୁ ପୋତି ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏପଟେ ହିନ୍ଦୁସେନା କର୍ମୀମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିବାରୁ ପରିସ୍ଥିତି ଅସ୍ୱାଭାବିକ ହୋଇଥିଲା। ଆଲୋଚନା ପରେ ସ୍ଥାନୀୟ ତହସିଲଦାରଙ୍କୁ ଅବଗତ କରାଯାଇଥିଲା। ପରେ ଅତିରିକ୍ତ ତହସିଲଦାର ଅମିତ ରାୟଙ୍କ ଉପସ୍ଥିତିରେ କଟା ହୋଇଥିବା ମାଂସ ଓ ମୁଣ୍ଡକୁ କଡ଼ା ସୁରକ୍ଷା ବଳୟରେ ଓରଣ୍ଡାଠାରେ ଥିବା ଏକ ନିର୍ଜନ ସରକାରୀ ସ୍ଥାନରେ ଜେସିବି ମେସିନ ସହାୟତାରେ ପୋତି ଦିଆଯାଇଛି। ହିନ୍ଦୁସେନା ପକ୍ଷରୁ ଏକ ଲିଖିତ ଅଭିଯୋଗ ବାଲିକୁଦା ଥାନାରେ କରାଯିବା ସହ ଉକ୍ତ ଘଟଣାରେ ଜଡିତ ଥିବା ୫ ଜଣ ବ୍ୟକ୍ତିଙ୍କ ଗିରଫ ପାଇଁ ଦାବି କରାଯାଇଛି। ଗୁରୁବାର ସୁଦ୍ଧା ଗିରଫ କରାନଗଲେ ତେବେ ବାଲିକୁଦା ମୁଖ୍ୟରାସ୍ତା ଅବରୋଧ କରାଯାଇ ଆନ୍ଦୋଳନ କରି ପ୍ରତିବାଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପୁଲିସ ଘଟଣାକୁ ଗୁରୁତର ସହ ନେଉଛି। ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଡିଏସପି ଶ୍ରୀ ଦାସ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।

# ଗାଁକୁ ରାସ୍ତା ନାହିଁ; ଖଟିଆରେ ବୁହାହେଲେ ଗର୍ଭବତୀ

ଫିରିଙ୍ଗିଆ,୧୨।୧୧(ସମିସ): ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗାଁକୁ ସହର ସହିତ ଯୋଡ଼ିବାକୁ ପକ୍କା ରାସ୍ତାର ବ୍ୟବସ୍ଥା କରିଛନ୍ତି। ହେଲେ ଏବେବି ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳରେ ପକ୍କା ରାସ୍ତା ନଥିବାରୁ ଲୋକେ ଦୁର୍ବିସହ ଜୀବନ କାଟୁଛନ୍ତି। କେତେବେଳେ ଛାତ୍ରଛାତ୍ରୀ ଭରା ନଈରେ ଜୀବନକୁ ବାଜି ଲଗାଇ ଯାଉଛନ୍ତି ତ ଆଉ କେତେବେଳେ ଗର୍ଭବତୀ ଖଟିଆରେ ବୁହା ହୋଇ ମେଡିକାଲ ଯାଉଥିବା ଘଟଣା ନିତିଦିନିଆ ହୋଇଗଲାଣି।

ଏଭଳି ଏକ ଘଟଣା ଏବେ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ସବେରୀ ଗ୍ରାମରୁ। ଉକ୍ତ ଗ୍ରାମର ଜଣେ ଗର୍ଭବତୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଆଶାକର୍ମୀ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ରାସ୍ତାର ଅବସ୍ଥା ଶୋଚନୀୟ ଥିବାରୁ ଆମ୍ବୁଲାନ୍ସ ଗ୍ରାମଠାରୁ ୪ କିଲୋମିଟର ଦୂର କାଳାଡି ପାଣିପାରି ଗାଁରେ ରହିଥିଲା। ପରେ ଆଶାଦିଦି, ଆମ୍ବୁଲାନ୍ସ ଡ୍ରାଇଭର ଓ ଗ୍ରାମବାସୀ ମିଶି ଖଟିଆରେ ୪ କିଲୋମିଟର ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାପରେ ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଉଭୟ ମା' ପୁଅ ସୁସ୍ଥ ଥିବା ସୂଚନା ମିଳିଛି। ରାସ୍ତାର ଅବସ୍ଥା କଦର୍ଯ୍ୟ ଥିବାରୁ ଆମ୍ବୁଲାନ୍ସ ଡ୍ରାଇଭର ଜିତୁ ମାଝୀ ଗର୍ଭବତୀଙ୍କୁ କାନ୍ଧରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ପ୍ରଶାସନ ଏହି ଗ୍ରାମର ସମସ୍ୟା ଓ ଯାତାୟତ ଯନ୍ତ୍ରଣାକୁ ହୃଦୟଙ୍ଗମ କରି ଯଥାଶୀଘ୍ର ପକ୍କାରାସ୍ତା ନିର୍ମାଣ କରିବା ସହ ମେଣ୍ଡମୁଣ୍ଡା ନାଳରେ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ବାରବାଟୀରେ କ୍ରିକେଟ ମ୍ୟାଚ୍

# ପ୍ରାଥମିକତା ହେଉ ସୁରକ୍ଷା ବ୍ୟବସ୍ଥା ସହିତ ତ୍ରୁଟିଶୂନ୍ୟ ଆୟୋଜନ : ବିଜେଡି

ଭୁବନେଶ୍ୱର,୧୨।୧୧(ସମିସ): ଆସନ୍ତା ଡିସେମ୍ବର ୯ରେ ବାରବାଟୀରେ ହେବାକୁଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ କ୍ରିକେଟ ମ୍ୟାଚରେ ସୁରକ୍ଷାକୁ ସୁନିଶ୍ଚିତ କରାଯାଉ ଓ ଆୟୋଜନ ତ୍ରୁଟିଶୂନ୍ୟ ହେଉ ବୋଲି ଦାବି କରିଛି ବିଜେଡି। ଦଳର ମୁଖପାତ୍ର ମିହିର ରାୟ କହିଛନ୍ତି ଯେ ସମ୍ପ୍ରତି ଦେଶର ରାଜଧାନୀ ଦିଲ୍ଲୀ ଠାରେ ଘଟିଥିବା ଆତଙ୍କୀ ବିସ୍ଫୋରଣ ଯୋଗୁ ଦେଶରେ ହାଇଆଲର୍ଟ ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମ୍ୟାଚ ବେଳେ ସୁରକ୍ଷା ଏକ ମୁଖ୍ୟ ପ୍ରସଙ୍ଗ। ଏହା ସହିତ ଏହି ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚକୁ ତ୍ରୁଟିଶୂନ୍ୟ ଭାବେ ଆୟୋଜନ କରିବା ମଧ୍ୟ ଏକ ଗୁରୁ ଦାୟିତ୍ୱ। ଗତବର୍ଷ ଭାରତ ଓ ଇଂଲଣ୍ଡ ମଧ୍ୟରେ ବାରବାଟୀ ଷ୍ଟାଡିଅମରେ ଅନୁଷ୍ଠିତ ହୋଇଥିବା ଏକଦିବସୀୟ ମ୍ୟାଚ ବେଳେ ଯେଉଁଭଳି ଭାବେ ଷ୍ଟାଡିଅମର ଫ୍ଲଡ ଲାଇଟରେ ବିଭ୍ରାଟ ଦେଖା ଦେଇଥିଲା ତାର ପୁନରାବୃତ୍ତି ହେବା ଅନୁଚିତ। ତେଣୁ ତ୍ରୁଟିଶୂନ୍ୟ ଭାବେ କିଭଳି ମ୍ୟାଚଟିକୁ ଆୟୋଜନ କରାଯାଇ ପାରିବ, ରାଜ୍ୟ ସରକାର ସେଥିପ୍ରତି ଯତ୍ନବାନ ହେବା ଦରକାର। ଅତୀତରେ ଅନୁଷ୍ଠିତ କ୍ରିକେଟ ମ୍ୟାଚରେ ଫ୍ଲଡ୍ ଲାଇଟ୍ ବିଭ୍ରାଟ ଓଡ଼ିଶାକୁ ସାରା ବିଶ୍ୱରେ ନିନ୍ଦିତ କରିଥିଲା। ମାତ୍ର ଏଥିରେ କିଏ ପ୍ରକୃତ ଦୋଷୀ ଓ ଏତେ ପ୍ରସ୍ତୁତି ସତ୍ତ୍ୱେ କିପରି ଏଭଳି ଅଭାବନୀୟ ସ୍ଥିତି ଉପୁଜିଲା, ତାକୁ ନେଇ କୌଣସି ସ୍ୱଷ୍ଟତା ଆସି ନଥିଲା। କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ସରକାରଙ୍କ ପକ୍ଷରୁ ଗୋଟିଏ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ଏହାଛଡା ଏହି କ୍ରିକେଟ ମ୍ୟାଚକୁ ଦେଖିବା ପାଇଁ ଓସିଏ ପକ୍ଷରୁ ବଣ୍ଟନ କରାଯାଇଥିବା ପାସରେ ମଧ୍ୟ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଥିଲା। ତେଣୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା କ୍ରିକେଟ ମ୍ୟାଚଟି ତ୍ରୁଟିଶୂନ୍ୟ ଭାବେ ଆୟୋଜିତ ହେବା ଆବଶ୍ୟକ ବୋଲି ଶ୍ରୀ ରାୟ କହିଛନ୍ତି।

## ରାଜ୍ୟସ୍ତରୀୟ 'ସୁରଭି' ଉଦ୍‌ଘାଟିତ

# ୩ ବର୍ଷରେ ୪୪,୪୩୩ ଶିକ୍ଷକ ନିଯୁକ୍ତି ଲକ୍ଷ୍ୟ

ଭୁବନେଶ୍ୱର,୧୨।୧୧(ସମିସ): ଶିଶୁମାନେ ହେଉଛନ୍ତି ସମାଜର ଭବିଷ୍ୟତ ଓ ନୂତନ ଆଶା। ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଉଚିତ୍ ମାର୍ଗଦର୍ଶନ କରିବା ସମସ୍ତଙ୍କ ପ୍ରାଥମିକତା। ଏଥିପାଇଁ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସ କରୁଛନ୍ତି। ବିଦ୍ୟାଳୟରେ ମନୋଜ୍ଞ ପରିବେଶ ସୃଷ୍ଟି କରିବା ସହିତ ଅତ୍ୟାଧୁନିକ ଶିକ୍ଷା ପ୍ରଦାନ କରିବାକୁ ପଦକ୍ଷେପ ନିଆଯାଉଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

- ■ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଓ ଗୁଣାତ୍ମକ ବିକାଶ ପାଇଁ ସରକାର ପ୍ରୟାସରତ: ମୁଖ୍ୟମନ୍ତ୍ରୀ
- ■ ସମ୍ବର୍ଦ୍ଧିତ ହେଲେ ମେଧାବୀ ଛାତ୍ରଛାତ୍ରୀ; ଦିବ୍ୟାଙ୍ଗ ପିଲାଙ୍କୁ ହୁଇଲ୍ ଚେୟାର

ପକ୍ଷରୁ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରସ୍ଫୁଟିତ କରିବା ପାଇଁ ସୁରଭି ଏକ ପ୍ରକୃଷ୍ଟ ମାଧ୍ୟମ। ବିଦ୍ୟାର୍ଥୀଙ୍କ ଭିତରେ ଲୁଚି ରହିଥିବା ଅସଂଖ୍ୟ ସମ୍ଭାବନା ଏବଂ ଦକ୍ଷତାକୁ ନିଜେ ଜାଣନ୍ତୁ। ବଡ଼ ହେବା ପାଇଁ ସ୍ୱପ୍ନ ଦେଖନ୍ତୁ। କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ତାକୁ ସାକାର କରିପାରିବେ ବୋଲି ଛାତ୍ରଛାତ୍ରୀଙ୍କୁ ସେ ପ୍ରୋତ୍ସାହିତ କରିଛନ୍ତି।

ସେହିପରି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦ ପୂରଣ କରିବାକୁ ସରକାର ପ୍ରାଥମିକତା ଦେଉଛନ୍ତି। ଆଗାମୀ ୩ ବର୍ଷରେ ୪୪ହଜାର ୪୩୩ ଶିକ୍ଷକ ନିଯୁକ୍ତ କରାଯିବ ବୋଲି କହିବା ସହ ପ୍ରତି ବର୍ଷ ପ୍ରାୟ ୧୫ ହଜାର ଲେଖାଏଁ ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ ଘୋଷଣା କରିଛନ୍ତି। ଅନ୍ୟତମ ଅତିଥି ଭାବେ ବିଧାୟକ ବାବୁ ସିଂ ଯୋଗଦେଇଥିବାବେଳେ ବିଭାଗୀୟ ସଚିବ ଡ. ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଯୁକ୍ତ ଦୁଇ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। କଳାରେ ଦେବେନ୍ଦ୍ର ଖମାରିଆ, ବିଜ୍ଞାନରେ ସୁଶିଲ କୁମାର ନାୟକ, ବାଣିଜ୍ୟରେ ସ୍ୱର୍ଣ୍ଣ ରେଖା ମନ୍ତ୍ରୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ସୁପ୍ରିୟା ସୁତାରଙ୍କୁ ମୁଖ୍ୟମନ୍ତ୍ରୀ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ହୁଇଲ ଚେୟାର ଓ ଅନ୍ୟାନ୍ୟ ଉପକରଣ ପ୍ରଦାନ କରିଛନ୍ତି। ଏହାସହ ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି।

# ଓଡ଼ିଶା କଂଗ୍ରେସ ପାଇଁ ଆଉ ଜଣେ ସହପ୍ରଭାରୀ ନିଯୁକ୍ତ

ଭୁବନେଶ୍ୱର,୧୨।୧୧(ସମିସ): ବରିଷ୍ଠ କଂଗ୍ରେସ ନେତା ଜେଟ୍ଟି କୁସୁମ କୁମାରଙ୍କୁ ଓଡ଼ିଶା ପିସିସି ସହପ୍ରଭାରୀ ଭାବେ ନିଯୁକ୍ତି ଦେଇଛି ଏଆଇସିସି। ପୂର୍ବରୁ ଓଡ଼ିଶା ସହପ୍ରଭାରୀ ଭାବେ କାର୍ଯ୍ୟ କରୁଥିବା ଆସାମର ବରିଷ୍ଠ କଂଗ୍ରେସ ନେତ୍ରୀ ରୋଜଲିନା ତିର୍କୀଙ୍କୁ କେଇମାସ ତଳେ ଦାୟିତ୍ୱରୁ ଅପସାରଣ କରିଦିଆଯାଇଥିଲା। ବର୍ତ୍ତମାନ କେବଳ ଶାହାନୱାଜ ଚୌଧୁରୀ ଓଡ଼ିଶା କଂଗ୍ରେସର ସହପ୍ରଭାରୀ ଭାବରେ କାର୍ଯ୍ୟ କରୁଥିବାବେଳେ ଜେଟ୍ଟି କୁସୁମକୁମାରଙ୍କୁ ଏବେ ସହପ୍ରଭାରୀ ନିଯୁକ୍ତି ମିଳିଛି। ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କୁ ବିଭିନ୍ନ ସାଂଗଠନିକ କାର୍ଯ୍ୟରେ ଏହି ସହ ପ୍ରଭାରୀମାନେ ସହାୟତା କରିବେ।

# ଅପରାଜିତା ଯୁଗ୍ମ ସଂସଦୀୟ କମିଟିର ଅଧ୍ୟକ୍ଷା

ଭୁବନେଶ୍ୱର,୧୨।୧୧(ସମିସ): ସଂସଦରେ ଆଗତ ହୋଇଥିବା ୩ଟି

**ସଂସଦରେ ଆଗତ ୩ ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ କରିବ ଅନୁଧ୍ୟାନ**

ଗୁରୁତ୍ୱପୂର୍ଣ୍ଣ ବିଲ୍ ସମ୍ପର୍କରେ ଅନୁଧ୍ୟାନ ଲାଗି ଗଠିତ ସଂସଦୀୟ କମିଟିରେ ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଛନ୍ତି ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ। ସମ୍ବିଧାନ (୧୩୦ ତମ ସଂଶୋଧନ) ଅଧିନିୟମ, ୨୦୨୫, ଜମ୍ମୁ ଓ କାଶ୍ମୀର ପୁନର୍ଗଠନ (ସଂଶୋଧନ) ଅଧିନିୟମ, ୨୦୨୫ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ଶାସନ (ସଂଶୋଧନ) ଅଧିନିୟମ ୨୦୨୫ ସମ୍ପର୍କରେ ଏହି ଜେପିସି ଅନୁଧ୍ୟାନ କରିବ। ୩୧ ସଦସ୍ୟ ବିଶିଷ୍ଟ ଜେପିସିରେ ଲୋକସଭାରୁ ୨୧ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ସ୍ଥାନ ପାଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩୭ ଦିନର...

୧୯ରେ କଶ୍ମୀରରୁ ଜୈସର ପୋଷ୍ଟର ଦେଖିବାକୁ ମିଳିଥିଲା। ଏଥିରୁ କୌଣସି ମଡ୍ୟୁଲୋ ସକ୍ରିୟ ଥିବା ଜଣାପଡ଼ିଥିଲା। ଏହି ଆତଙ୍କବାଦୀଙ୍କ ନେଟୱର୍କରେ ମହିଳା ସଦସ୍ୟ ଡ. ସାହିନ ସୈୟିଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭାରତରେ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ମହିଳା ଶାଖାର ସେ ନେତୃତ୍ୱ ନେଉଥିଲା। ଜୈସର ମୁଖିଆ ମାସୁଦ ଆଝାରର ଭଉଣୀ ସାଦିଆ ଆଝାର ସହ ସାହିନ ଯୋଗାଯୋଗରେ ଥିଲା।

ତଦନ୍ତରୁ ଜଣାପଡ଼ିଛି ଯେ ଅକ୍ଟୋବର ୪ରେ ସହାରନପୁରରେ ଡ. ଆଦିଲର ବିବାହ ଡ. ରୁକୈୟା ସହ ହେଉଥିବାବେଳେ ଏହି ମଡ୍ୟୁଲୋ ସକ୍ରିୟ ହୋଇଥିଲା। ଏହି ବିବାହରେ କିଛି ସ୍ୱତନ୍ତ୍ର ଅତିଥି ସାମିଲ ହୋଇଥିଲେ। ଏବେ ସୁରକ୍ଷା ଏଜେନ୍ସିଗୁଡିକ ସେମାନଙ୍କୁ ଚିହ୍ନଟ କରୁଛନ୍ତି। ବିବାହର ଦିନକ ପରେ ଏହି ମଡ୍ୟୁଲୋ କାମ ଆରମ୍ଭ କରିଦେଇଥିଲା। ଡ. ଆଦିଲ ଲଜିଷ୍ଟିକ ଏବଂ ଆର୍ଥିକ ଚ୍ୟାନେଲକୁ ସମ୍ଭାଳୁ ଥିଲା। ମେଡିକାଲ ପ୍ରଫେସନ ଆଳରେ ପାଣ୍ଠି ସଂଗ୍ରହ ଏବଂ ଯୋଗାଣ ଚ୍ୟାନେଲ ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ ଥିଲା।

ଅକ୍ଟୋବର ୧୯ ରେ କଶ୍ମୀର ନୌଗାମ ଅଞ୍ଚଳରୁ ଜୈସ ପୋଷ୍ଟର ମିଳିବା ପରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା। ଏହାର କିଛି ଦିନ ପରେ ଅକ୍ଟୋବର ୨୭ରେ ୨୫ରୁ ଅଧିକ ପୋଷ୍ଟର ଲଗା ଯାଇଥିଲା। ୫୦ରୁ ଅଧିକ ଅଧିକାରୀ ଏହି ମାମଲାର ତଦନ୍ତ କରିଥିଲେ। ସିସିଟିଭିରେ ଡ. ଆଦିଲକୁ ଦେଖିବାକୁ ପାଇଥିଲେ। ସେ ପାକିସ୍ତାନୀ ହ୍ୟାଣ୍ଡଲର୍ସଙ୍କ ସହ ଜଡ଼ିତ ଥିବା ଫୋନ୍ ସର୍ଭିଲାନ୍ସରୁ ଜଣା ପଡ଼ିଥିଲା। ସହାରନପୁରରେ ତାର ଫୋନ ଥିବା ଜଣାପଡ଼ିଥିଲା। ଗତ ୬ ତାରିଖରେ ତାକୁ ଗିରଫ କରାଯାଇଥିଲା। ତା' ନିକଟରୁ ଏକେ-୪୭, ଗ୍ରେନେଡ ଏବଂ ବିସ୍ଫୋରକ ଜବତ କରାଯାଇଥିଲା। ଜେରା ସମୟରେ ଫରିଦାବାଦରେ ପଢୁଥିବା ଡ.ମୁଜାମିଲ ପାଖରେ ବିପୁଳ ବିସ୍ଫୋରକ ଥିବା ସେ କହିଥିଲା। ଏହା ପରେ ଗତ ୯ ତାରିଖରେ ଜମ୍ମୁ-କଶ୍ମୀର ପୁଲିସ ହାଇଦରାବାଦରେ ପହଞ୍ଚି ୧୦ ତାରିଖରେ ମୁଜାମିଲକୁ ଧରି ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬ ଜଣ ଡାକ୍ତରଙ୍କୁ ଗିରଫ କରାଗଲାଣି। ଜଣେ ଡାକ୍ତର ମଧ୍ୟ ଫେରାର ରହିଛି।

ଏହା ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ସନ୍ଧ୍ୟାରେ ସୁରକ୍ଷା ସମ୍ବନ୍ଧିତ କ୍ୟାବିନେଟ କମିଟି ବୈଠକ ଡକାଇ ଥିଲେ। ଏଥିରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ଏନଏସଏ ଅଜିତ ଡୋଭାଲ, ବିଦେଶମନ୍ତ୍ରୀ ଏସ ଜୟଶଙ୍କର ସାମିଲ ହୋଇଥିଲେ। ଏଥିରେ ଦିଲ୍ଲୀ ବିସ୍ଫୋରଣରେ ପ୍ରାଣ ହରାଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା ଏବଂ ୨ ମିନିଟ ପାଇଁ ମୌନ ରଖାଯାଇଥିଲା।

## ୭ ନିର୍ବାଚନ...

ଜୋର ଧରିଛି। ପୂର୍ବ ଇତିହାସ ଦେଖିଲେ ବିହାରରେ ଏକଜିଟ୍ ପୋଲ କେବେବି ସମ୍ପୂର୍ଣ୍ଣ ସତ୍ୟ ହୋଇ ନାହିଁ। ଅଧିକାଂଶ ସମୟରେ ଏକଜିଟ୍ ପୋଲଗୁଡ଼ିକ ଆସନ ସଂଖ୍ୟାକୁ ନେଇ ତୃଟିପୂର୍ଣ୍ଣ ରିପୋର୍ଟ ଦେଇଛନ୍ତି। ଜାତି ଆଧାରିତ ଭୋଟ ପ୍ରଦାନ ଧାରା, ପ୍ରବାସୀ ଭୋଟର, ନୀରବ ଭୋଟର ଓ ମହିଳା ଭୋଟର ସର୍ବଦା ବିହାର ନିର୍ବାଚନକୁ ନିୟନ୍ତ୍ରଣ କରି ଆସିଛନ୍ତି। ଗତ ନିର୍ବାଚନରେ ଏହି ଚାରିଟି ପ୍ରମୁଖ ପ୍ରସଙ୍ଗ ମଧ୍ୟ ଯଥେଷ୍ଟ ଗୁରୁତ୍ୱବହନ କରିଛି । ଜଟିଳ ଜାତି ସମୀକରଣ ଓ ଛୋଟଛୋଟ ଜାତିର ଭୋଟରମାନଙ୍କ ମତିଗତିକୁ ଆକଳନ କରିବାରେ ଅସାମର୍ଥ୍ୟତା ଯୋଗୁ ଅଧିକାଂଶ ସମୟରେ ଏକଜିଟ୍ ପୋଲ ସଠିକ୍ ହୋଇ ପାରି ନ ଥିବା କୁହାଯାଉଛି । ସେହିପରି ଏକ୍‌ଜିଟ୍ ପୋଲର ଇତିହାସକୁ ଦେଖିଲେ ୧୮ ମାସରେ ୭ଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଏହା ପ୍ରାୟତଃ ସତ୍ୟ ପ୍ରମାଣିତ ହୋଇନାହିଁ। ମହାରାଷ୍ଟ୍ର ନିର୍ବାଚନ ଫଳାଫଳ ଏକଜିଟ୍ ପୋଲର ସବୁ ଆକଳନକୁ ସମ୍ପୂର୍ଣ୍ଣ ମିଥ୍ୟା ପ୍ରମାଣିତ କରିଥିଲା । ଏପରିକି ଏଜେନ୍ସିଗୁଡ଼ିକ ୪୦% ମଧ୍ୟ ସଠିକ୍ ଆକଳନ କରିବାରେ ବ୍ୟର୍ଥ ହୋଇଥିଲା। ଝାଡ଼ଖଣ୍ଡରେ ଏକଜିଟ୍ ପୋଲ ଫଳାଫଳ ମିଶ୍ରିତ ଥିଲା। କେବଳ ଗୋଟିଏ ଏଜେନ୍ସି ବ୍ୟତୀତ ଅନ୍ୟମାନେ ପ୍ରାୟତଃ ଭୋଟରଙ୍କ ମତିଗତି ଆକଳନ କରିବାରେ ବ୍ୟର୍ଥ ହୋଇଥିଲେ । ଦିଲ୍ଲୀ ବିଧାନସଭା ନିର୍ବାଚନରେ ୯ଟି ଶୀର୍ଷ ଏଜେନ୍ସି ମଧ୍ୟରୁ ୫ଟିର ଆକଳନ ପ୍ରାୟ ୮୦% ସଠିକ୍ ସାବ୍ୟସ୍ତ ହୋଇଥିଲା। ଅନ୍ୟ ୪ଟିର ଫଳାଫଳ ୫୦% ପର୍ଯ୍ୟନ୍ତ ସତ୍ୟ ହୋଇଥିଲା। ଅପରପକ୍ଷରେ ଜମ୍ମୁ ଏବଂ କାଶ୍ମୀର ବିଧାନସଭା ନିର୍ବାଚନ ସଂକ୍ରାନ୍ତ ଏକଜିଟ୍ ପୋଲର ଆକଳନ ପ୍ରାୟତଃ ଓଲଟା ହୋଇଥିଲା। ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନରେ ଏକଜିଟ୍ ପୋଲ ସମ୍ପୂର୍ଣ୍ଣ ଭୁଲ ହୋଇଥିଲା। ଏଠାରେ ବିଆରଏସ୍ ପୁନର୍ବାର କ୍ଷମତାକୁ ଫେରିବ ବୋଲି ସବୁ ଏକଜିଟ୍ ପୋଲ ଆକଳନ କରିଥିଲେ ହେଁ ବିଆର୍‌ଏସ୍ ପ୍ରଚଣ୍ଡ ପରାଭବ ଭୋଗିଥିଲା ଓ କଂଗ୍ରେସ କ୍ଷମତାକୁ ଆସିଥିଲା। ଓଡ଼ିଶାରେ ମଧ୍ୟ ଠିକ୍ ତାହା ହିଁ ଦେଖାଯାଇଥିଲା। ବିଜେଡି ୯୦ରୁ ୧୧୦ ଆସନରେ ବିଜୟୀ ହେଇ କ୍ଷମତାକୁ ପ୍ରତ୍ୟାବର୍ତ୍ତନ କରିବ ବୋଲି ଅଧିକାଂଶ ଏକଜିଟ୍ ପୋଲରେ କୁହାଯାଇଥିଲେ ହେଁ ତାହା ସତ୍ୟ ହୋଇ ନ ଥିଲା।

## ନୂଆପଡ଼ାରେ ରେକର୍ଡ...

ଗ୍ରାମର ମହିଳା ଭୋଟର ଜୟନ୍ତୀ ଛତ୍ରିଆଙ୍କ ନାମରେ ଆଉ କେହି ଭୋଟ ଦେଇଥିବା ନେଇ ସେ ଅଭିଯୋଗ କରିଥିଲେ। ଏହାକୁ ଗୁରୁତର ସହ ନେଇ ସେହି ଅଭିଯୋଗ ସମ୍ପର୍କରେ କ୍ଷେତ୍ର ଅଧିକାରୀ ଓ ପୁଲିଙ୍ଗ ଅଅଧିକାରୀମାନେ ତତ୍‌କ୍ଷଣାତ ଯାଞ୍ଚ କରିଥିଲେ। ମାତ୍ର ତାହା ସତ୍ୟ ନୁହେଁ ବୋଲି ଜଣାପଡ଼ିଛି। ସେହିପରି ପୋଲିଂ ଷ୍ଟେସନ ନମ୍ବର ୨୫୦ ରେ ଭୋଟିଂ ତଥ୍ୟ ମେଳ ନ ଖାଇବାର ଅଭିଯୋଗ ଅସତ୍ୟ ବୋଲି ସିଇଓ କହିଛନ୍ତି। ଅପରପକ୍ଷେ ମତଦାନ ଶେଷ ହେବା ପରେ ସମସ୍ତ ଇଭିଏମ ଏବଂ ଭିଭି.ପ୍ୟାଟକୁ ନିର୍ଦ୍ଦିଷ୍ଟ ଷ୍ଟ୍ରଙ୍ଗରୁମରେ ତିନି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ରଖାଯାଇଛି। ଷ୍ଟ୍ରଙ୍ଗରୁମ ଟି ୨୪ ଘଣ୍ଟା ସିସିଟିଭି ନିରୀକ୍ଷଣରେ ରହିଛି । ମେସିନଗୁଡିକର ମୁଦ ଓ ସଂରକ୍ଷଣ ପ୍ରକ୍ରିୟା ସମସ୍ତ ଦଳର ପ୍ରତିନିଧିଙ୍କ ଉପସ୍ଥିତିରେ ଭିଡିଓଗ୍ରାଫି ସହ ସମ୍ପନ୍ନ ହୋଇଛି ବୋଲି ସେ ଅବଗତ କରାଇଛନ୍ତି। ଅପରପକ୍ଷେ ବିପୁଳ ସଂଖ୍ୟାରେ ମତଦାନ କରି ଗଣତନ୍ତ୍ରର ପର୍ବକୁ ସଫଳ କରିଥିବା ସମସ୍ତ ମତଦାତାଙ୍କୁ ଧନ୍ୟବାଦ ଜଣାଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ।

## ଦାରିଙ୍ଗବାଡ଼ିରେ ୮ ଡିଗ୍ରୀ...

ଫୁଲବାଣୀ ୧୦, ଝାରସୁଗୁଡ଼ାରେ ୧୦.୬ ରେକର୍ଡ ହୋଇଛି। ଏହି ସହରଗୁଡ଼ିକ ସମେତ ରାଜ୍ୟର ମୋଟ୍ ୨୧ ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ପାରଦ ରହିଛି। ରାଜ୍ୟର ଅନ୍ୟ ସହର ଭଳି ଦ୍ୱୈତ ନଗରୀରେ ମଧ୍ୟ ଥଣ୍ଡା ବଢ଼ିଛି। ଗତ ୨୪ ଘଣ୍ଟାରେ କଟକରେ ତାପମାତ୍ରା ୧୫.୨ ଡିଗ୍ରୀ ରହିଥିବା ବେଳେ ଭୁବନେଶ୍ୱରରେ ତାପମାତ୍ରା ୧୫.୫ ଡିଗ୍ରୀ ରେକର୍ଡ ହୋଇଛି।

## ଜେମିନି ଏଆଇ...

ଅଭିଯୋଗ ହୋଇଛି, ଯାହା ଫଳରେ ୟୁଜରଙ୍କ ଅଜାଣତରେ କିମ୍ବା ସମ୍ମତି ବିନା ବ୍ୟକ୍ତିଗତ ତଥ୍ୟ ସଂଗ୍ରହ ହୋଇଥିଲା। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, କ୍ଲାସ୍-ଆକ୍ସନ୍ ମାମଲାରେ କୁହାଯାଇଛି ଯେ ଯଦି ଜଣେ ଉପଭୋକ୍ତା ଜେମିନି ଏଆଇକୁ ବନ୍ଦ କରିବାକୁ ଚାହାଁନ୍ତି, ତେବେ ତାଙ୍କୁ ଗୁଗୁଲ୍‌ର ଗୋପନୀୟତା ସେଟିଂସକୁ ଆକ୍ସେସ୍ କରି ମାନୁଆଲି କରିବାକୁ ପଡିବ। ଅନ୍ୟଥା, ଜେମିନି ଏଆଇ ସମସ୍ତ ରେକର୍ଡ କରାଯାଇଥିବା ଡାଟାକୁ ଆକ୍ସେସ୍ କରିପାରିବ, ଯେଉଁଥିରେ ଜି-ମେଲ୍‌ରେ ପଠାଯାଇଥିବା ଏବଂ ପ୍ରାପ୍ତ ହୋଇଥିବା ସମସ୍ତ ଇ-ମେଲ୍ ଏବଂ ଆଟାଚମେଣ୍ଟ ଅନ୍ତର୍ଭୁକ୍ତ। ମାମଲା ଗୁଗୁଲ୍ ଉପରେ କାଲିଫର୍ଣ୍ଣିଆ ଇନଭାଜନ୍ ଅଫ୍ ପ୍ରାଇଭେସି ଆକ୍ଟ (୧୯୬୭) ଉଲ୍ଲଂଘନ କରିବାର ଅଭିଯୋଗ ଆଣିଛି। ଏହି ଆଇନ ସମସ୍ତ ପକ୍ଷଙ୍କ ଅନୁମତି ବିନା କାହାର ବ୍ୟକ୍ତିଗତ କଥାବାର୍ତ୍ତା କିମ୍ବା ତଥ୍ୟ ରେକର୍ଡ କରିବା ନିଷେଧ କରେ। ଗୁଗୁଲ୍ ଏ ପର୍ଯ୍ୟନ୍ତ ଏହି ବିଷୟରେ ସରକାରୀ ଭାବେ କୌଣସି ମନ୍ତବ୍ୟ ଦେଇନାହିଁ।

## ଅନିଶ୍ଚିତତା ଘେରରେ...

ଦାବି କରାଯାଉଛି। କିନ୍ତୁ ଭିତ୍ତିଭୂମି ପ୍ରସ୍ତୁତିରେ ପ୍ରୟାସ ସୀମିତ ନ ରହି ଖେଳାଳିଙ୍କ ଗୁଣାତ୍ମକ ମାନ ବଢ଼ାଇବା ସହ ପ୍ରତିଯୋଗିତାମୂଳକ କ୍ରିକେଟକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଓ ପ୍ରଶିକ୍ଷଣ ହିଁ ବର୍ତ୍ତମାନର ଆବଶ୍ୟକତା। ଏଣୁ ଓସିଏ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରିବା ସହ ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଯୋଗାଇଦେବା ଆବଶ୍ୟକ ବୋଲି କ୍ରୀଡ଼ାପ୍ରେମୀ ମାନେ ଦାବି କରନ୍ତି।

ଅନ୍ୟପକ୍ଷରେ ଓସିଏ ଇତିହାସକୁ ଦେଖିଲେ ଏହା କେବଳ କଟକ, ଭୁବନେଶ୍ୱର, ସମ୍ବଲପୁର, ରାଉରକେଲା ଭଳି ସହରାଞ୍ଚଳର ପ୍ରତିଭାଙ୍କ ଉପରେ ଗୁରୁତ୍ୱ ଦେଇଆସିଛି। ଏବେ ଏଥିରେ ପରିବର୍ତ୍ତନ ହେବା ଆବଶ୍ୟକ। ଯୁବ ଓ ଉଦୀୟମାନ ପ୍ରତିଭାଙ୍କ ଅଭାବ ଦଳର ପ୍ରଦର୍ଶନକୁ ବହୁଳ ଭାବେ ପ୍ରଭାବିତ କରୁଛି। ଏଣୁ ତୃଣମୂଳସ୍ତରରୁ ପ୍ରତିଭା ଚିହ୍ନଟ ପ୍ରକ୍ରିୟାକୁ ଅଧିକ ବ୍ୟାପକ କରାଯିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ପ୍ରତିଭା ଚିହ୍ନଟରେ କେବଳ ସହରାଞ୍ଚଳକୁ ଗୁରୁତ୍ୱ ଦିଆ ନ ଯାଇ ଗ୍ରାମାଞ୍ଚଳ ଓ ଉପାନ୍ତ ଅଞ୍ଚଳକୁ ମଧ୍ୟ ପ୍ରାଧାନ୍ୟ ଦେବାରେ ଓସିଏ ଯତ୍ନବାନ ହେବା ଆବଶ୍ୟକ ବୋଲି କ୍ରୀଡ଼ାବିତ୍ ମହଲରେ ଦାବି ହେଉଛି। ଏପରି କରା ନଗଲେ ଓଡ଼ିଶା କ୍ରିକେଟର ଅବନତି ହେବା ସହ ଟିମ୍ ଇଣ୍ଡିଆ ଜର୍ସିରେ ଓଡ଼ିଶା ଖେଳାଳିଙ୍କୁ ପୁଣି ଥରେ ଦେଖିବା ସ୍ୱପ୍ନ ପାଲଟିଯିବ ବୋଲି ପୂର୍ବତନ କ୍ରିକେଟର ତଥା ପ୍ରଶାସକ ପୱନ ଅଗରୱାଲ କହିଛନ୍ତି।

ବରିଷ୍ଠ ଦଳର ଅଣଓଡ଼ିଆ ମୁଖ୍ୟ ପ୍ରଶିକ୍ଷକଙ୍କୁ ନେଇ ଆଲୋଚନା ତୀବ୍ର ହେଉଥିବା ବେଳେ ଏ ବାବଦରେ ମଧ୍ୟ ପୱନ ମୁହଁ ଖୋଲିଛନ୍ତି। ଦଳରେ ଅଭିଜ୍ଞ ଖେଳାଳିଙ୍କ ଅଭାବ ନାହିଁ। ମାତ୍ର ପ୍ରଶିକ୍ଷକ ସେମାନଙ୍କୁ ମାର୍ଗଦର୍ଶନ କରିବାରେ ହେଳା କରୁଛନ୍ତି। ବୋଧହୁଏ ମୁଖ୍ୟ ପ୍ରଶିକ୍ଷକ ଓଡ଼ିଶା କ୍ରିକେଟକୁ ଗୁରୁତ୍ୱ ଦେଉ ନାହାନ୍ତି ବୋଲି ପୱନ କହିଛନ୍ତି।

ବରୋଦା, ଆନ୍ଧ୍ରପ୍ରଦେଶ ଏବଂ ବିଦର୍ଭଠାରୁ ପରାଜୟ ବରଣ କରିଥିବା ଓଡ଼ିଶା ଦଳ ପରବର୍ତ୍ତୀ ମୁକାବିଲାରେ ନାଗାଲାଣ୍ଡ, ତାମିଲନାଡୁ ଏବଂ ଝାଡଖଣ୍ଡକୁ ଭେଟିବ। ଭାରତୀୟ ଘରୋଇ କ୍ରିକେଟ ଜଗତରେ ତାମିଲନାଡୁ ଏବଂ ଝାଡଖଣ୍ଡ ଉଭୟ ଶକ୍ତିଶାଳୀ ଦଳ। ଏଭଳି ପରିସ୍ଥିତିରେ ନାଗାଲାଣ୍ଡଠାରୁ ହାରିଲେ ଓଡ଼ିଶା ପ୍ଲେଟ ଗ୍ରୁପକୁ ଖସିବା ନିଶ୍ଚିତ ହୋଇଯିବ। ଚଳିତ ସିଜନ ଆରମ୍ଭ ହେବା ଆଗରୁ ରାଜ୍ୟ ଦଳକୁ ବିଦେଶ ଏକ୍ସପୋଜର ଟୁର୍‌ରେ ଶ୍ରୀଲଙ୍କା ପଠାଯାଇଥିଲା। ସେଠାରୁ ଫେରିବା ପରେ ଅଭ୍ୟାସ ନିମନ୍ତେ ଅନନ୍ତପୁର ଯାଇଥିଲା ଦଳ। ପରେ ବୁଚି ବାବୁ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିଲା। ସିଜନ ଆରମ୍ଭର କିଛି ଦିନ ଆଗରୁ ଖେଳାଳିଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଯାଇ ପ୍ରତ୍ୟେକଙ୍କୁ ସ୍ୱତନ୍ତ୍ର କେନ୍ଦ୍ରରେ ରଖାଯାଇଥିଲା। ରାଜ୍ୟ ସଂଘ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ସୁଦ୍ଧା କ୍ରିକେଟର ବିକାଶ କରାଇବା ସମ୍ଭବପର ହୋଇନାହିଁ। ଏଥି ପାଇଁ ଓଡ଼ିଶା କ୍ରିକେଟ ଆସୋସିଏସନର ମନୋମୁଖୀ ଆଚରଣ ଏବଂ ଦୂରଦୃଷ୍ଟି ଅଭାବକୁ ଦାୟୀ କରାଯାଉଛି।


**LOST**

I **NARAYAN SAHU,** S/o. Haraprasad Sahu, aged about 42 years, At- Kalampur, Ps- Kalampur, Po- Kalampur, Dist- Kalahandi, Odisha, I have lost my **Sale Deed No. 11781900085,** dated- **15/03/2019.** On the way while from Tahasil office to my house on dated- 15/03/2019 I lost my beg in which I have kept my sale deed documents, **ROR Mouza- Kalampur, Khata No- 412/62** and did not find it and could not be search every where if any body found may contact:
**Advocate: Dipti Ranjan Baral**
**MOB. 7008424871**

**AFFIDAVIT**

I, Siddthartha Chichkhede S/O late Pandurang Chichkhede, resides Udaigiri, Room no.406, NTPC Darlipalli township, PO- Darlipalli, Dist- Sundargarh, Pin- 770072, Odisha declare by this affidavit No.603 dated- 28/07/2025 that now onwards I shall be known is **SIDDHARTH CHICHKHEDE** for all future purposes.

**AFFIDAVIT**

I, ANIL KU AGARWAL, aged about 53 years, D/o- Dilip Chand Agarwal, Resident of 26, NH-42, Hulurisinga, PO: Angul, Dist.: Angul, Odisha, PIN-759122 declared by this Affidavit No.: 2958, Dated: 25.08.2025. That now onwards I shall be known as **ANIL KUMAR AGARWAL** for all future Purposes.

**AFFIDAVIT**

I, Sarita Hanuman, D/o- Biraj Hanuman, resident of 131, F Block, 1st Floor, East View apartment, Kanan Vihar-II, PO-Patia, PS-Chandrasekharpur, Dist- Khordha, PIN- 751031, Odisha declare by this affidavit no. 2298 dtd- 12.11.2025, that now onwards I shall be known as SARITA ROSHAN MINZ for all future purposes.

**AFFIDAVIT**

By virtue of an affidavit no. 7178, before the Executive Magistrate, Chandbali, dtd.10.11.2025, I, Madhab Charan Das, At- Bishrampur, Po-Orasahi, Ps- Chandbali, Bhadrak- 756133 have changed my minor daughter's name from Subhashree Subhasmita Das to Shubhashree Subhasmita Das. Henceforth she will be known as **Shubhashree Subhasmita Das** for all purposes.
**Sd/- Madhab Charan Das**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 11/11/2025, C.F No. 36/11.11.2025. I, Baishakhi Sethi D/O Pramod Kumar Sethi, At- Namatara, Po- Namatara, Ps-Rajkanika, Dist- Kendrapara, Odisha, Pin- 754220, declare that I have changed my owned name Baishali Sethi to Baishakhi Sethi. Henceforth, I shall be known as new name Baishakhi Sethi for all purposes.
**Baishakhi Sethi**

**NOTICE**

By virtue of an affidavit sworn before the Executive Magistrate, Athmallik dated 11th November 2025, I, Mr. SIDHARTHA BAGHA address Village : NUAGAON , P.O. : MADHAPUR, P.S.: ATHMALLIK, District : ANGUL, PIN : 759125 , STATE : ODISHA, declare that I have changed my name from SIDHANT BAGHA to SIDHARTHA BAGHA. Henceforth, I shall be known as SIDHARTHA BAGHA for all purposes.
**SIDHARTHA BAGHA**

**NOTICE**

By virtue of an affidavit sworn before Executive Magistrate, Puri, dated 07.11.2025 I, Shyama Sundara Sahoo, S/O Late Narasinha Sahoo, C/O Pravasini Sahoo, Sidhamahavir, Gouda sahi Ps: Talabania, Dist: Puri declare that I have changed my name from Shyama Sundar Sahoo to Shyama Sundara Sahoo. Henceforth, I shall be known as Shyama Sundara Sahoo for all purposes.
**Shyama Sundara Sahoo**

**AFFIDAVIT**

I, Mahammed Salim, aged about 48 years, S/o- Sher Mahammed, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist-Kalahandi, Odisha, PIN- 766001 declare by this affidavit No.2297, dtd- 11/11/2025, that now onwards I shall be known as **MOHAMMED SALIM** for all future purposes.

**AFFIDAVIT**

I, Rafijan Bibi, W/O- Shaikh Kadir, resident of At- Patharpura, Po/Ps- Jaleswar, Dist- Balasore, Odisha, Pin- 756032, declare by this affidavit No.620, dated: 11/11/2025, that now onwards I shall be known as **Raphijan Bibi** for all future purposes.

**AFFIDAVIT**

I, **SARAT KUMAR SAHOO**, aged about 66 years, S/o.: Mukunda Charan Sahoo, resident of Plot No.: 130, Gandhimandir Road, Meena Bazar, PS./Dist.: Dhenkanal, Odisha, PIN-759001, Aadhaar No.: 2477 7087 6474; do hereby solemnly affirm that, I am the deponent of this affidavit. My actual and correct name is **SARAT KUMAR SAHOO** mentioned in my Aadhaar Card and in other documents but my name has been wrongly mentioned as SARATA KUMAR SAHOO in the Passport of my daughter **Puspita Priyadarshini vide No. N6836474** issued by Govt. of India. That, I do hereby declare that, **"SARAT KUMAR SAHOO" & "SARATA KUMAR SAHOO"** are one & same person i.e. myself. This affidavit is required to be produced before the concerned authority for information and necessary action as and when required. That, the facts stated above are true to the best of my knowledge and belief.

**AFFIDAVIT**

I, Mosinbhai Husenibhai, S/o- Husenibhai Rasulbhai gohil, resident of 364/1900, Sarala Nagar, Laxmisagar, Bhubaneswar(M.C), Khordha, Odisha, Pin-751006, declare by this affidavit No311/2025, dated- 11.11.2025, that now onwards I shall be known as **Mohsinbhai Husenibhai Gohil** for all future purposes.

**AFFIDAVIT**

I, Sayara Begum, aged about 46 years, W/o- Salim Mohammed, resident of Kalimandir Pada, Po- Bhawanipatna, Ps- Town, Bhawanipatna, Dist-Kalahandi, Odisha, PIN- 766001 declare by this affidavit No. 2296, dtd- 11/11/2025, that now onwards I shall be known as **SAIRA BEGUM** for all future purposes.

**AFFIDAVIT**

1. HARAPRIYA DAS, aged about 61 years, W/o.: Sarat Kumar Sahoo, resident of Plot No.: 130, Gandhimandir Road, Meena Bazar, PS./Dist.: Dhenkanal, Odisha, PIN-759001, Aadhaar No.: 8342 8774 3207; do hereby solemnly affirm that, I am the deponent of this affidavit. My actual and correct name is **HARAPRIYA DAS** mentioned in my Aadhaar Card and in other documents but my name has been wrongly mentioned as HARAPRIYA PRIYADARSHINI in the Passport of my daughter **Puspita Priyadarshini vide No. N6836474** issued by Govt. of India. That, I do hereby declare that, **"HARAPRIYA DAS" & "HARAPRIYA PRIYADARSHINI"** are one & same person i.e. myself. This affidavit is required to be produced before the concerned authority for information and necessary action as and when required. That, the facts stated above are true to the best of my knowledge and belief.

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୬୫ ● ପାଉଣ୍ଡ ୧୧୬.୧୩
- ୟୁରୋ ୧୦୨.୫୯ ● ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୧୫,୩୬୦ (ନୂଆଦିଲ୍ଲୀ)
- ରୁପା : ୧,୬୦,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୪,୪୬୬.୦୦
- ନିଫ୍ଟି ୨୫,୮୭୫.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ବିଆଇପିଏଫ୍ ଶାମ୍ଭବୀ ପୁରସ୍କାର ନିମନ୍ତେ ନାମାଙ୍କନ ପତ୍ର ଆହ୍ୱାନ

ଭୁବନେଶ୍ୱର, ୧୨।୧୧(ସମିସ): ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ୧୩ତମ ଶାମ୍ଭବୀ ପୁରସ୍କାର ପାଇଁ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି, ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀ ଏବଂ ସଂଗଠନରୁ ଆବେଦନ ଆମନ୍ତ୍ରଣ କରୁଛି। ପୁରସ୍କାରରେ ୫ ଲକ୍ଷ ଟଙ୍କା ନଗଦ ପୁରସ୍କାର, ଏକ ପ୍ରଶସ୍ତୀକରଣ ଏବଂ ଏକ ଟ୍ରଫି ଅନ୍ତର୍ଭୁକ୍ତ। ଜୁରୀ ପ୍ରଶଂସା ପ୍ରମାଣପତ୍ରରେ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର ସହିତ ଏକ ପ୍ରଶସ୍ତୀକରଣ ପ୍ରଦାନ କରାଯାଏ। ତୃଣମୂଳ ସ୍ତରରେ ସମ୍ପ୍ରଦାୟରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିଥିବା ସାମାଜିକ ପରିବର୍ତ୍ତନର ଚାମ୍ପିଅନମାନଙ୍କୁ ଉତ୍ସାହିତ ଏବଂ ପ୍ରେରଣା ଦେବା ପାଇଁ ୨୦୧୪ ରେ ବିଆଇପିଏଫ୍ ପକ୍ଷରୁ 'ଶାମ୍ଭବୀ ପୁରସ୍କାର' ପ୍ରତିଷ୍ଠା କରାଯାଇଥିଲା। ସରକାର, ଶିକ୍ଷା, ଶିଳ୍ପ, ଗଣମାଧ୍ୟମର ସମ୍ମାନିତ ନେତା ଏବଂ ବିଆଇପିଏଫ୍‌ର ପ୍ରତିନିଧିଙ୍କୁ ନେଇ ଗଠିତ ଏକ ସ୍ୱାଧୀନ ଜୁରି ପ୍ୟାନେଲ ପ୍ରତିବର୍ଷ ବିଜେତାମାନଙ୍କର ବିଚାର କରନ୍ତି। ଆଗ୍ରହୀ ଆବେଦନକାରୀମାନେ ଆମର ୱେବସାଇଟ୍ www.bipf.orgରେ ଶାମ୍ଭବୀ ପୁରସ୍କାର ପାଇଁ ବିବରଣୀ ଏବଂ ଫର୍ମ ପାଇପାରିବେ। ଶାମ୍ଭବୀ ପୁରସ୍କାର ପାଇଁ ଆବେଦନପତ୍ର ଦାଖଲ କରିବାର ଶେଷ ତାରିଖ ହେଉଛି ନଭେମ୍ବର ୩୦।

### ବିହାର ନିର୍ବାଚନ ଏକ୍‌ଜିଟ୍ ପୋଲ୍‌ର ପ୍ରଭାବ

# ୬୦୦ ପଏଣ୍ଟ ଉଠିଲା ସେନ୍‌ସେକ୍ସ



ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଘରୋଇ ସେୟାର ବଜାର ଉପରେ ପଡିଛି ବିହାର ନିର୍ବାଚନ ଏଗ୍‌ଜିଟ୍ ପୋଲ୍‌ର ପ୍ରଭାବ। ଏଥିଯୋଗୁ ଭାରତୀୟ ସେୟାର ବଜାର ବୁଧବାର ଲଗାତାର ତୃତୀୟ ଦିନରେ ବଡ଼ ବୃଦ୍ଧି ସହ ବନ୍ଦ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍‌ସେକ୍ସ ପ୍ରାୟ ୬୦୦ ପଏଣ୍ଟ ଉପରକୁ ଉଠିଛି। ସେହିପରି ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ନିଫ୍ଟି) ୨୫,୮୭୫ ପଏଣ୍ଟ ସ୍ତରରେ ସ୍ତରରେ ପହଞ୍ଚିଛି। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ଆଜି କାରବାରବେଳେ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣା ଶୀଘ୍ର ହେବା ସମ୍ଭବନା ଓ ବିହାର ବିଧାନସଭା ନିର୍ବାଚନର ଏକଜିଟ୍ ପୋଲରେ ଏନଡିଏର ପୁଣି ଥରେ ସରକାର ଗଠନ ସମ୍ଭାବନା ଯୋଗୁ ଅଧିକ କ୍ରୟ ଦେଖିବାକୁ ମିଳିଛି।

କାରବାର ଶେଷରେ ସେନ୍‌ସେକ୍ସରେ ୫୯୫.୧୯ ପଏଣ୍ଟ ଅର୍ଥାତ୍ ୦.୭୧ ପ୍ରତିଶତ ବୃଦ୍ଧି ଘଟି ୮୪,୪୬୬.୫୧ ପ,ଣ୍ଟ ସ୍ତରରେ ବନ୍ଦ ହୋଇଛି। ଅନ୍ୟପକ୍ଷେ ନିଫ୍ଟିରେ ୧୮୦.୮୫ ପଏଣ୍ଟ ବା ୦.୭୦ ପ୍ରତିଶତ ବୃଦ୍ଧ ଘଟି ୨୫,୮୭୫.୮୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଆଜିର କାରବାରରେ ଅଧିକାଂଶ କ୍ଷେତ୍ରଭିତ୍ତିକ ଇଣ୍ଡେକ୍ସ ବି ସବୁଜ ସଙ୍କେତ ସହ ବନ୍ଦ ହୋଇଛି। ଆଇଟି କ୍ଷେତ୍ରରେ ରେ ସବୁଠୁ ଅଧିକ ୨.୦୪ ପ୍ରତିଶତ ବୃଦ୍ଧି ରେକର୍ଡ ହୋଇଛି। ଅଟୋ କ୍ଷେତ୍ରର ଷ୍ଟକ୍ ମୂଲ୍ୟରେ ୧.୨୪ ପ୍ରତିଶତ ବଢି ବନ୍ଦ ହୋଇଛି। ଫାର୍ମା, ହେଲ୍‌ଥକେୟାର ଓ କଞ୍ଜ୍ୟୁମର ଡ୍ୟୁରେବଲ୍ସ କ୍ଷେତ୍ରରେ ବି ମଜଭୁତ କ୍ରୟ ଦେଖିବାକୁ ମିଳିଛି। ତେବେ ରିୟଲ ଇଷ୍ଟେଟ୍ ଓ ମେଟାଲ୍ ଇଣ୍ଡେକ୍ସରେ ସାମାନ୍ୟ ଲାଭ ଅସୁଲି ଦେଖିବାକୁ ମିଳିଛି। ବିଏସ୍‌ଇରେ ତାଲିକାଭୁକ୍ତ କମ୍ପାନିଗୁଡ଼ିକର ମୋଟ ବଜାର ପୁଞ୍ଜି ଆଜି ବଢି ୪୭୩.୫୭ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ୪୬୮.୯୪ ଲକ୍ଷ କୋଟି ଟଙ୍କା ଥିଲା। ସେହିପରି ବିଏସ୍‌ଇରେ ଲିଷ୍ଟେଡ୍ କମ୍ପାନିଗୁଡ଼ିକର ବଜାର ପୁଞ୍ଜି ଆଜି ପ୍ରାୟ ୪.୬୩ ଲକ୍ଷ କୋଟି ଟଙ୍କା ବୃଦ୍ଧି ହୋଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୪.୬୩ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି।

### ଏକଜିଟ୍ ପୋଲ୍ ଫେଲ୍ ହେଲେ ସେୟାର ବଜାର ୭% ଖସିବ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ଫଳାଫଳ ଷ୍ଟକ୍ ବଜାରରେ ବଡ଼ ଅସ୍ଥିରତା ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ବିଶ୍ଳେଷକମାନେ କହିଛନ୍ତି ଯେ ଯଦି ଶାସକ ଏନ୍‌ଡିଏ ଏହାର ସଂଖ୍ୟାଗରିଷ୍ଠତା ହରାଇବ, ତେବେ ବଜାରରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଦେଖାଯାଇପାରେ। ଯଦି ନୀତୀଶ କୁମାର କିମ୍ବା ଚନ୍ଦ୍ରବାବୁ ନାଇଡୁଙ୍କ ପରି ଆଞ୍ଚଳିକ ନେତାଙ୍କ ନେତୃତ୍ୱରେ କେନ୍ଦ୍ରରେ ଏକ ମେଣ୍ଟ ସରକାର ଗଠନ ହୁଏ, ତେବେ ନିଫ୍ଟି କ୍ଷଣିକ ମଧ୍ୟରେ ୫ରୁ ୭% ହ୍ରାସ ପାଇପାରେ। ରାଜନୈତିକ ଅନିଶ୍ଚିତତା ବଜାରରେ ଷ୍ଟକ୍ ବିକ୍ରିର ଚାପ ସୃଷ୍ଟି କରିପାରେ। ଏହା ପୂର୍ବରୁ ମଧ୍ୟ ଏପରି ଘଟିଛି। ଘରୋଇ ବ୍ରୋକ୍‌ରେଜ୍ ସଂସ୍ଥା ଇନକ୍ରେଡର ଏକ ରିପୋର୍ଟରେ ଏହା କୁହାଯାଇଛି। ଗତ ବର୍ଷ, ଯେତେବେଳେ ସାଧାରଣ ନିର୍ବାଚନ ଫଳାଫଳ ଆଶାଠାରୁ ଭିନ୍ନ ଥିଲା, ନିଫ୍ଟି ଗୋଟିଏ ଦିନରେ ୬% ହ୍ରାସ ପାଇଥିଲା। ଏଥର ବିହାରରେ ଲଢ଼େଇ ଖୁବ୍ ଜୋରଦାର।

## ରପ୍ତାନିକାରୀଙ୍କ ପାଇଁ ଋଣ ଗ୍ୟାରେଣ୍ଟି ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଆଜି ରପ୍ତାନିକାରୀଙ୍କ ପାଇଁ ଋଣ ଗ୍ୟାରେଣ୍ଟି ଯୋଜନା (ସିଜିଏସଇ) ଆରମ୍ଭ କରିବାକୁ ଅନୁମୋଦନ କରିଛି। ଏହା ନ୍ୟାସନାଲ୍ ଋଣ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ (ଏନସିଜିଟିସି) ଦ୍ୱାରା ସଦସ୍ୟ ଋଣ ପ୍ରଦାନକାରୀ ସଂସ୍ଥା (ଏମଏଲଆଇ)କୁ ୧୦୦% ଋଣ ଗ୍ୟାରେଣ୍ଟି କଭରେଜ୍ ପ୍ରଦାନ କରିବ ଯାହା ଦ୍ୱାରା ଯୋଗ୍ୟ ରପ୍ତାନିକାରୀଙ୍କୁ ୨୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଋଣ ସୁବିଧା ପ୍ରଦାନ କରାଯାଇପାରିବ। ରପ୍ତାନିକାରୀଙ୍କ ମଧ୍ୟରେ ଏମଏସଏମଇଗୁଡ଼ିକ ମଧ୍ୟ ସାମିଲ ରହିବେ। ଆର୍ଥିକ ସେବା ବିଭାଗ (ଡିଏଫଏସ) ଜାତୀୟ ଋଣ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ (ଏନସିଜିଟିସି) ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ କରିବ। ଏହାଦ୍ୱାରା ଏମଏଲଆଇଗୁଡ଼ିକ ଏମଏସଏମଇ ସମେତ ଯୋଗ୍ୟ ରପ୍ତାନିକାରୀଙ୍କୁ, ଅତିରିକ୍ତ ଋଣ ସହାୟତା ପ୍ରଦାନ କରିବାକୁ ସକ୍ଷମ ହୋଇପାରିବେ।

## ନାଲକୋ ପକ୍ଷରୁ ୯୮୮.୮୮ କୋଟିର ଡିଭିଡେଣ୍ଡ ପ୍ରଦାନ




ଭୁବନେଶ୍ୱର, ୧୨।୧୧(ସମିସ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ୨୦୨୪-୨୫ ଆର୍ଥିକବର୍ଷ ନିମନ୍ତେ ରେକର୍ଡ ପରିମାଣ ମୋଟ ୧,୯୨୮.୪୬ କୋଟି ଟଙ୍କାର ଲାଭାଂଶ(ଡିଭିଡେଣ୍ଡ) ପ୍ରଦାନ କରିଛି, ଯେଉଁଥିରେ ଭାରତ ସରକାରଙ୍କ ଅଂଶ ଭାବେ ୯୮୮.୮୮ କୋଟି ଟଙ୍କା ଅନ୍ତର୍ଭୁକ୍ତ। ଆଜି ନୂଆଦିଲ୍ଲୀରେ କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀଙ୍କୁ ନାଲ୍‌କୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ସର୍ବକାଳୀନ ସର୍ବାଧିକ ୯୮୮.୮୮ କୋଟି ଟଙ୍କାର ଲାଭାଂଶ ଚେକ୍ ଖଣି ମନ୍ତ୍ରଣାଳୟର ସଚିବ ପୀୟୁଷ ଗୋୟଲଙ୍କ ଉପସ୍ଥିତିରେ ପ୍ରଦାନ କରିଛନ୍ତି। ଏହି ଅବସରରେ ନାଲକୋର ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆଙ୍କ ସହିତ ମନ୍ତ୍ରଣାଳୟ ଏବଂ ନାଲକୋର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ବେଦାନ୍ତ ଆଲୁମିନିୟମ୍‌ରେ ମେସିନ୍ ଲର୍ଣ୍ଣିଂ-ଆଧାରିତ ପ୍ରଯୁକ୍ତିବିଦ୍ୟାର ଉପଯୋଗ



ଝାରସୁଗୁଡ଼ା, ୧୨।୧୧(ସମିସ): ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଝାରସୁଗୁଡ଼ାରେ ଥିବା ଏହାର ମେଗା ଆଲୁମିନିୟମ୍ ପ୍ଲାଣ୍ଟରେ ଅଭିନବ, ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ନିୟୋଜିତ କରିବା ପାଇଁ କୃତ୍ରିମ ବୁଦ୍ଧିମତା ଏବଂ ମେସିନ୍ ଲର୍ଣ୍ଣିଂରେ ଦ୍ରୁତ ଅଗ୍ରଗତିକୁ ବ୍ୟବହାର କରୁଛି। ବିଶ୍ୱର ସର୍ବବୃହତ ଆଲୁମିନିୟମ୍ ସ୍ମେଲ୍ଟରରେ, ଏହି ଇଣ୍ଡଷ୍ଟ୍ରି ୪.୦ ପ୍ରଯୁକ୍ତିବିଦ୍ୟାଗୁଡ଼ିକ ସୁରକ୍ଷିତ, ସ୍ଥାୟୀ ଏବଂ ଅଧିକ ଦକ୍ଷ କାର୍ଯ୍ୟକ୍ଷମତାରେ ନୂତନ ମାନଦଣ୍ଡକୁ ସକ୍ଷମ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ପୂର୍ବାନୁମାନିକ ରକ୍ଷଣାବେକ୍ଷଣ ଏବଂ ପ୍ଲାଣ୍ଟ ନିର୍ଭରଯୋଗ୍ୟତା ସମାଧାନର ଏକ ଅଗ୍ରଣୀ ପ୍ରଦାନକାରୀ ଇନଫିନିଟ୍ ଅପଟାଇମ୍ ସହିତ ସହଯୋଗରେ, ବେଦାନ୍ତ ଆଲୁମିନିୟମ୍ ଡାଇନାମିକ୍ ଏଆଇ ଇନସାଇଟ୍ ମାଧ୍ୟମରେ ପ୍ଲାଂଟ ପ୍ରକ୍ରିୟାଗୁଡ଼ିକୁ ବିପ୍ଳବ ଆଣିବା ପାଇଁ ଏକ ପରିବର୍ତନଶୀଳ ଡିଜିଟାଲ୍ ପଦକ୍ଷେପ ଆରମ୍ଭ କରିଛି ଯାହା ଅପ୍ଟିମାଇଜ୍ଡ ରକ୍ଷଣାବେକ୍ଷଣ ସମାଧାନ, ଶକ୍ତି ଦକ୍ଷତା ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରଦାନ କରେ। ଏହି ସହଯୋଗର ଅଂଶ ସ୍ୱରୂପ, ୧୬ଟି କାର୍ଯ୍ୟକ୍ଷମ ଜୋନରେ ୨୦୦୦ ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଉପକରଣ ପଏଣ୍ଟଗୁଡ଼ିକୁ ନିରୀକ୍ଷଣ କରିବା ପାଇଁ ଆଇଓଟି-ଆଧାରିତ ସେନ୍ସରଗୁଡ଼ିକୁ ଏଆଇ-ଚାଳିତ ଆନାଲିଟିକ୍ସ ସହିତ ସମନ୍ୱିତ କରାଯାଇଛି।

## କୃଷି ଜ୍ଞାନକୌଶଳରୁ ବଞ୍ଚିତ ଦେଶର ୮୬% ଚାଷୀ




### ଛାଡ଼ିବାକୁ ହେବ ବିଭାଜିତ କୃଷି ବ୍ୟବସ୍ଥା

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଦେଶରେ ଏବେ ବି ଅଧିକାଂଶ ଚାଷୀ କୃଷିଜନିତ ଟେକ୍ନୋଲୋଜିରୁ ବଞ୍ଚିତ। ପାଖାପାଖି ୮୬% ଚାଷୀଙ୍କ ପାଖରେ ଏଭଳି ଟେକ୍ନୋଲୋଜି ଅପହଞ୍ଚ। ତେଣୁ ବର୍ତ୍ତମାନ ଭାରତକୁ ବିଭାଜିତ ଚାଷ ବ୍ୟବସ୍ଥାରୁ ହଟି ଏକ ପ୍ରଣାଳୀଗତ ଏକୀକରଣ ଚାଷ ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେବାକୁ ପଡିବ ବୋଲି ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ କହିଛି। କେବଳ ସେତିକି ନୁହେଁ, ଟେକ୍ନୋଲୋଜିକୁ ଚାଷୀଙ୍କ ପାଇଁ କେମିତି ବୈଧ କରାଯିବ,ଏହାର ବ୍ୟବସାୟକରଣ କରିବା ଓ କ୍ଷୁଦ୍ର ଚାଷୀମାନଙ୍କ ପାଖରେ ପହଞ୍ଚିବାର ଉପାୟରେ ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ରହିଥିବା ଆସୋଚାମ୍ କହିଛି।

ଦେଶରେ ବିଭିନ୍ନ ଖାଦ୍ୟ ଶସ୍ୟର ଚାଷବାସ ହେଉଛି। ହେଲେ କୃଷକମାନେ କୃଷି ଟେକ୍ନୋଲୋଜି ସହିତ ଜଡ଼ିତ ନ ହେବାରୁ ଚାଷ କ୍ଷେତ୍ରରେ ସେମାନେ ସେମାନଙ୍କୁ ଲାଗି ନାନା ସମସ୍ୟା ଦେଖାଯାଉଛି। ତେଣୁ କୃଷକମାନଙ୍କୁ ଟେକ୍ନୋଲୋଜି ସହ ଯୋଡ଼ି ହେବାକୁ ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ (ଆସୋଚାମ୍) ଆହ୍ୱାନ ଦେଇଛି। ରାଜ୍ୟସ୍ତରରେ ଟେଷ୍ଟିଂ ପ୍ଲାଟଫର୍ମ ଓ ୟୁନିଫାଏଡ୍ ଡାଟା ଫ୍ରେମ୍‌ୱର୍କ ଦ୍ୱାରା ଏହା କରାଗଲେ ଅଧିକାଂଶ ଚାଷୀଙ୍କୁ ଟେକ୍ନୋଲୋଜି ସହ ଯୋଡ଼ା ଯାଇପାରିବ ବୋଲି ଆସୋଚାମ ମଙ୍ଗଳବାର ଜାରି କରିଥିବା ଏକ ସର୍ଭେ ରିପୋର୍ଟରେ ଦର୍ଶାଇଛି। ଶିଳ୍ପ ସଂଘ କହିଛି ଯେ ଦେଶର ୮୬ ପ୍ରତିଶତ ଚାଷୀ କୃଷି ଟେକ୍ନୋଲୋଜି ଉଦ୍ଭାବନ ପାଖରେ ପହଞ୍ଚିପାରି ନାହାଁନ୍ତି। ତେଣୁ ଟେକ୍ନୋଲୋଜିକୁ ବୈଧ କରାଇବା,ଏହାର ବ୍ୟବସାୟକରଣ କରିବା ଓ କ୍ଷୁଦ୍ର ଚାଷୀମାନଙ୍କ ପାଖରେ ପହଞ୍ଚିବାର ଉପାୟରେ ଆମୂଳଚୂଳ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଭବିଷ୍ୟତର କୃଷି ଅର୍ଥ ଗୋଟିଏ ସ୍ଥାନରେ ଟେକ୍ନୋଲୋଜି ସହ ଚାଷ କରିବା, ତଥ୍ୟ ସଂଗ୍ରହ ସହ ତୁରନ୍ତ ନିଷ୍ପତ୍ତି ଏବଂ ନୂଆ ଉଦ୍ଭାବନର ଚାଷ ଉପରେ ପ୍ରଭାବକୁ ବୁଝାଇବ। ତେଣୁ ପୁରୁଣା ଶୈଳୀରେ ଚାଷ କଲେ କିଛି ଲାଭ ନାହିଁ ବୋଲି ଶିଳ୍ପ ସଂଘ କହିଛି। ତେଣୁ ଚାଷୀଙ୍କୁ ଟେକ୍ନୋଲୋଜି, ଡାଟା, ରିସର୍ଚ୍ଚ ବିଷୟରେ ଅବଗତ କରାଇବାକୁ ହେଲେ ରାଜ୍ୟସ୍ତରରେ ସରକାରୀ ସହଯୋଗରେ ଏକ ଏଗ୍ରୀ ଟେକ୍ ସାଣ୍ଡବକ୍ସ ସ୍ଥାପନ କରିବାକୁ ପଡ଼ିବ। ଯେଉଁଥିରେ ସରକାରୀ ସଂସ୍ଥା, ଷ୍ଟାର୍ଟଅପ୍ ଏବଂ ରିସର୍ଚ୍ଚ ସଂସ୍ଥାନ ଏକାଠି ଆସିବେ। କୌଣସି ଯୋଜନାରେ ପୂର୍ଣ୍ଣ ରୂପାୟନ ପୂର୍ବରୁ ଏହାର ବୈଧତାକୁ ଯାଞ୍ଚ କରିବେ ଓ ଏହା ଲାଗୁ କରିବେ। ପାଇଲଟ ପ୍ରକଳ୍ପ ହିସାବରେ ଯୋଜନା ଓ ଟେକ୍ନଲୋଜି ଲାଗୁ କରି ଏହାର ସଫଳତା ଦେଖିବା ପରେ କିଭଳି ନୂଆ ଯୋଜନାକୁ ପୂର୍ଣ୍ଣକାଳୀନ ଭାବେ ଲାଗୁ କରାଯିବ ସେ ଦିଗରେ ଧ୍ୟାନ ଦେବ ବୋଲି ଆସୋଚାମ୍ କହିଛି।

## ଇଭୋସ୍ ବିଲ୍ଡକନ୍‌ର ୧୬ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୨।୧୧(ଏଜେନ୍ସି): ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ ଏହାର ୧୬ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ସ୍ଥାନୀୟ ପଟିଆ ସ୍ଥିତ କ୍ରିଷ୍ଟାଲ କ୍ରାଉନ୍ ଠାରେ ସଙ୍କଳ୍ପ ନାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମ୍ପାନୀ ଏହାର ୧୬ ବର୍ଷର ବିଶ୍ୱସନୀୟତା, କ୍ୱାଲିଟି ଏବଂ କ୍ରମାଗତ ସେବାରେ ଅପ୍‌ଗ୍ରେଡେସନ୍ ପ୍ରତି ଥିବା ପ୍ରତିଶ୍ରୁତିବଦ୍ଧତାକୁ ପ୍ରତିପାଦିତ କରିଛି। ଏହି ଅବସରରେ ଇଭୋସ୍ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ କଳିଙ୍ଗ କେଶର ରଥ ଇଭୋସ୍ ପରିବାରକୁ ଅବିଶସନୀୟ ବିଶ୍ୱାସ ଏବଂ ଉତ୍ସର୍ଗ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଇଭୋସ୍ ବିଲ୍ଡକନ୍‌ର ଶକ୍ତି ଏହାର ମୂଲ୍ୟବୋଧ ଉପରେ ଆଧାରିତ, ଯାହାର ମୂଳଦୁଆ ସଂହତି, ନବସୃଜନ ଏବଂ ଭବିଷ୍ୟତର ଅଭିସନ୍ଧି ଉପରେ ଆଧାରିତ। ଶ୍ରୀ ରଥ ଏହି ଅବସରରେ ଇଭୋସ୍ ଆଲ୍‌କେମୀ, ଇଭୋସ୍ ଆମାନୀ ଭଳି ଦୁଇ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ।




## ବାଲିଯାତ୍ରାରେ ଭାରତ ମସଲାର ୬ଷ୍ଠ ଦିନର ଲକି ଡ୍ର

କଟକ,୧୨।୧୧(ସମିସ): ବାଲିଯାତ୍ରାରେ ଭାରତ ମସଲାର ଷଷ୍ଠ ଦିବସର ଲକି ଡ୍ର'ର ଭାଗ୍ୟଶାଳୀ ବିଜେତା ଭୁବନେଶ୍ୱରର ସଞ୍ଜିବ ସିଂ ଯିଏକି ମୁଖ୍ୟ ଅତିଥି ଏଡିଏମ ଦିବ୍ୟଲୋଚନ ମହାନ୍ତଙ୍କଠାରୁ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭେନ୍ ଗ୍ରହଣ କରିଥିଲେ।



ସେହିପରି ୨ୟ ବିଜେତା କଟକ କଲ୍ୟାଣ ନଗରର ସୌଭାଗ୍ୟ ମଞ୍ଜରୀ ପ୍ରଧାନଙ୍କୁ ରେସିଂ ବାଇସାଇକେଲ, ୩ୟ ବିଜେତା ଜଗତପୁର କଟକର ରବୀନ୍ଦ୍ରନାଥ ସାହୁଙ୍କୁ ବାଉଲ୍ ସେଟ୍, ସାନ୍ତ୍ୱନା ମୂଳକ ବିଜେତା କଟକ ଦେଉଳ ସାହିର ଅନିତା ସ୍ୱାଇଁଙ୍କୁ ଫ୍ରାଇଙ୍ଗ ପ୍ୟାନ୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ତହସିଲଦାର କଟକ ସଦର, ତହସିଲଦାର ଟାଙ୍ଗୀ- ଚୌଦ୍ୱାର, ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା,ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ପ୍ରମୁଖ ଉପସ୍ଥିତ ଥିଲେ। ବାଲିଯାତ୍ରା ଆଉ ଗୋଟିଏ ଦିନ ବଢ଼ିଥିବାରୁ ଗ୍ରାହକଙ୍କ ପାଇଁ ଭାରତ ମସଲା ପକ୍ଷରୁ ସମସ୍ତ ଅଫର ପୂର୍ବ ଦିନଗୁଡ଼ିକ ଭଳି ବଳବତ୍ତର ରହିବା ସହ ବମ୍ପର ପ୍ରାଇଜ୍‌ର ଉଠାଣ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଖୁବ୍‌ଶୀଘ୍ର ଶେଷ ହେବ ଆମେରିକା ଶଟ୍ ଡାଉନ୍

ୱାଶିଂଟନ୍,୧୨।୧୧(ଏଜେନ୍ସି): ଖୁବ୍‌ଶୀଘ୍ର ଆମେରିକା ଶଟ୍ ଡାଉନ୍ ସମସ୍ୟାର ଅନ୍ତ ଘଟିବ। ଆମେରିକୀୟ ସିନେଟ୍ ସୋମବାର ସରକାରୀ କାର୍ଯ୍ୟ ପୁନଃ ଆରମ୍ଭ କରିବା ପାଇଁ ଏକ ବିଲ୍‌କୁ ପାସ୍ କରିଛି, ଯାହା ଗତ ୪୧ ଦିନ ଧରି ଅଟକି ରହିଥିଲା। ଏହା ଦେଶର ଇତିହାସର ସବୁଠାରୁ ଲମ୍ବା ଶଟ୍ ଡାଉନ୍ ଶେଷ ହେବାର ନିକଟତର ହୋଇଛି। କିଛି ଡେମୋକ୍ରାଟିକ୍ ସାଂସଦ ନିଜ ଦଳ ଭିତରେ ତୀବ୍ର ସମାଲୋଚନା ସତ୍ତ୍ୱେ ରିପବ୍ଲିକାନ୍‌ଙ୍କ ସହ ଏକ ଚୁକ୍ତିରେ ପହଞ୍ଚିଛନ୍ତି। ତଥାପି, ସେପ୍ଟେମ୍ବର ମଧ୍ୟଭାଗରୁ ଛୁଟିରେ ଥିବା ହାଉସ୍‌ର ସଦସ୍ୟମାନେ ବିଲ୍ ଉପରେ ଭୋଟ୍ ଦେବା ପାଇଁ ୱାଶିଂଟନ୍ ଫେରିବା ଯୋଗୁଁ ୪୧ ଦିନିଆ ଶଟ୍ ଡାଉନ୍ ଆଉ କିଛି ଦିନ ରହିପାରେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ବିଲ୍‌କୁ ସମର୍ଥନ ଜଣାଇ କହିଛନ୍ତି, ଆମେ ଆମ ଦେଶକୁ ଖୁବ୍‌ଶୀଘ୍ର ଖୋଲିବାକୁ ଯାଉଛୁ। ସିନେଟରେ ୬୦-୪୦ ଭୋଟରେ ଶେଷ ହୋଇଥିବା ଶେଷ ଭୋଟ୍ ୬ ସପ୍ତାହରୁ ଅଧିକ ସମୟଧରି ଚାଲିଥିବା ଏକ କଷ୍ଟକର ଅଚଳାବସ୍ଥାର ଅନ୍ତ ଘଟାଇଥିଲା।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ୧୦୭ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୨।୧୧(ସମିସ): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ କ୍ଷେତ୍ରୀୟ ମୁଖ୍ୟ ରଜତ କୁମାର ପଣ୍ଡାଙ୍କ ବଳିଷ୍ଠ ମାର୍ଗଦର୍ଶନରେ ୧୦୭ତମ ପ୍ରତିଷ୍ଠା ଦିବସ ବ୍ରହ୍ମପୁର ଆମ୍ବଗଡ଼ ସ୍ଥିତ ଏସ୍‌ଆର ବିଭାନ୍ତ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଉପ କ୍ଷେତ୍ରୀୟ ମୁଖ୍ୟ ମେଘ୍ରାଇ ମାର୍ଣ୍ଡି, ବିଭୂତି ଭୂଷଣ ମହାନ୍ତି, ମୁଖ୍ୟ ପ୍ରବନ୍ଧକ ଆଶିଷ ଜ୍ଞାନବର୍ଦ୍ଧନ, ପ୍ରବନ୍ଧକ ଶିବ ପ୍ରସାଦ ନନ୍ଦ, ପ୍ରତ୍ୟୁଷା ସାହୁ ଏବଂ ବ୍ୟାଙ୍କ ଅଧିକାରୀଙ୍କ ସମେତ ବ୍ୟାଙ୍କର ଗ୍ରାହକମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ପରିଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା।



### ପୁଲିସ ଚାକିରି ବିକ୍ରି ଘଟଣା

## ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ ସାଗର ଗିରଫ

କଟକ, ୧୨।୧୧(ସମିସ): ପୁଲିସ ସବ୍‌ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଓ ଚାକିରି ବେପାର ଘଟଣାର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ ବ୍ରହ୍ମପୁର ଥାନା ବାଲିପଡା ନିବାସୀ ସାଗର ଗୌଡ଼ (୨୨)କୁ ବୁଧବାର କ୍ରାଇମବ୍ରାଞ୍ଚ୍ ଏମକେସିଜି ମେଡିକାଲ କ୍ୟାମ୍ପସରୁ ଗିରଫ କରିଛି। ଘଟଣାରେ ଗିରଫ ହୋଇଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ନିର୍ଦ୍ଦେଶ ଅନୁସାରେ ସାଗର କାର୍ଯ୍ୟ କରିଆସୁଥିଲା। ତଦନ୍ତରୁ ଜଣାପଡିଛି ଯେ ସାଗର ବାଲେଶ୍ୱର ଦୀଘା ମଡ୍ୟୁଲରେ ସମଗ୍ର କାର୍ଯ୍ୟ ତଦାରଖ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଦୀଘାଠାରେ ବି ପ୍ରାର୍ଥୀଙ୍କୁ ଆଗୁଆ ପ୍ରଶ୍ନପତ୍ର ଦେଇ ଅଭ୍ୟାସ କରିବା ପାଇଁ ସମସ୍ତ ବନ୍ଦୋବସ୍ତ ହୋଇସାରିଥିଲା। ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ଅରବିନ୍ଦ ଦାସକୁ ଦୀଘାଠାରେ ପ୍ରଶ୍ନପତ୍ର ଅଭ୍ୟାସ ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିର ନିର୍ଦ୍ଦେଶ ଅନୁଯାୟୀ ବ୍ୟବସ୍ଥାରେ ସମନ୍ୱୟ ରଖୁଥିଲା ସାଗର। ଦୀଘାରେ ପ୍ରାର୍ଥୀମାନଙ୍କ ହୋଟେଲ ରହଣୀ ପରିଚାଳନା ଏବଂ ତଦାରଖ କରୁଥିଲା ସାଗର। ନୂଆଦିଲ୍ଲୀରେ ରହି ଏହି ଅପରାଧ ସିଣ୍ଡିକେଟକୁ ଶଙ୍କର ଚଳାଉଥିଲା ବେଳେ ଉଭୟ ସାଗର ଓ ଅରବିନ୍ଦ ସମସ୍ତ ଘଟଣା ସମ୍ପର୍କରେ ମାଷ୍ଟରମାଇଣ୍ଡ ଶଙ୍କରକୁ ରିପୋର୍ଟ କରିଆସୁଥିଲା।



ଅନ୍ୟପକ୍ଷରେ ଶଙ୍କର ପୃଷ୍ଟିର ସହଯୋଗୀ ମୁନା ମହାନ୍ତିଙ୍କ ସମେତ ୬ଜଣ ଅଭିଯୁକ୍ତ ହାଇକୋର୍ଟରେ ଜାମିନ ଆବେଦନ କରିଛନ୍ତି। ବ୍ରହ୍ମପୁର ଅତିରିକ୍ତ ଦୌରା ଜଜ୍ ଜାମିନ ଖାରଜ କରିବା ନିର୍ଦ୍ଦେଶକୁ ଚାଲେଞ୍ଜ କରି ଅଭିଯୁକ୍ତମାନେ ହାଇକୋର୍ଟରେ ନିୟମିତ ଜାମିନ ଆବେଦନ ଦାୟର କରିଛନ୍ତି।

## ଓଡ଼ିଶାର କୃଷି ଐତିହ୍ୟ ଓ ଶ୍ରୀଅନ୍ନର ସଂରକ୍ଷଣ, ପ୍ରସାର ପଦକ୍ଷେପକୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପ୍ରଶଂସା

ଭୁବନେଶ୍ୱର,୧୨।୧୧(ସମିସ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ମହିଳା କୃଷକ ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଲୋକସେବା ଭବନ କନଭେନସନ୍ ହଲ୍‌ରେ ଆୟୋଜିତ 'କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇ କୃଷି ଐତିହ୍ୟର ସଂରକ୍ଷଣ ସହ ଶ୍ରୀଅନ୍ନର ସଂରକ୍ଷଣ ଓ ପ୍ରସାର ଦିଗରେ ଓଡ଼ିଶାର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଓଡ଼ିଶା ପ୍ରଥମ ରାଜ୍ୟଭାବେ ବିଭିନ୍ନ ଭୂ-ପ୍ରଜାତି ବା ଲ୍ୟାଣ୍ଡରେସ୍ ସଂରକ୍ଷଣ ପାଇଁ ମାର୍ଗଦର୍ଶିକା ସହ ମହିଳା କୈନ୍ଦ୍ରିକ ସୁବିଧାଜନକ କୃଷି ଭିତ୍ତିକ ଯନ୍ତ୍ରପାତିର ପରୀକ୍ଷଣ ମାର୍ଗଦର୍ଶିକା ଜାରି କରିଥିବା ସେ ଉଲ୍ଲେଖ କରିଥିଲେ। ସେହିପରି ଓଡ଼ିଶା ସରକାରଙ୍କ କୃଷି ବିଭାଗ ପକ୍ଷରୁ ମିଲେଟ ଫାଉଣ୍ଡେସନ୍ ଗାଇଡ୍ ପ୍ରକାଶିତ ହୋଇଛି। ଯେଉଁଥିରେ ଶ୍ରୀଅନ୍ନ ସମ୍ବନ୍ଧିତ ବିଭିନ୍ନ ଗବେଷଣାତ୍ମକ ତଥ୍ୟ ଉଲ୍ଲେଖ ରହିଛି। ସମ୍ମିଳନୀର ଉଦଯାପନୀ ସମାରୋହରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗ ଦେଇଥିଲେ।

## କିଟ୍ ଡେଣ୍ଟାଲ କଲେଜକୁ 'ଚରକ ଜାତୀୟ ପୁରସ୍କାର' ପ୍ରଦାନ

ଭୁବନେଶ୍ୱର,୧୨।୧୧(ସମିସ):କ୍ଲିନିକାଲ୍ ଉତ୍କର୍ଷତା ନିମନ୍ତେ ଇଣ୍ଡିଆନ୍ ଡେଣ୍ଟାଲ ଆସୋସିଏସନ (ଆଇଡିଏ) ପକ୍ଷରୁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନସେସ୍ (କିଡସ୍)କୁ 'ଜାତୀୟ ଚରକ ପୁରସ୍କାର' ପ୍ରଦାନ କରାଯାଇଛି। ଆଇଡିଏ ପକ୍ଷରୁ ମୁମ୍ବାଇରେ ଅନୁଷ୍ଠିତ ଏକ ଉତ୍ସବରେ କିଡସ୍ ନିର୍ଦ୍ଦେଶକ ଡା. ଯୁଗଜ୍ୟୋତି ପାଠୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉତ୍ସବରେ ଚିଲିର କନ୍‌ସଲ୍ ଜେନେରାଲ ଗୁସ୍ତଫୋ ଗନ୍‌ଜେଲ୍‌ଜେ, ତାଇୱାନ୍ ଏକ୍‌ସଟର୍ନାଲ୍ ଟ୍ରେଡ୍ ଡେଭେଲପମେଣ୍ଟ କାଉନ୍‌ସିଲ୍‌ର ଆଲେକ୍‌ସ ଚେନ୍, ଆଇଡିଏର ସଭାପତି ଡା. ଶୁଭ୍ରା ନନ୍ଦି, ମହାସଚିବ ଡା. ଅଶୋକ ଧୋବଲେ ଏବଂ ନବନିର୍ବାଚିତ ସଭାପତି ଡା. ମନୋଜ ଶ୍ରୀବାସ୍ତବ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ଦନ୍ତ ଚିକିତ୍ସା ଓ ଗବେଷଣା କ୍ଷେତ୍ରରେ ଜାତୀୟ ଚରକ ପୁରସ୍କାର ହେଉଛି ଏକ ସମ୍ମାନଜନକ ପୁରସ୍କାର। ଦନ୍ତ ଚିକିତ୍ସାରେ କ୍ଲିନିକାଲ୍ ଉତ୍କର୍ଷତା ଓ ନବ ସର୍ଜନା କ୍ଷେତ୍ରରେ କିଡସ୍‌ର ପ୍ରତିବଦ୍ଧତାକୁ ଏକ ସ୍ୱୀକୃତି ଭାବେ ଏହି ପୁରସ୍କାର ପ୍ରଦାନ କରାଯାଇଛି।ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସିବ୍ୟକ୍ତ କରିବା ସହ କିଟ୍ ଡେଣ୍ଟାଲ କଲେଜର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଛାତ୍ରୀଙ୍କୁ ଅସଦାଚରଣ; ଅଧ୍ୟାପକ ନିଲମ୍ବିତ

କଣ୍ଟାପଡା,୧୨।୧୧(ସମିସ): କଟକ ଜିଲ୍ଲା ଓଲଟପୁର ଥାନା ଅନ୍ତର୍ଗତ ଅଡଶପୁରଠାରେ ଥିବା ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ଲକ୍ଷ୍ମୀଧର ସାହୁ ଜଣେ ଛାତ୍ରୀଙ୍କୁ ଅସଦାଚରଣ କରି ନିଲମ୍ବିତ ହୋଇଛନ୍ତି। ଛାତ୍ରୀ ଜଣଙ୍କ ନିଆଳି ଥାନା ଅଞ୍ଚଳର ହୋଇଥିବା ବେଳେ ବାଣିଜ୍ୟ ବିଭାଗ ଏଚ୍‌ଓଡି ଶ୍ରୀ ସାହୁ ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଛାତ୍ରୀ ଜଣକ କଲେଜ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଅଭିଯୋଗ ପାଇ କଲେଜ କର୍ତ୍ତୃପକ୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ କଟକ ଉପଜିଲ୍ଲାପାଳଙ୍କୁ ଏବିଷୟରେ ଜଣାଇଥିଲେ। ପରେ ଅଧ୍ୟାପକଙ୍କୁ ନିଲମ୍ବିତ କରାଯାଇଥିବା ସୂଚନା ମିଳିଛି। ଏବିଷୟରେ ଓଲଟପୁର ଥାନାରେ ଅଭିଯୋଗ ହୋଇ ନଥିଲେ ମଧ୍ୟ ଅଧ୍ୟାପକ ଜଣଙ୍କ ଛାତ୍ରୀଙ୍କ ଘରକୁ ଯାଇ ଭୁଲ ମାଗିବା ଘଟଣା ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ମଧ୍ୟରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି।

# ଦେଶୀ ବନ୍ଧୁକ ଓ ଗୁଳି ଜବତ; ଜଣେ ଗିରଫ

କଟକ,୧୨।୧୧(ସମିସ): ଶଙ୍କରପୁରରେ ବାଦମବାଡ଼ି ଥାନା ପୁଲିସ ଜଣେ ବ୍ୟକ୍ତିଙ୍କ ଘରୁ ଦୁଇଟି ଦେଶୀ ବନ୍ଧୁକ ଓ ଗୁଳି ଜବତ କରିଛି। ଦୀର୍ଘ ଦିନ ହେବ ଏହି ବନ୍ଧୁକ ବେଆଇନ ଭାବେ ଘରେ ଗଚ୍ଛିତ କରି ରଖିଥିବା ସଂକ୍ରାନ୍ତ ସୂଚନା ଆଧାରରେ ପୁଲିସ ଚଢ଼ଉ କରିଥିଲା। ଅଭିଯୁକ୍ତ ଜଣକ ଗଜିଆ ଓରଫ ସୁରେଶ କୁମାର ପରିଡ଼ା(୫୮)। ଘଟଣାରୁ ପ୍ରକାଶ ଯେ, ଶଙ୍କରପୁର ପରିଡ଼ାସାହିରେ ରହୁଥିବା ଗଜିଆ ଓରଫ ସୁରେଶ କୁମାର ପରିଡ଼ା ଘରେ ଦେଶୀ ବନ୍ଧୁକ ରଖିଥିବା ବାଦାମବାଡ଼ି ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଏହି ଖବର ଆଧାରରେ ମଙ୍ଗଳବାର ରାତିରେ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ସୁରେଶ ଘରୁ ଦୁଇଟି ଦେଶୀ ବନ୍ଧୁକ, ୫ଟି ଜୀବନ୍ତ ଗୁଳି, ଗୋଟିଏ ମୋବାଇଲ୍ ଫୋନ୍ ଜବତ ହୋଇଥିଲା। ଏ ନେଇ ବାଦାମବାଡ଼ି ଥାନା ପୁଲିସ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ-୧୯୫୯ ବଳରେ ଏକ ମାମଲା(୨୫(୧-ଏ)) ରୁଜୁ କରି ସୁରେଶଙ୍କୁ ଗିରଫ କରିଛି। ସୁରେଶ ବିରୋଧରେ ପୂର୍ବରୁ ଦୁଇଟି ଅପରାଧିକ ମାମଲା ରହିଛି।

# ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

କିଶୋରନଗର,୧୨।୧୧(ସମିସ): କଟକ ସଦର ଅନ୍ତର୍ଗତ ପ୍ରହରାଜପୁର ପଞ୍ଚାୟତରେ ଆଜି ବୁଧବାର ଦିନ କଟକ ଗ୍ରାମାଞ୍ଚଳ ପୁଲିସ ସଦର ମହକୁମା ଡିଏସପି ନିରଞ୍ଜନ ସୱରଙ୍କ ତତ୍ତ୍ୱାବଧାନରେ ଏକ ସାଇବର ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଶନନଗର ଥାନାର ନିରୀକ୍ଷିକା ଜୟଶ୍ରୀ ସାହୁ, ଏଏସଆଇ ଶୁଭ୍ରାନ୍ତ ଭୋଇଙ୍କ ସମେତ ସରପଞ୍ଚ ଅବଦୁଲ ୱାହିଦ୍ ଖାଁ ସମିତି ସଭ୍ୟ ଲିୟାକତ୍ ଅଲ୍ଲୀ ଖାନ ଅଂଶଗ୍ରହଣ କରିଥିବା ବେଳେ ଆସିଫ୍ ଖାନ୍, ତାଜ ଉଦ୍ଦିଷ୍ଟ ଖାନ୍, ସେକ୍ ଏଜାଜ, ୟୁସୁଫ ଅଲ୍ଲୀ ଖାନ, ଏଶାକତ୍ ଅଲ୍ଲୀ ଖାନ, ଇସମାଇଲ୍ ଖାନ୍, ଲତିଫ୍ ଖାନ୍, ନାକିମୁନ ନୋମାନ ତାତାରୀ, ଅଶୋକ ସାହୁ, ଶିଶିର ନାୟକ, ଅଜୟ ସାହୁ ପ୍ରମୁଖ ବହୁ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# ଜାତୀୟ ଶିକ୍ଷା ଦିବସରେ ଆଲୋଚନାଚକ୍ର

ନିଶ୍ଚିନ୍ତକୋଇଲି,୧୨।୧୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଜାତୀୟ ଶିକ୍ଷା ଦିବସ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପକ ପ୍ରତାପ କୁମାର ସାହୁଙ୍କ ସଂଯୋଜନାରେ 'ଜାତୀୟ ଶିକ୍ଷାନୀତି ୨୦୨୦ ଶିକ୍ଷକ ସଶକ୍ତୀକରଣ' ଶୀର୍ଷକ ଏକ ଆଲୋଚନାଚକ୍ରରେ କଲେଜ ଅଧ୍ୟକ୍ଷା ଡ. ସୁପ୍ରଭା ପରିଡା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ. ରତ୍ନମଞ୍ଜରୀ ଦାଶ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ରଂଜନ ସେଠୀ, ଅଧ୍ୟାପକ ମନମୋହନ ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷାବିଭାଗର ଅଧ୍ୟାପକ ସୁଧୀର କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଅନୁସୂୟା ରାଉତରାୟ ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ଡ. ନରୋତ୍ତମ ବଳ, ଅଧ୍ୟାପକ ସୂର୍ଯ୍ୟକାନ୍ତ ମଲିକ, ବିଜୟ ପରିଡା, ଶିକ୍ଷାବିଭାଗର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ରମାକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।

# ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା



ବଡମ୍ବା,୧୨।୧୧(ସମିସ): ବଡମ୍ବା ବ୍ଲକ ଅନ୍ତର୍ଗତ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ନବମ ଓ ଦଶମ ଶ୍ରେଣୀର ଛାତ୍ର-ଛାତ୍ରୀ ଉକ୍ତ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ପଚିଶଟି ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ତିଆରି କରି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମିନାକ୍ଷୀ ସ୍ୱାଇଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ପ୍ରଦର୍ଶନୀରେ, ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ, ଭାରତ ସରକାରଙ୍କ ସେବା ନିବୃତ୍ତ ପୂର୍ବତନ ବୈଜ୍ଞାନିକ ସୁରେନ୍ଦ୍ରନାଥ ଦଳେଇ ମୁଖ୍ୟଅତିଥି, ବ୍ଲକ ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା ମୁଖ୍ୟବକ୍ତା, କଟକ ଜିଲ୍ଲା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସଭାପତି କଳିଙ୍ଗ କେଶରୀ ପ୍ରଧାନ ସମ୍ମାନିତ ଅତିଥି ଓ ଗଙ୍ଗାଧର ଉଚ୍ଚ ବିଦ୍ୟାଳୟ, ଦାଶରଥିପୁରର ପ୍ରଧାନ ଶିକ୍ଷୟିତ୍ରୀ ମାନସୀ ମଞ୍ଜରୀ ସେଠୀ ବିଚାରକ ଭାବେ ଯୋଗଦେଇ ବିଭିନ୍ନ ପ୍ରକଳ୍ପରେ ଅଂଶଗ୍ରହଣ କରିଥିବା ବାଲ ବୈଜ୍ଞାନିକଙ୍କୁ ପ୍ରେରଣା ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଶୋକ ଧଳ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ। ଶିକ୍ଷୟିତ୍ରୀ ନୀଳିମା ମଞ୍ଜରୀ ମହାପାତ୍ର, ମନୋରମା ବେହେରା, ପଙ୍କଜିନୀ ଭୋଇ, ଶୁଭସ୍ମିତା ସାହୁ, ସାରଳା ମାହେଶ୍ୱରୀ ବିଶୋଇ, ଶିକ୍ଷା କର୍ମଚାରୀ ରମେଶ ଚନ୍ଦ୍ର ସାମନ୍ତରା, ଜଗବନ୍ଧୁ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ତୃପ୍ତିମୟୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

ଏସ୍‌ସିବି ଯକୃତ ପ୍ରତିରୋପଣ ୟୁନିଟରେ ଝୁଲିଛି ତାଲା

# ଆଇନ୍ ଆଶ୍ରାରେ ଦୋଷ ଖସାଉଛି ସ୍ୱାସ୍ଥ୍ୟ ବିଭାଗ

କଟକ,୧୨।୧୧(ସମିସ)

- ଆଲୋଚନା, ସତ୍ୟପାଠ ଭିତରେ ଗଡ଼ି ଚାଲିଛି ଦିନ
- ଏଯାଏଁ ଗଠନ ହେଲାନି ଅଭିଜ୍ଞ ଡାକ୍ତରୀ ଦଳ
- ଯକୃତ ରୋଗୀଙ୍କ ଜୀବନ ପ୍ରତି ନିଘା ନାହିଁ



ଗତବର୍ଷ ସେପ୍ଟେମ୍ବର ମାସରେ ଏସ୍‌ସିବି ମେଡିକାଲରେ ଶେଷଥର ଯକୃତ ପ୍ରତିରୋପଣ ହୋଇଥିଲା। ଏହା ଭିତରେ ପ୍ରତିରୋପଣଅପେକ୍ଷାରେଥିବା ରୋଗୀ ଜଣକ ପରେ ଜଣେ ଆଖି ବୁଜିଲେ। ବଡ଼ ମେଡିକାଲର ଯକୃତ ପ୍ରତିରୋପଣ ୟୁନିଟରେ ତାଲା ଝୁଲିଲା। ସ୍ୱତନ୍ତ୍ର ଓପିଡି ବନ୍ଦ ରଖାଗଲା। ପରେ ହାଇକୋର୍ଟ ଏହି ଘଟଣାରେ ହସ୍ତକ୍ଷେପ କରି କଡା ତାଗିଦ୍ କରିବା ପରେ ସ୍ୱାସ୍ଥ୍ୟ ବିଭାଗର ଚେତା ପଶିଥିଲା। ପ୍ରତିରୋପଣ ପୁନର୍ବାର ଆରମ୍ଭ କରାଯିବାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ଦେଖାଇ ଗୋଟିଏ ପରେ ଗୋଟିଏ ସତ୍ୟପାଠ ଅଦାଲତରେ ଦାଖଲ କରି ଚାଲିଛି। ହେଲେ ଜଣେ ହେଲେ ରୋଗୀ ଏ ପର୍ଯ୍ୟନ୍ତ ଉପକୃତ ହୋଇନାହାନ୍ତି। ଏପରିକି ପ୍ରତିରୋପଣ କରୁଥିବା ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି(ଏଆଇଜି) ସହ ଏମଓୟୁ ସ୍ୱାକ୍ଷର ହୋଇ ପାରିନାହିଁ। ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ବଡ ମେଡିକାଲରେ ଯକୃତ ପ୍ରତିରୋପଣ ସ୍ୱପ୍ନ ମଧ୍ୟ ଦୂରେଇ ଯିବାରେ ଲାଗିଛି। ଆଇନ୍‌କୁ ଆଶ୍ରୟ କରି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଠକୁଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ତୀବ୍ର ହୋଇଛି।

ଯକୃତ ପ୍ରତିରୋପଣ ଏକ ଦୀର୍ଘମିଆଦି ଚିକିତ୍ସା ପଦ୍ଧତି। ସ୍କ୍ରିନିଂଠାରୁ ଆରମ୍ଭ କରି ପ୍ରତିରୋପଣ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ରୋଗୀକୁ ନିରୀକ୍ଷଣରେ ରଖିଥାଏ। ହେଲେ ବଡ ମେଡିକାଲରେ ଏବେ ସେଭଳି ଡାକ୍ତରୀ ଦଳ ହିଁ ନାହିଁ। ଯେଉଁ ଡାକ୍ତରୀ ଦଳକୁ ଯକୃତ ପ୍ରତିରୋପଣ ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିଲା, ସେହି ଦଳ ମଧ୍ୟ ନିଷ୍କ୍ରିୟ। ବିଶେଷକରି ସ୍ଥାୟୀ ଏବଂ ଅଭିଜ୍ଞ ଡାକ୍ତରୀ ଦଳର ଆବଶ୍ୟକତା ଥିଲେ ସୁଦ୍ଧା ସେଥିପ୍ରତି ଦୃଷ୍ଟି ଦିଆଯାଉନାହିଁ। ଏପରିକି ପ୍ରତିରୋପଣ ନିମନ୍ତେ ଏକ ସ୍ୱତନ୍ତ୍ର ଦଳ ଗଠନ କରି ପ୍ରଶିକ୍ଷଣ ଦେବା ପାଇଁ ପ୍ରତ୍ୟେକବର୍ଷ ରାଜ୍ୟ ସରକାର ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ଏହାର ସଦୁପଯୋଗ ହେଉନାହିଁ। କିଛି ମାସ ଧରି ଯକୃତ ପ୍ରତିରୋପଣ ନେଇ ମାମଲା ହାଇକୋର୍ଟରେ ବିଚାରାଧୀନ ଅଛି। ମାମଲାର ଶୁଣାଣି ହେବା ସମୟରେ ସ୍ୱାସ୍ଥ୍ୟ ବିଭାଗ ଏବଂ ଡିଏମଇଟିଙ୍କ ପକ୍ଷରୁ ପ୍ରତିରୋପଣ ନେଇ ପ୍ରସ୍ତୁତି ଚାଲିଥିବା କୁହାଯାଇଥିଲା। ଏନେଇ ସତ୍ୟପାଠ ମଧ୍ୟ ଦାଖଲ ହୋଇଥିଲା। ହେଲେ ସ୍ଥିତାବସ୍ଥାରୁ ଏହା ସ୍ପଷ୍ଟ ଭାବେ ଜଣାପଡୁଛି ଯେ ସ୍ୱାସ୍ଥ୍ୟ ବିଭାଗ ଭେଳିକି ଦେଖାଇ ଏହି ବ୍ୟବସ୍ଥାକୁ ପୁଣି କାର୍ଯ୍ୟକ୍ଷମ କରିବାରେ ବିଳମ୍ବ କରୁଛି। ଗତ ୧୦ ତାରିଖରେ ଏଆଇଜିକୁ ଏକ ଚିଠି ଲେଖିଥିଲା ଡିଏମଇଟିଙ୍କ କାର୍ଯ୍ୟାଳୟ। ଯକୃତ ପ୍ରତିରୋପଣ ଆରମ୍ଭ କରିବାକୁ ଚିଠିରେ ଦର୍ଶା ଯାଇଥିଲା। ହେଲେ ଏଆଇଜି ସହିତ ଏମଓୟୁ କରିବା ପାଇଁ ଦୁଇ ମାସ ବିତିଯାଇଥିଲେ ସୁଦ୍ଧା ଏହା ହୋଇ ପାରିନାହିଁ। ବଦଳରେ ହାଇକୋର୍ଟ ଶୁଣାଣି ତାରିଖ ପୂର୍ବରୁ କିଛି ଚିଠି ଲେଖି ନିଜ ମୁଣ୍ଡରୁ ଦୋଷ ଖସାଇବାକୁ ସ୍ୱାସ୍ଥ୍ୟ ବିଭାଗ ଓ ଡିଏମଇଟି ଅପଚେଷ୍ଟା କରୁଥିବା କୁହାଯାଉଛି।

# ବେଆଇନ ବାଣ ତିଆରି ବେଳେ ବିସ୍ଫୋରଣ; ମହିଳା ଗୁରୁତର

ନିଶ୍ଚିନ୍ତକୋଇଲି, ୧୨।୧୧(ସମିସ): ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ନତକାଇ ପଞ୍ଚାୟତ ୩ନଂ ୱାର୍ଡ ମୁକୁନ୍ଦପୁର ଗ୍ରାମରେ ଏକ ବେଆଇନ ବାଣ ତିଆରି କରାଯିବା ସମୟରେ ବିସ୍ଫୋରଣ ହେବାରୁ ଜଣେ ମହିଳା ଗୁରୁତର ହୋଇଥିବା ଜଣାଯାଇଛି। ବିସ୍ଫୋରଣ ସମୟରେ ପ୍ରଚଣ୍ଡ ଶବ୍ଦରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଭୟଭୀତ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୁଲିସ ପହଞ୍ଚି ଗୁରୁତର ହୋଇଥିବା ମହିଳାଙ୍କୁ ଉଦ୍ଧାର କରି ପୁଲିସ ଭ୍ୟାନ୍ ଯୋଗେ ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମହିଳାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ପଠାଇଛନ୍ତି। ଏହା ପରେ ନିଶ୍ଚିନ୍ତକୋଇଲି ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିସ୍ଫୋରଣରେ ଲାଗିଥିବା ନିଆଁକୁ ଆୟତ କରିଥିଲେ। ଖବରରୁ ଜଣାଯାଏ ଏହି ଗ୍ରାମର ଭାଗ୍ୟଧର ମଲିକ ଦୀର୍ଘ ବର୍ଷ ହେବ ବେଆଇନ ଭାବେ ବାଣ ତିଆରି କରି ବିକ୍ରି କରିଆସୁଥିଲେ। ଏ ସଂକ୍ରାନ୍ତରେ ପୁଲିସ ଭଲ ଭାବେ ଜାଣିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିଲା। ବୁଧବାର ମଧ୍ୟାହ୍ନରେ ଭାଗ୍ୟଧରଙ୍କ କନ୍ୟା ପ୍ରଭାସିନୀ ମଲିକ (୩୩) ବାଣ ତିଆରି କରୁଥିଲା ବେଳେ ଏହା ହଠାତ୍ ବିସ୍ଫୋରଣ ହୋଇଥିଲା। ଏହାର ପ୍ରଭାବରେ ସଂପୃକ୍ତ ମହିଳାଙ୍କର ଶରୀରର ବିଭିନ୍ନ ଅଂଶର ୭୦ ଭାଗ ପୋଡିଯାଇଥିବା ଦେଖାଯାଇଛି। ଏହାଛଡା ବାଣ ତିଆରି ହେଉଥିବା ଘରଟି ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ନିଶ୍ଚିନ୍ତକୋଇଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ୨ କିଲୋ ବାଣ ବାରୁଦ ଜବତ କରିଥିଲା ବେଳେ ଭାଗ୍ୟଧରଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଖୁବ୍‌ଶୀଘ୍ର ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତନଖି କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ଯୁଗଳକିଶୋର ଦାସ ପ୍ରକାଶ କରିଛନ୍ତି। କେବଳ ନତକାଇ ପଞ୍ଚାୟତ ନୁହେଁ ଏହି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ବେଳେ ନିଶ୍ଚିନ୍ତକୋଇଲି ବଜାରରେ ବିଭିନ୍ନ ପର୍ବପର୍ବାଣୀ ପାଇଁ ବିନା ଲାଇସେନ୍‌ସରେ ଚୋରାରେ ବାଣ ବିକ୍ରି କରାଯାଉଥିବା ଜଣାଯାଇଛି। ପୁଲିସ ପ୍ରଶାସନର ବିନା ଅନୁମତିରେ ବାଣ ଫୁଟିବାର ନିୟମ ନ ଥିବା ବେଳେ ଭସାଣୀ, ବିବାହ, ଶୋଭାଯାତ୍ରା, ମେଳଣ ତଥା ବିଭିନ୍ନ ଉତ୍ସବମାନଙ୍କରେ ବାଣ ଫୁଟୁଥିଲେ ମଧ୍ୟ ପୁଲିସ ଚୁପ୍ ରହୁଥିବା ଦେଖାଯାଇଛି। ଏହି ବାଣ ବିସ୍ଫୋରଣ ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଭଗତପୁର କାର୍ତ୍ତିକେଶ୍ୱର ମହୋତ୍ସବ ଉଦଯାପିତ



ଟାଙ୍ଗୀ,୧୨।୧୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ ଭଗତପୁର ଗ୍ରାମରେ ଆୟୋଜିତ ତ୍ରୟଦିବସୀୟ କାର୍ତ୍ତିକେଶ୍ୱର ମହୋତ୍ସବ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ରବିବାର ଉଦଘାଟନ ଉତ୍ସବରେ ଭଗତପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ଥାନପତି ପ୍ରତିମା ଓ ସୋମବାର ଭଗତପୁର ସମେତ ତେଲିଆପଡ଼ା ଏବଂ ଗୁଆଳିଡ଼ିହକୁ ମିଶାଇ ମୋଟ ୧୨ଟି ପ୍ରତିମା ଶୋଭାଯାତ୍ରାରେ ଯାତ୍ରା ପଡ଼ିଆକୁ ବିଜେ କରିଥିଲେ। ମାତ୍ର କନମିରା ଠାରେ ହରିବାବାଙ୍କ ଦ୍ୱାରା ପୂଜା ପାଇଥିବା ଶ୍ରୀ ନୃସିଂହଙ୍କ ପ୍ରତିମା ଭସାଣିରେ ଭାଗ ନେଇଥିଲେ ହେଁ ଯାତ୍ରା ପଡ଼ିଆକୁ ବିଜେ ନ କରିବା ଆଲୋଚ୍ୟ ପାଲଟିଥିଲା। ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା ଓ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମଙ୍ଗଳବାର ଅପରାହ୍ନରେ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବାବେଳେ ସହସ୍ରାଧିକ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା। ଟାଙ୍ଗୀ ଥାନା ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିବା ଦେଖିବାକୁ ମିଳିଛି।

# ଜଗତପୁରରୁ ୫୨ଟି ସିଲିଣ୍ଡର ଜବତ

- ଲାଇସେନ୍ସ ନ ଥାଇ ଚାଲୁଛି ବେଆଇନ ରନ୍ଧନ ଗ୍ୟାସ ସିଲିଣ୍ଡର କାରବାର



କଟକ,୧୨।୧୧(ସମିସ): କଟକ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଚଢଉ କରାଯାଇ ଆଜି ବିପୁଳ ପରିମାଣର ଚୋରା ଘରୋଇ ଗ୍ୟାସ ସିଲିଣ୍ଡରକୁ ଜବତ କରାଯାଇଛି। କଟକ ଜଗତପୁର ଷ୍ଟେସନବଜାର ଅଞ୍ଚଳର ଶଙ୍କର୍ଷଣ ମହାରଣାଙ୍କ ଘରୁ ୫୨ଗୋଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି। ଏଥି ମଧ୍ୟରେ ଗ୍ୟାସ ଭର୍ତ୍ତି ହୋଇଥିବା ସିଲିଣ୍ଡର ରହିଥିବା ଜଣାପଡିଛି। ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀମାନେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଠାରେ ଚଢଉ କରିଥିଲେ। ଏହି ଚଢଉରେ କଟକ ମହାନଗର ନିଗମର ଯୋଗାଣ ନୀରିକ୍ଷକ କେଦାରନାଥ ପ୍ରଧାନୀ, ଏସିଏସଓ ଇତିଶ୍ରୀ ଜେନା, କଟକ ସଦରର ଯୋଗାଣ ଅଧିକାରୀ ଦିପ୍ତିରଞ୍ଜନ ବେହେରା ପ୍ରମୁଖ ସାମିଲ ହୋଇଥିଲେ। ପ୍ରକାଶଥାଉକି ଲାଇସେନ୍ସ ନ ଥାଇ ଜଣେ ବ୍ୟକ୍ତି କିଭଳି ଏତେ ପରିମାଣରେ ସିଲିଣ୍ଡର ମହଜୁଦ ରଖି ବେପାର ଚଳାଇଥିଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରନ୍ଧନ ଗ୍ୟାସ କାରବାର ପାଇଁ ଯୋଗାଣ ବିଭାଗ ସମେତ ତୈଳ କମ୍ପାନୀର ଲାଇସେନ୍ସ, ଅଗ୍ନିଶମ ବିଭାଗର ଏନଓସି ଆଦି ଦରକାର। ହେଲେ ଏହା ନ ଥାଇ ଉକ୍ତ କାରବାର ଚାଲୁଥିବା ଚଢଉ ବେଳେ ଜଣାପଡିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି କୁହାଯାଇଛି। କେବଳ ଜଗତପୁର ନୁହେଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଭଳି କାରବାର ଦେଖିବାକୁ ମିଳୁଛି। ଖାଉଟି ମାନଙ୍କର ଅତିରିକ୍ତ କାର୍ଡ ଓ ସିଲିଣ୍ଡର ସଂଗ୍ରହ କରି ଖୋଲାବଜାରରେ ଅଧିକ ଦରରେ ବିକ୍ରି କରାଯାଉଥିବା ଜଣାପଡିଛି। ସେହିଭଳି କମର୍ସିଆଲ ସିଲିଣ୍ଡର ଗୁଡିକ ୧୯ କେଜି ବିଶିଷ୍ଟ ହୋଇଥିଲା ବେଳେ ଘରୋଇ ସିଲିଣ୍ଡର ତୁଳନାରେ ଏହାର ଦର ଅଧିକ। ଏଣୁ ବ୍ୟବସାୟିକ ଉଦ୍ଦେଶ୍ୟରେ ଘରୋଇ ସିଲିଣ୍ଡର ଗୁଡିକ ବହୁଳ ବ୍ୟବହାର ହେଉଥିବା ଜଣାପଡିଛି। ଏଥିପାଇଁ ଚୋରାରେ ଘରୋଇ ସିଲିଣ୍ଡର କାରବାର ହେଉଥିବା ଜଣାପଡିଛି। ତେବେ ଜବତ ହୋଇଥିବା ସିଲିଣ୍ଡର ଗୁଡିକ କେଉଁ ଖାଉଟିଙ୍କ ନାମରେ ରହିଛି ନା ନାହିଁ ତାହାର ବିଭାଗ ଅଧିକ ଖୋଳତାଡ କରୁଛି।

# ଜାତୀୟସ୍ତରୀୟ କୁଡ଼ୋ ପ୍ରତିଯୋଗିତା

- ଚୌଦ୍ୱାର କୁଡ଼ୋ ଏକାଡେମୀର ପ୍ରତିଯୋଗୀଙ୍କୁ ୨୧ ପଦକ





ଚୌଦ୍ୱାର,୧୨।୧୧(ସମିସ): ଜାତୀୟସ୍ତରୀୟ କୁଡ଼ୋ ପ୍ରତିଯୋଗିତାରେ ଚୌଦ୍ୱାର କୁଡ଼ୋ ଏକାଡେମୀର ପ୍ରତିଯୋଗୀମାନେ ୨୧ଟି ପଦକ ହାସଲକରି ଓଡ଼ିଶା ପାଇଁ ଉଲ୍ଲେଖନୀୟ ଗୌରବ ଆଣିବାରେ ସଫଳ ହୋଇଛନ୍ତି। ଗୁଜୁରାଟର ସୁରଟ ଠାରେ ଆୟୋଜିତ ଷଷ୍ଠ ଦିବସୀୟ ଜାତୀୟ କୁଡ଼ୋ ଫେଡେରେସନ କପ୍ ଏବଂ ଅକ୍ଷୟ କୁମାର ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଚୌଦ୍ୱାର କୁଡ଼ୋ ଏକାଡେମୀର ୯ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ୩ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଏବଂ ୧୦ଟି ତାମ୍ର ପଦକ ହାସଲ କରିଛନ୍ତି। ଚୌଦ୍ୱାର ଏକାଡେମୀର ମୁଖ୍ୟ କୋଚ୍ ମୃତ୍ୟୁଞ୍ଜୟ ଯାଦବଙ୍କ ନେତୃତ୍ୱରେ ତଥା ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଯାଇ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ କରିଥିବା ପ୍ରତିଯୋଗୀମାନେ ହେଲେ ଏସ୍‌କେ ଇରଫାନ୍, ସତ୍ୟ ସଂଗ୍ରାମ ଖୁଣ୍ଟିଆ, ସୁଲଗ୍ନା ଲେଙ୍କା, ରିୟାଂସ ପ୍ରଧାନ, ଏସ୍‌କେ ସମସେର ଅଲ୍ଲୀ, ଆୟଶ ଲେଙ୍କା, ସାଇସ୍ମିତା ନାୟକ, ଅଂଶୁମାନ ସେନାପତି ଏବଂ ରିତିକା ସ୍ୱାଇଁ। ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ କୁଡ଼ୋ ଇଣ୍ଡିଆର ଅଧ୍ୟକ୍ଷ ତଥା ମେଗା ଷ୍ଟାର ଅକ୍ଷୟ କୁମାର, ଅଭିନେତା ପରେଶ ରାୱଲ, ସୁନୀଲ ସେଟ୍ଟୀ, ଜ୍ୟାକି ସ୍ରଫ, ଡିମ୍ପଲ କାପାଡ଼ିଆ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜେତାଙ୍କୁ ସମ୍ମାନିତ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଶାର ଏହି ସଫଳତା ପାଇଁ କୁଡ଼ୋ ଇଣ୍ଡିଆର ସହସମ୍ପାଦକ ତଥା କୁଡ଼ୋ ଓଡ଼ିଶା ସଂଘର ମୁଖ୍ୟ ନିତାଇ ଶଙ୍କର ଗୁଇଁ ସମସ୍ତ ପ୍ରତିଯୋଗୀ, କୋଚ୍, କୁଡ଼ୋ ଏକାଡେମୀ ସହିତ ସଂପୃକ୍ତ ସମସ୍ତ ଅଧିକାରୀ ଏବଂ ପ୍ରତିଯୋଗୀଙ୍କ ଅଭିଭାବକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଜହ୍ନିଆ-ଛୁଆଳିଆ କେନାଲ ରାସ୍ତା ବିଳମ୍ବ ନେଇ ଜନଅସନ୍ତୋଷ



ନିଶ୍ଚିନ୍ତକୋଇଲି,୧୨।୧୧(ସମିସ): ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅନୁଦାନରେ ନିର୍ମାଣ ଆରମ୍ଭ ହୋଇଥିବା ଜହ୍ନିଆଠାରୁ ଛୁଆଳିଆ ଆଖଣ୍ଡଳମଣୀ ମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣରେ ବହୁ ବିଳମ୍ବ ଦେଖାଦେଇଛି। ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ମନମାନୀରେ ଉକ୍ତ ରାସ୍ତାର ନିର୍ମାଣ କାର୍ଯ୍ୟ ଦୀର୍ଘମାସ ହେବ ବନ୍ଦ୍ ହୋଇ ରହିଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶପାଇଛି। ଉକ୍ତ ରାସ୍ତାଟି କଟକ-ଚାନ୍ଦବାଲି ରାସ୍ତାକୁ ଜହ୍ନିଆ ଛକଠାରେ ସଂଯୋଗ କରୁଥିବାରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଯାନବାହନ ଓ ଲୋକମାନେ ଏହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଯାତାୟାତ କରିଥାଆନ୍ତି। ଏହାଛଡା ଉକ୍ତ ରାସ୍ତାଟି ଜିଗ୍ନିପୁର ପଞ୍ଚାୟତର ମହାଜନପୁର, ମାତକତପୁର ଓ ଛୁଆଳିଆ ଗ୍ରାମର ଏକ ପ୍ରମୁଖ ରାସ୍ତା ଅଟେ। ବର୍ତ୍ତମାନ ଏହି ରାସ୍ତାଟିରେ ଠିକାଦାର ଦୁଇ ପାଶ୍ୱର୍ରେ ମାଟି ଓ ମଝିରେ କ୍ରସର ଗୁଣ୍ଡ ପକାଇ ଦେଇ କାର୍ଯ୍ୟ ବନ୍ଦ କରିଛନ୍ତି। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଯାତାୟାତ ସମୟରେ ପ୍ରବଳମାତ୍ରାରେ କ୍ରସରଗୁଣ୍ଡ ଗୁଡିକ ଉଡି ପଥିକ ତଥା ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କୁ ଅଣନିଶ୍ୱାସୀ କରିଦେଉଛି। ଅତ୍ୟଧିକ କ୍ରସରଗୁଣ୍ଡ ଉଡିବା ଦ୍ୱାରା ବାୟୁମଣ୍ଡଳ ଦୂଷିତ ହେଉଛି। ଦୀର୍ଘଦିନ ହେବ ଠିକାଦାର ଉକ୍ତ ରାସ୍ତାର ନିର୍ମାଣ କାମକୁ ବନ୍ଦ୍ କରିଦେଇଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ କାର୍ଯ୍ୟ ଆରମ୍ଭ ପୂର୍ବର ଏହାର ସଂପୂର୍ଣ୍ଣ ସୂଚନା ବିବରଣୀ ଫଳକ ଲଗାଯିବାର ନିୟମ ରହିଥିବା ବେଳେ କୌଣସି ଫଳକ ନ ଲଗାଇ ଠିକାଦାର କୋଟି କୋଟି ଟଙ୍କାର ନିର୍ମାଣ କାର୍ଯ୍ୟ କରୁଥିବା ଦେଖାଯାଇଛି। ରାସ୍ତା କାର୍ଯ୍ୟର ସୂଚନା ଫଳକ ନ ଥିବାରୁ ଏହାର ଅବଧି ଶେଷ ହୋଇଛି କି ନାହିଁ ସେ ସଂକ୍ରାନ୍ତରେ ଲୋକମାନେ ଜାଣି ପାରୁନାହାନ୍ତି। ଏ ସଂକ୍ରାନ୍ତରେ ଗ୍ରାମ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ପଚାରି ବୁଝିବା ପାଇଁ ଫୋନ୍ କରାଯାଉଥିଲେ ମଧ୍ୟ ସେ ଫୋନ୍ ଉଠାଉ ନ ଥିବା ମଧ୍ୟ ଲୋକମାନେ ଅଭିଯୋଗ କରିଛନ୍ତି। କ'ଣ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ବିଳମ୍ବ ହେଉଛି ସେ ନେଇ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହିତ ଉକ୍ତ ରାସ୍ତା କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ମାତକତପୁର, ମହାଜନପୁର ଓ ଛୁଆଳିଆ ଗ୍ରାମବାସୀମାନେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଦାବି କରିଛନ୍ତି।

# ଡ୍ରିମ୍‌ସରେ ଜାତୀୟ ଶିକ୍ଷା ଦିବସ




କଟକ,୧୨।୧୧(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଛି। ଇନଷ୍ଟିଚ୍ୟୁସନ୍ ଇନୋଭେସନ କାଉନସିଲ (ଆଇଆଇସି) ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଦେଶର ପ୍ରଥମ ଶିକ୍ଷାମନ୍ତ୍ରୀ ତଥା ରାଷ୍ଟ୍ରନିର୍ମାତା ଡ. ମୋ÷ଲାନା ଅବୁଲ କଲାମ ଆଜାଦ୍‌ଙ୍କ ଜନ୍ମଦିନକୁ ଜାତୀୟ ଶିକ୍ଷା ଦିବସ ଭାବରେ ପାଳନ କରାଯିବା ପରିପ୍ରେକ୍ଷୀରେ ତାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପ୍ରାରମ୍ଭରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇ ଶିକ୍ଷା ହିଁ ରାଷ୍ଟ୍ର ବିକାଶର ଚାବିକାଠି ବୋଲି ବର୍ଣ୍ଣନା କରିଥିଲେ। ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ଜାତୀୟ ଶିକ୍ଷା ନୀତି ଉପରେ ବକ୍ତାମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପୋ÷ରହିତ୍ୟ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ଦେଶର ଶିକ୍ଷା ବ୍ୟବସ୍ଥା ଓ 'ଜାତୀୟ ଶିକ୍ଷା ନୀତି ୨୦୨୦' ବିଭିନ୍ନ ଦିଗ ଏବଂ ଗ୍ରାମାଞ୍ଚଳରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ବିସ୍ତାର କ୍ଷେତ୍ରରେ 'ଡ୍ରିମ୍‌ସ'ର ଅଗ୍ରଣୀ ଭୂମିକା ଉପରେ ଆଲୋକପାତ କରିଥିଲେ। ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପ୍ରଫେସର ସୁଶାନ୍ତ ଦାସ, ଆଇକ୍ୟୁଏସିର ନିର୍ଦ୍ଦେଶକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା, ଡେପୁଟୀ ରେଜିଷ୍ଟ୍ରାର ଶିଶିର କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ବିଭାଗୀୟ ମୁଖ୍ୟ ଓ ଅଧ୍ୟାପକ, ଅଧ୍ୟାପିକା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇଆଇସି ସଂଯୋଜକ ଡ. ଦୀପକ ରଞ୍ଜନ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଓ ଡିନ୍ (ରିସର୍ଚ୍ଚ) ଡ. ବିଶ୍ୱରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ୨୬/୧୧ ଭଳି ବହୁ ସହରରେ ଆକ୍ରମଣ ଯୋଜନା ପଣ୍ଡ

# ୨୦୦ ବୋମାରେ ହୋଇଥାନ୍ତା ସିରିଜ୍ ବିସ୍ଫୋରଣ

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ସୋମବାର ସନ୍ଧ୍ୟାରେ ଦିଲ୍ଲୀରେ ହୋଇଥିବା ବିସ୍ଫୋରଣଠାରୁ ଅତି ଭୟଙ୍କର ଯୋଜନା ପ୍ରସ୍ତୁତ କରିଥିଲେ ଆତଙ୍କବାଦୀ। ଏହି ଫରିଦାବାଦ ମଡ୍ୟୁଲୋରେ ସାମିଲ ଆତଙ୍କବାଦୀମାନେ ୨୦୦ ବୋମା (ଆଇଇଡି)ରେ ୨୬/୧୧ ଭଳି ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିଲେ ବୋଲି ଜଣାପଡ଼ିଛି। ଏଥିପାଇଁ ଫରିଦାବାଦରୁ ଗିରଫ ଡ. ସାହିନ ସାହିଦ ଦୁଇ ବର୍ଷ ହେଲା ବିସ୍ଫୋରକ ସଂଗ୍ରହ କରୁଥିଲା। ସାହିନ ଏବଂ ତାର ସହଯୋଗୀ ମିଶି 'ହ୍ୱାଇଟ କଲାର ଟେରର ମଡ୍ୟୁଲୋ' ଗଠନ କରିଥିଲେ। କାହାକୁ ସନ୍ଦେହ ନ ହେବା ପାଇଁ ଏଥିରେ କେବଳ ବୃତ୍ତିଗତ ଲୋକଙ୍କୁ ସାମିଲ କରିଥିଲେ। ଏହି ଆତଙ୍କବାଦୀ ଜୈସ-ଇ-ମହମ୍ମଦ ଏବଂ ଅନ୍‌ସାର ଗଜୱତ-ଉଲ-ହିନ୍ଦ ନାମକ ସଂଗଠନ ସହ ଜଡ଼ିତ ଥିଲେ।



ହରିୟାଣା ପୁଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଆତଙ୍କବାଦୀ ମଡ୍ୟୁଲୋ ୨୦୦ରୁ ଅଧିକ ଆଇଇଡି ପ୍ରସ୍ତୁତ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ୨୯୦୦ କେଜି ବିସ୍ଫୋରକ ସହିତ ଟାଇମର ଏବଂ ବୋମା ପ୍ରସ୍ତୁତିରେ ବ୍ୟବହୃତ ଅନ୍ୟ ସାମଗ୍ରୀ ଆଣି ଥିଲେ। ଏମାନେ ଏକାସଙ୍ଗେ ଅନେକ ସହରରେ ୨୬/୧୧ ଭଳି ଆକ୍ରମଣ କରିବାକୁ ଯୋଜନା କରିଥିଲେ। କେବଳ ବିସ୍ଫୋରଣ ନୁହେଁ, ଏକେ-୫୬, ୪୭ ଭଳି ରାଇଫଲରୁ ସାର୍ବଜନୀନ ସ୍ଥାନରେ ଗୁଳିଗୋଳା ମାଡ଼ କରି ଲୋକଙ୍କ ଜୀବନ ନେବାକୁ ଚାହୁଁଥିଲେ। ଆଖପାଖରେ ଡାକ୍ତରଖାନା ନ ଥିବା ଅଞ୍ଚଳକୁ ନିଶାଣ କରିବାକୁ ଯୋଜନା କରିଥିଲେ। ଲୋକଙ୍କୁ ସହଜରେ ହସ୍ପିଟାଲରେ ପହଞ୍ଚିବାକୁ ନ ଦେବା ପାଇଁ ଏପରି କରିଥିଲେ।

ଦିଲ୍ଲୀ, ଗୁରୁଗ୍ରାମ ଏବଂ ଫରିଦାବାଦ ନିଶାଣରେ ଥିଲା। ଦିଲ୍ଲୀର ଲାଲକିଲ୍ଲା, ଇଣ୍ଡିଆ ଗେଟ୍, କନ୍‌ଷ୍ଟିଚ୍ୟୁସନ କ୍ଲବ ଏବଂ ଗୌରୀ ଶଙ୍କର ମନ୍ଦିର ଭଳି ପ୍ରମୁଖ ସ୍ଥାନକୁ ଆକ୍ରମଣ ପାଇଁ ଆତଙ୍କବାଦୀ ବାଛି ଥିଲେ। ଏହା ବ୍ୟତୀତ ସାରା ଦେଶର ରେଳ ଷ୍ଟେସନ ଏବଂ ବଡ଼ ମଲ୍ ମଧ୍ୟ ଟାର୍ଗେଟରେ ଥିଲା। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଷଡ଼ଯନ୍ତ୍ର ଗତ ଜାନୁଆରୀରୁ ଆରମ୍ଭ ହୋଇଥିଲା। ଜେଇଏମ ସହ ଏହି ଆତଙ୍କବାଦୀଙ୍କ ସମ୍ପର୍କ ଥିଲା। ଧାର୍ମିକ ସ୍ଥଳରେ ଆକ୍ରମଣ କରି ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲା। ଏଥିପାଇଁ କଶ୍ମୀରର ପୁଲୱାମା, ସୋପିଆନ ଏବଂ ଅନନ୍ତନାଗର କିଛି ଡାକ୍ତରଙ୍କୁ ବାଛି ଥିଲେ।

ବିନା ସମସ୍ୟାରେ ଆକ୍ରମଣ ପାଇଁ ଏହି ପନ୍ଥା ଆପଣାଇ ଥିଲେ। ଆତଙ୍କବାଦୀମାନେ ଫରିଦାବାଦରେ ଦୁଇଟି ଘର ଭଡ଼ା ନେଇଥିଲେ। ପ୍ରଥମ ଠିକଣାଟି ଧୌଜ ଗ୍ରାମରେ ଥିଲା। ଏହା ଫଲାହ ବିଶ୍ୱବିଦ୍ୟାଳୟରୁ ମାତ୍ର ୩୦୦ ମିଟର ଦୂରରେ ରହିଛି। କୋଠା ତିଆରି ପାଇଁ ସାମଗ୍ରୀ ଯୋଗାଣ କରୁଥିବା ଇକବାଲ ଏହି ଆତଙ୍କବାଦୀମାନଙ୍କୁ ଘର ଦେଇଥିଲା। ତା ଘରୁ ୩୬୦ କେଜି ଆମୋନିୟମ ନାଇଟ୍ରେଟ, ରାଇଫଲ୍ସ ଏବଂ ଅନ୍ୟ ଅସ୍ତ୍ରଶସ୍ତ୍ର ମିଳିଥିଲା। ଏଠାରେ ଏକ ସିମେଣ୍ଟ ଗୋଦାମ ଥିଲା। କାହାର ସନ୍ଦେହ ନ ହେବା ପାଇଁ ବିସ୍ଫୋରକ ଏଠାରେ ରଖା ଯାଇଥିଲା। ସେହିପରି ଅନ୍ୟ ଠିକଣାଟି ଫତେହପୁର ଗ୍ରାମରେ ଥିଲା। ଏହା ବିଶ୍ୱବିଦ୍ୟାଳୟରୁ ତିନି କିମି ଦୂରରେ ରହିଥିଲା। ଏହା ନୁହ ବାସିନ୍ଦା ମୌଲବୀ ଇସ୍ତିୟାକର ଘର ଥିଲା। ଏଠାରୁ ୨୫୬୩ କେଜି ଆମୋନିୟମ ନାଇଟ୍ରେଟ ଜବତ କରାଯାଇଥିଲା। ଜାଣିଶୁଣି ମୁସଲିମ ବହୁଳ ଅଞ୍ଚଳରେ ଘର ଭଡ଼ା ନେଇ ଏହା ରଖାଯାଇଥିଲା। ଏହି ଘର ବାହାରେ ସିସିଟିଭି ଲାଗିଥିଲା। ମୌଲବୀର ଘର ହୋଇଥିବାରୁ ସନ୍ଦେହର କୌଣସି ଆଶଙ୍କା ନ ଥିଲା। କାରଣ ମୁସଲିମ ସମାଜ ମୌଲବୀଙ୍କ ଘରେ ଥିବା ଭଡ଼ାଟିଆଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖି ନ ଥାଏ।

## ତଦନ୍ତ ଆରମ୍ଭ କଲା ଏନ୍‌ଆଇଏ 'ସ୍ପେଶିଆଲ ୧୦'

ଏନଆଇଏ ବିସ୍ଫୋରଣର ତଦନ୍ତ ପାଇଁ 'ସ୍ପେଶିଆଲ ୧୦' ଅଧିକାରୀଙ୍କ ଏକ ଦଳ ଗଠନ କରିଛି। ଏଥିରେ ଜଣେ ଆଇଜି, ଦୁଇ ଜଣ ଡିଆଇଜି ଏବଂ ତିନି ଜଣ ଏସପି ସାମିଲ ଅଛନ୍ତି। ଅନ୍ୟମାନେ ଡିଏସ୍‌ପି ସ୍ତରୀୟ ଅଧିକାରୀ ଏହି ଦଳରେ ସାମିଲ ରହିଛନ୍ତି। ଏନଆଇଏ ଡିଜି ଏବଂ ଆଇବି ମୁଖ୍ୟ ମଧ୍ୟ ବୁଧବାର ଦିଲ୍ଲୀ ବିସ୍ଫୋରଣ ସମ୍ପର୍କରେ ଏକ ବୈଠକ କରିଥିଲେ ବୋଲି ଜଣାଯାଇଛି। ଏନଆଇଏ ଟିମ୍ ଆଜି ଜମ୍ମୁ-କାଶ୍ମୀର, ଦିଲ୍ଲୀ ଏବଂ ହରିୟାଣା ପୁଲିସଠାରୁ ଜୈସ ମଡ୍ୟୁଲୋ ସମ୍ବନ୍ଧିତ ସମସ୍ତ ମାମଲାର ପ୍ରମାଣପତ୍ର ନିଜ ହାତକୁ ନେଇପାରେ। ଏନ୍‌ଆଇଏ ଡିଜି ବିଜୟ ସାଖରେ ଏହି ଟିମ୍‌ର ନେତୃତ୍ୱ ନେଉଛନ୍ତି। ୧୯୯୬ ବ୍ୟାଚ୍‌ର ଏହି କେରଳ କ୍ୟାଡର ଅଧିକାରୀ ପୂର୍ବରୁ ଏନଆଇଏର ଆଇଜି ଥିଲେ। ଗତ ସେପ୍ଟେମ୍ବରରେ ସେ ଡିଜି ଭାବେ ଦାୟିତ୍ୱଗ୍ରହଣ କରିଥିଲେ।

## ପୀଡ଼ିତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ



ଭୁଟାନ ଗସ୍ତରୁ ଫେରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତିଙ୍କୁ ଭେଟିଛନ୍ତି। ସେ ଏଲଏନଜେପି ହସ୍ପିଟାଲକୁ ଯାଇ ଆହତମାନଙ୍କ ସହ କଥା ହୋଇଛନ୍ତି ଏବଂ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୋଦୀ ଡାକ୍ତରଙ୍କ ସହ କଥା ହୋଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବୁଝିଛନ୍ତି। ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ସମସ୍ତଙ୍କୁ ନ୍ୟାୟର କାଠଗଡ଼ାକୁ ଟଣାଯିବ ବୋଲି ମୋଦୀ କହିଛନ୍ତି।

## ଅନେକ ଅସମାହିତ ପ୍ରଶ୍ନ

ଲାଲକିଲ୍ଲା ବିସ୍ଫୋରଣର ତଦନ୍ତରୁ ଏ ପର୍ଯ୍ୟନ୍ତ ୪୨ରୁ ଅଧିକ ପ୍ରମାଣ ମିଳିଲାଣି। ଘଟଣାସ୍ଥଳରୁ ପ୍ରାୟ ୪୦ ନମୁନା ସଂଗ୍ରହ କରାଗଲାଣି। ତଥାପି ଅନେକ ଅସମାହିତ ପ୍ରଶ୍ନର ଉତ୍ତର ଖୋଜୁଛନ୍ତି ଯାଞ୍ଚ ଏଜେନ୍ସି। ଏଗୁଡ଼ିକ ମଧ୍ୟରେ ୨୬/୧୧ ତାରିଖରେ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା କି? ଏହି ବିସ୍ଫୋରଣର ମାଷ୍ଟରମାଇଣ୍ଡ କିଏ? ବିସ୍ଫୋରଣ ପଛରେ ବିଦେଶୀ ଶକ୍ତିର ହାତ ଅଛି କି? ସମ୍ପୂର୍ଣ୍ଣ ମଡ୍ୟୁଲୋ ଏବଂ ନେଟୱାର୍କ କେମିତି ପ୍ରସ୍ତୁତ ହୋଇଥିଲା? ଅଲ-ଫଲାହ ୟୁନିଭର୍ସିଟି ଷଡ଼ଯନ୍ତ୍ରର କେନ୍ଦ୍ର କେମିତି ପାଲଟି ଥିଲା? ଏତେ ବିସ୍ଫୋରକ ସଂଗ୍ରହ କରିବାର ପ୍ରକୃତ କାରଣ କ'ଣ ଥିଲା? ଏହି ଷଡ଼ଯନ୍ତ୍ର ବିଷୟରେ ସୁରକ୍ଷା ଏଜେନ୍ସିଗୁଡ଼ିକ ଜାଣିପାରିଲେ ନାହିଁ କେମିତି? ବିସ୍ଫୋରଣ ପୂର୍ବରୁ ତିନି ଘଣ୍ଟା ପର୍ଯ୍ୟନ୍ତ ଡ. ଉମର କାହିଁକି କାର୍‌ରେ ବସି ରହିଥିଲା? ସେ କାହାର ନିର୍ଦ୍ଦେଶକୁ ଅପେକ୍ଷା କରି ରହିଥିଲା କି? ନିର୍ଦ୍ଦେଶ ମିଳିବା ପରେ ବିସ୍ଫୋରଣ କରିଥିଲା କି? ଏହି କାର୍‌ରେ ବସିଥିବା ଅନ୍ୟ ଯାତ୍ରୀମାନେ କିଏ? ଏଭଳି ଅନେକ ପ୍ରଶ୍ନ ଉଙ୍କି ମାରୁଛି।

## ନାକେଦମ କଲା ନାଲିଆ କାର୍; ହରିୟାଣାରୁ ଜବତ

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଲାଲକିଲ୍ଲା ନିକଟରେ ସୋମବାର ହୋଇଥିବା ଭୟଙ୍କର ବିସ୍ଫୋରଣ ଏକ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣ ଥିଲା ବୋଲି ଦିଲ୍ଲୀ ପୁଲିସ ସ୍ପଷ୍ଟ କରିଛି। ଜୈସ-ଇ-ମହମ୍ମଦ (ଜେଇଏମ)ର ସ୍ଲିପର୍ ସେଲ୍ ଏହି ବିସ୍ଫୋରଣ ଘଟାଇ ଥିଲା। ପ୍ରଥମ ଥର ପାଇଁ ଆମୋନିୟମ୍ ନାଇଟ୍ରେଟ୍‌କୁ ଅସ୍ତ୍ର କରି ଏଭଳି ଆତ୍ମଘାତୀ ଆକ୍ରମଣ କରାଯାଇଥିଲା ବୋଲି କୁହାଯାଉଛି। ଏପରି ସମୟରେ ଆଉ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍‌ନାକୁ ଆସିଛି। ଲାଲ୍ ରଙ୍ଗର ଫୋର୍ଡ ଇକୋସ୍ପୋର୍ଟ ଗାଡ଼ିକୁ ନେଇ ଚେତାବନୀ ଜାରି କରାଯାଇଛି। ମୁଖ୍ୟ ଷଡ଼ଯନ୍ତ୍ରକାରୀ ଆତଙ୍କବାଦୀ ଡାକ୍ତର ଉମର-ଉନ-ନବି ପାଖରେ ଏହି କାର୍ ଥିଲା ବୋଲି ଜଣାପଡ଼ିଛି। ସେ ଧଳା ରଙ୍ଗର କାର ସହିତ ଏହି ଇକୋ ସ୍ପୋର୍ଟ କାର (ଡିଏଲ୧୦ସିକେ୦୪୫୮) ମଧ୍ୟ କିଣିଥିଲା। ଆଇ୨୦ ବିସ୍ଫୋରଣରେ ଜଳି ଯାଇଥିବାବେଳେ ଇକୋ ସ୍ପୋର୍ଟ କାର୍ କୁଆଡେ ଗଲା ବୋଲି କାହା ପାଖରେ କିଛି ଖବର ନ ଥିଲା। ଏହା ନବି ନାମରେ ମଧ୍ୟ ପଞ୍ଜିକୃତ ହୋଇଛି। ସେ ଏହି କାର୍‌ର ଦ୍ୱିତୀୟ ମାଲିକ। ଏହି କାର୍ ୨୦୧୭ ନଭେମ୍ବର ୨୨ରେ ରାଜୌରୀ ଗାର୍ଡେନ୍ ଆରଟିଓରେ ପଞ୍ଜିକୃତ ହୋଇଥିଲା। ଏହି କାର୍ ଭିତରେ ମଧ୍ୟ ବିସ୍ଫୋରକ ଥାଇପାରେ। ଏହାକୁ ଧରିବା ପାଇଁ ନେଇ ଦିଲ୍ଲୀ ବ୍ୟତୀତ ଉତ୍ତର ପ୍ରଦେଶ (ୟୁପି) ଏବଂ ହରିୟାଣା ପୁଲିସ ନାକେଦମ ହୋଇଛି। ଏହି କାର୍‌କୁ ହରିୟାଣାର ଖନ୍ଦାବଲି ଗ୍ରାମରୁ ଜବତ କରାଯାଇଛି। ଏହାର ଯାଞ୍ଚ ପାଇଁ ଘଟଣାସ୍ଥଳରେ ପୁଲିସ ଏବଂ ଏନଆଇଏ ଅଧିକାରୀ ପହଞ୍ଚିଛନ୍ତି। ଏହି ମାମଲାରେ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଛାନଭିନ କରୁଛି।ମଙ୍ଗଳବାରଠାରୁ କାର୍ ଏଠାରେ ଥିଲା ବୋଲି ସ୍ଥାନୀୟ ଅଧିବାସୀ କହିଛନ୍ତି।



## ବନ୍ଧୁତା: ଡାକ୍ତରରୁ ଆତଙ୍କବାଦୀ

କଶ୍ମୀର ପୁଲୱାମା ଜିଲ୍ଲା କୋଇଲ ଗ୍ରାମର ଦୁଇ ଯୁବକ ଡ. ମୁଜାମିଲ ଏବଂ ଡ. ଉମର ନବି ଏକାଠି ପଢ଼ି ଡାକ୍ତର ହୋଇଥିଲେ। ପରେ ଉଭୟରେ ହିଂସାର ମାର୍ଗକୁ ଆପଣାଇ ଆତଙ୍କବାଦୀ ପାଲଟି ଯାଇଥିଲେ। ଉଭୟଙ୍କ ଘର ମଧ୍ୟରେ ଦୂରତା କେବଳ ୮୦୦ ମିଟର। ଏହି ଚରମପନ୍ଥୀ କାର୍ଯ୍ୟ ପାଇଁ ମୁଜାମିଲକୁ ଗିରଫ ହୋଇଛି। ବିସ୍ଫୋରଣରେ ଉମର ପ୍ରାଣ ହରାଇଥିବା କୁହାଯାଉଛି। ଏବେ ଗାଁରେ ଉମରଙ୍କ ପରିବାର ଶୋକରେ ବୁଡି ରହିଛି। ଶେଷ ଥର ପାଇଁ ଗତ ଶୁକ୍ରବାର ଉମର ପରିବାର ଲୋକଙ୍କ ସହ କଥା ହୋଇଥିଲା। ଆଜି ଉମର ପାଇଁ ଆମେ ଲଜ୍ଜିତ ବୋଲି ଗ୍ରାମବାସୀ କହୁଛନ୍ତି। ଏହି ବିସ୍ଫୋରଣ ମାମଲାର ୮ ଜଣ ଗିରଫ ହେଲେଣି। ଏମାନଙ୍କ ମଧ୍ୟରୁ ୭ ଜଣ କଶ୍ମୀରର ବାସିନ୍ଦା। ସେମାନେ ହେଲେ ନୌଗାମର ଆରିଫ ନିସାର ଡାର ଓରଫ ସାହିଲ, ୟାସିର-ଉଲ-ଅସରଫ, ମକସୁଦ ଅହମ୍ମଦ ଡାର ଓରଫ ସାହିଦ, ସୋପିଆନର ମୌଲବୀ ଇର୍ଫାନ ଅହମ୍ମଦ, ଗାନ୍ଦେରବାଲର ଜମିର ଅହମ୍ମଦ ଅହଙ୍ଗର ଓରଫ ମୁତାଲିସ, ପୁଲୱାମାର ଡ. ମୁଜାମିଲ ଅହମ୍ମଦ ଗନି ଓରଫ ମୌସବୀ ଏବଂ କୁଲଗାମର ଡ. ଆଦିଲ। ସେହିପରି ଲକ୍ଷ୍ନୌର ସାହିନ ସୈୟିଦ ସାମିଲ ରହିଛି।

## ଅଷ୍ଟ୍ରେଲିଆ ଯିବାକୁ ଚାହୁଁଥିଲା ଡ. ସାହିନ୍

ବିସ୍ଫୋରଣର ଅନ୍ୟତମ ଅଭିଯୁକ୍ତ ଡ. ସାହିନ ଆହ୍ଲାବାଦ ମେଡିକାଲ କଲେଜରୁ ଏମବିବିଏସ କରିବା ପରେ କାନପୁର ମେଡିକାଲ କଲେଜରେ ସହାୟକ ପ୍ରାଧ୍ୟାପିକା ଥିଲା। ୨୦୨୧ରେ ସେ ସେଠାରୁ ଗାଏବ ହୋଇ ମୁଜାମିଲ ସମ୍ପର୍କରେ ଆସିଥିଲା। ପରେ ପାକିସ୍ତାନୀ ଆତଙ୍କବାଦୀଙ୍କ ନିର୍ଦ୍ଦେଶରେ ମହିଳାଙ୍କୁ ଚରମପନ୍ଥୀ କାର୍ଯ୍ୟକଳାପରେ ସାମିଲ କରୁଥିଲା। ସେ ଅଲ-ଫଲାହ ବିଶ୍ୱବିଦ୍ୟାଳୟରେ ଜୁନିଅର ଡାକ୍ତରଙ୍କ ବ୍ରେନ ୱାସ୍ କରୁଥିଲା। ଏହି ବିଶ୍ୱବିଦ୍ୟାଳୟ ବ୍ରେନ୍ ୱାସର କେନ୍ଦ୍ର ପାଲଟି ଯାଇଥିଲା। ୪୫ ବର୍ଷୀୟା ସାହିନ ୩୬ ବର୍ଷୀୟ ଡ. ମୁଜାମିଲକୁ ପ୍ରେମ କରୁଥିଲା। ଉଭୟେ ପ୍ରାୟତଃ ସବୁବେଳେ ଏକାଠି ଭୋଜନ କରୁଥିଲେ। ସେହିପରି ସାହିନର ପୂର୍ବତନ ସ୍ୱାମୀ ଡ. ହୟାତ ଜାଫର ବଡ଼ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଥମେ ସାହିନ ଚରମପନ୍ଥୀ ନ ଥିଲା। ସେ ଉଦାରବାଦୀ ଥିଲା। ଦୁଇ ପିଲା ଏବଂ ପରିବାର ସହ ସେ ଅଷ୍ଟ୍ରେଲିଆ କିମ୍ବା ୟୁରୋପରେ ଯାଇ ରହିବାକୁ ଚାହୁଁଥିଲା। କିନ୍ତୁ ଦମ୍ପତି ୨୦୧୨ରେ ଅଲଗା ହୋଇ ଯାଇଥିଲେ।

## ଷଡ଼ଯନ୍ତ୍ରର ପ୍ରମୁଖ କେନ୍ଦ୍ର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ

ଦିଲ୍ଲୀ ବିସ୍ଫୋରଣରେ ସାମ୍‌ନାକୁ ଆସିଥିବା ଅଭିଯୁକ୍ତଙ୍କ ସମ୍ବନ୍ଧ ଫରିଦାବାଦର ଅଲ୍-ଫଲାହ ୟୁନିଭର୍ସିଟି ସହ ରହିଛି। ଏ ପର୍ଯ୍ୟନ୍ତ ମାମଲାରେ ୭ ଡାକ୍ତରଙ୍କ ନାମ ସାମ୍‌ନାକୁ ଆସିଲାଣି। ପରସ୍ପର ସହ ଏମାନଙ୍କର କୌଣସି ନା କୌଣସି ସମ୍ବନ୍ଧ ଥିବା ଜଣାପଡ଼ିଛି। ବିସ୍ଫୋରଣ ଦିନ କାର୍ ଚଳାଉଥିବା ଡ. ଉମର ଉନ ନବି ପ୍ରାଣ ହରାଇଥିବା କୁହାଯାଉଛି। ସେହିପରି ଏ ପର୍ଯ୍ୟନ୍ତ ଏହି ମାମଲାରେ ୬ ଡାକ୍ତରଙ୍କୁ ଗିରଫ କରାଗଲାଣି। ଜଣେ ଏବେ ବି ଫେରାର ରହିଛି। ଏପରି ସମୟରେ ଅଲ-ଫଲାହ ୟୁନିଭର୍ସିଟିର ଚାନ୍‌ସେଲର ମଧ୍ୟପ୍ରଦେଶରୁ ଦିଲ୍ଲୀ ଯାଇଥିବା ଜଣାପଡ଼ିଛି। ସେ ହିଁ ଏହି କଲେଜ ଖୋଲିଥିଲା ଏବଂ ନିଜେ ଚାନ୍‌ସେଲର ହୋଇଥିଲା।

ଫରିଦାବାଦ ଆତଙ୍କବାଦୀ ମଡ୍ୟୁଲ୍ ପର୍ଦ୍ଦାଫାସ୍ ହେବା ପରେ ଅଲ୍-ଫଲାହ ବିଶ୍ୱବିଦ୍ୟାଳୟ ସୁରକ୍ଷା ଏଜେନ୍ସିଙ୍କ ରାଡାରରେ ରହିଛି। ବିଶ୍ୱବିଦ୍ୟାଳୟ ସହ ଜଡିତ ତିନି ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପୂର୍ବରୁ ଗିରଫ କରାଯାଇଥିବା ବେଳେ ସେମାନଙ୍କଠାରୁ ବିପୁଳ ପରିମାଣରେ ବିସ୍ଫୋରକ ଜବତ କରାଯାଇଛି। ଆଜି ଏନଆଇଏ ଅଧିକାରୀ ଏହି ବିଶ୍ୱବିଦ୍ୟାଳୟକୁ ଯାଇ ଯାଞ୍ଚ କରିଛନ୍ତି। ଦିଲ୍ଲୀ କାର୍ ବୋମା ବିସ୍ଫୋରଣର ସମସ୍ତ ଷଡ଼ଯନ୍ତ୍ର ଫରିଦାବାଦର ଅଲ୍-ଫଲାହ ବିଶ୍ୱବିଦ୍ୟାଳୟର ୧୭ ନମ୍ବର ବିଲ୍ଡିଂର ୧୩ ନମ୍ବର ରୁମ୍‌ରେ କରା ଯାଇଥିଲା। ୧୭ ନମ୍ବର ବିଲ୍ଡିଂର ତୃତୀୟ ମହଲାରେ ଥିବା ଏହି ରୁମ୍ ଡାକ୍ତର ମୁଜାମିଲ ନାମରେ ଆବଣ୍ଟିତ ହୋଇଥିଲା। କିନ୍ତୁ ଏହି ରୁମ୍‌ରେ ଉମର ରହୁଥିଲା। ଉମରକୁ ପାଖରେ ଏକ କୋଠରୀ ଦିଆଯାଇଥିଲେ ବି ସେ ନିଜ ରୁମ୍‌ରେ ରହୁ ନ ଥିଲା। ଜମ୍ମୁ-କଶ୍ମୀର ପୁଲିସ, ହରିୟାଣା ପୁଲିସ ଏବଂ ଏନଆଇଏ ଏ ସମ୍ପର୍କରେ ପୁନର୍ବାର ବିଶ୍ୱବିଦ୍ୟାଳୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନଙ୍କୁ ପଚରାଉଚରା କରିଛି। ବାହାରୁ ତାଲା ପଡ଼ିଥିବାରୁ ଏଟିଏସ ତୃତୀୟ ମହଲାରେ ଥିବା ଡାକ୍ତର ମୁଜାମିଲ ଏବଂ ଉମର ରୁମ୍‌ର କବାଟ ଭାଙ୍ଗି ତଲାସୀ ନେଇଥିଲା। ଏହି ଟିମ୍ ଦୁଇ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଯାଞ୍ଚ କରିଥିଲା। ଏଠାରୁ ବିଭିନ୍ନ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଥିବା ସୂଚନା ମିଳିଛି।




## ବ୍ରେନୱାସ କରୁଥିଲା ମୌଲବୀ ଇର୍ଫାନ

ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର୍ ବୋମା ବିସ୍ଫୋରଣର ଲିଙ୍କ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ସହ ରହିଥିବା କୁହାଯାଉଛି। ଭାରତରେ ଆତଙ୍କବାଦୀ ଆକ୍ରମଣ ପାଇଁ ତିନିରୁ ଚାରି ମାସ ହେଲା ଏଠାରେ ଷଡ଼ଯନ୍ତ୍ର କରାଯାଉଥିଲା। ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ଏବଂ ଲସ୍କର-ଇ-ତୋଏବା ଏଥିରେ ସାମିଲ ଥିଲା। ପିଓକେରେ ଆତଙ୍କବାଦୀଙ୍କୁ ଇଣ୍ଟରସେପ୍ଟ କରି ସୁରକ୍ଷା ଏଜେନ୍ସି ଏହା ଜାଣିବାକୁ ପାଇଛି। ସୁରକ୍ଷା ଏଜେନ୍ସିଗୁଡିକର ସୂଚନା ଅନୁଯାୟୀ, ଜେଇଏମର ମହିଳା ଶାଖା ଅକ୍ଟୋବର ମାସରୁ ଭାରତରେ ସକ୍ରିୟ ଥିଲା। ଯୁବତୀମାନଙ୍କୁ ବ୍ରେନ ୱାସ କରିବା ସେମାନଙ୍କର ଲକ୍ଷ୍ୟ ଥିଲା। ଫରିଦାବାଦରେ ଗିରଫ ହୋଇଥିବା ତିନି ଜଣ ଡାକ୍ତର ଏହି ମଡ୍ୟୁଲୋର ଅଂଶ ଥିଲେ।



ଦିଲ୍ଲୀ ବିସ୍ଫୋରଣର ଷଡ଼ଯନ୍ତ୍ର କଶ୍ମୀରର ନୌଗାମରୁ ଆରମ୍ଭ ହୋଇଥିଲା। ମାମଲାର ତଦନ୍ତ ସମୟରେ ପୁଲିସ ମୌଲବୀ ଇର୍ଫାନ ଅହମ୍ମଦ ପାଖରେ ପହଞ୍ଚିଥିଲା। ସେ ହିଁ ଡାକ୍ତରମାନଙ୍କ ବ୍ରେନ୍ ୱାସ୍ କରିଥିଲା। ଡାକ୍ତରଙ୍କୁ ବିସ୍ଫୋରଣ ପାଇଁ ସେ ଉସୁକାଇ ଥିଲା। ଶ୍ରୀନଗରର ସରକାରୀ ମେଡିକାଲ କଲେଜରେ କାମ କରୁଥିବାବେଳେ ସେ ସବୁ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗରେ ଥିଲା। ଇର୍ଫାନ ନୌଗାମ ମସ୍‌ଜିଦର ଇମାମ ମଧ୍ୟ ଥିଲା। ସେ ଜେଇଏମ ଦ୍ୱାରା ପ୍ରଭାବିତ ହୋଇଥିଲା। ସେ ଛାତ୍ରଛାତ୍ରୀଙ୍କୁ ଚରମପନ୍ଥୀଙ୍କ ଭିଡିଓ ଦେଖାଉ ଥିଲା। ଆଫଗାନିସ୍ତାନ ସହ ଇର୍ଫାନର ଲିଙ୍କ ଥିଲା। ଭଏସ ଓଭର ଇଣ୍ଟରନେଟ ପ୍ରୋଟୋକଲରେ ସେ ଅନ୍ୟ ଆତଙ୍କବାଦୀଙ୍କସହ କଥା ହେଉଥିଲା। ଇର୍ଫାନ ଏହି ମଡ୍ୟୁଲୋର ମାଷ୍ଟରମାଇଣ୍ଡ ଥିଲା। ଡ. ମୁଜାମିଲ ଏବଂ ଉମରକୁ ତାକୁ କାମରେ ସହାୟତା କରୁଥିଲେ। ସାହିନ କେବଳ ଦୁଇ ଥର ସହାୟତା କରିଥିଲା। ଟେଲିଗ୍ରାମ ଏବଂ ଥ୍ରିମାରେ ଇର୍ଫାନର ଆକାଉଣ୍ଟ ଥିଲା। ସେ ଏହା ମାଧ୍ୟମରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିଲା। ଏଥିପାଇଁ ତାକୁ ପାକିସ୍ତାନରୁ ପାଣ୍ଠି ମିଳୁଥିଲା।

ସୂତ୍ରରୁ ଜଣାପଡ଼ିଛି ଯେ ଅଗଷ୍ଟ ଏବଂ ଅକ୍ଟୋବର ମଧ୍ୟରେ ପିଓକେରେ ବିଭିନ୍ନ ଆତଙ୍କବାଦୀ ଗୋଷ୍ଠୀର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜମାତ-ଇ-ଇସଲାମି ଏବଂ ଆଇଏସଆଇର ବରିଷ୍ଠ ଅଧିକାରୀ ସାମିଲ ହୋଇ ପୁରୁଣା ନେଟୱର୍କକୁ ସକ୍ରିୟ କରିବା ପାଇଁ କହିଥିଲେ।

## କଳା ସାମ୍ରାଜ୍ୟର କଳାକାର

ଦିଲ୍ଲୀ ବିସ୍ଫୋରଣ ଚେର ମଧ୍ୟପ୍ରଦେଶ ମହୁ ପର୍ଯ୍ୟନ୍ତ ଲମ୍ବି ଯାଇଛି। ମୁଖ୍ୟ ଅଭିଯୁକ୍ତ ଡ. ଓମର ନବି ଫରିଦାବାଦର ଯେଉଁ ବିଶ୍ୱବିଦ୍ୟାଳୟରେ ପଢୁଥିଲା ତାହାର ଅଧ୍ୟକ୍ଷ ଜବାଦ ଅହମ୍ମଦ ସିଦ୍ଦିକ ମଧ୍ୟପ୍ରଦେଶ ମହୁର ମୂଳ ବାସିନ୍ଦା। ଯାଞ୍ଚରୁ ଜଣାପଡ଼ିଛି ଯେ ଜବାଦ ପ୍ରଥମେ ଅଲ-ଫଲାହ ନାମରେ ଏକ ନିବେଶ କମ୍ପାନୀ ଖୋଲିଥିଲା। ସେ ଏହା ମାଧ୍ୟମରେ ଅଧିକ ଲାଭର ଲୋଭ ଦେଖାଇ ଲୋକଙ୍କୁ ଠକିଥିଲା। ପରେ ୨୦୦୧ରେ ଆର୍ଥିକ ଠକେଇରେ ଫସିବାରୁ ପରିବାର ସହିତ ଦିଲ୍ଲୀ ପଳାଇ ଆସିଥିଲା। ଫରିଦାବାଦରେ ଏକ ମହାବିଦ୍ୟାଳୟ (କଲେଜ) ଖୋଲିଥିଲା। ପରେ ଏହାକୁ ବିଶ୍ୱବିଦ୍ୟାଳୟରେ ପରିଣତ କରି ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଥିଲା। ମହୁର ଅତିରିକ୍ତ ଏସ୍‌ପି ରୁପେଶ ଦ୍ୱିବେଦୀ କହିଛନ୍ତି ଯେ ଜବାଦ ଏବଂ ତା ପରିବାରର ପୁରୁଣା ରେକର୍ଡ ଯାଞ୍ଚ କରାଯାଉଛି। ସେ ପ୍ରାୟ ୨୫ ବର୍ଷ ତଳେ ମହୁର କାୟସ୍ଥ ଅଞ୍ଚଳରେ ରହୁଥିଲା। ତାର ଦୁଇ ଭାଇ ଏଠାରେ ପଢିଛନ୍ତି। ବାପା ମହମ୍ମଦ ହମାଦ ସିଦ୍ଦିକି ମହୁ ସହରରେ କାଜି ଅଛନ୍ତି। ଜବାଦର ସାବତ ଭାଇ ଅଫାମ ହତ୍ୟା ମାମଲାରେ ଜେଲ୍ ଯାଇଛି। ମହୁ ସ୍ଥିତ ଘରେ ତା ପରିବାରର କୌଣସି ସଦସ୍ୟ ରହୁନାହାନ୍ତି। ମୁଖ୍ୟ ଫାଟକରେ ତାଲା ଲାଗିଛି। ସାମାଜିକ ଗଣମାଧ୍ୟମରୁ ଜବାଦ ବିଷୟରେ ସୂଚନା ମିଳିଥିଲା। ଏବେ ତାହାର ତଦନ୍ତ ଜାରି ରହିଛି।



## ଜମ୍ମୁ-କଶ୍ମୀରରୁ ବରଖାସ୍ତ; ଅଲ-ଫଲାହରେ ନିଯୁକ୍ତି

ଦିଲ୍ଲୀ ବିସ୍ଫୋରଣ ଷଡ଼ଯନ୍ତ୍ରର ପ୍ରମୁଖ କେନ୍ଦ୍ର ପାଲଟି ଥିବା ଅଲ-ଫଲାହ ବିଶ୍ୱବିଦ୍ୟାଳୟର ଗୋଟିଏ ପରେ ଗୋଟିଏ କଳାକାରନାମା ସାମ୍‌ନାକୁ ଆସିବାରେ ଲାଗିଛି। ଯାଞ୍ଚ ଏଜେନ୍ସି ରାଡାରରେ ଥିବା ଏହି ବିଶ୍ୱବିଦ୍ୟାଳୟର ଜଣେ ପ୍ରାଧ୍ୟାପକ ଏବେ ଫେରାର ରହିଛି। ତାଙ୍କ ନାମ ଡ. ନାସିର-ଉଲ-ହାସନ। ପୂର୍ବରୁ ମଧ୍ୟ ସେ ବିବାଦରେ ଥିଲେ। ଆତଙ୍କବାଦୀ ସଂଗଠନ ସହ ଲିଙ୍କ୍ ଯୋଗୁଁ ଜମ୍ମୁ-କଶ୍ମୀର ସରକାର ତାକୁ ୨୦୨୩ରେ ବରଖାସ୍ତ କରି ଦେଇଥିଲେ। କିନ୍ତୁ ଏହି ପ୍ରାଧ୍ୟାପକକୁ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ନିଯୁକ୍ତି ଦେଇଥିଲା। ସେ ମେଡିସନ ବିଭାଗର ପ୍ରାଧ୍ୟାପକ ପାଲଟି ଥିଲା। ସେ ଏଠାରେ ଡାକ୍ତରମାନଙ୍କ ମାଇଣ୍ଡ ୱାସ୍ କରୁଥିବା କୁହାଯାଉଛି।

## ପାକିସ୍ତାନ ଛାଡ଼ିବେ ଶ୍ରୀଲଙ୍କା ଖେଳାଳି

କଲମ୍ବୋ, ୧୨।୧୧(ଏଜେନ୍ସି): ପାକିସ୍ତାନରେ ବୋମା ବିସ୍ଫୋରଣ ପରେ ଘରୋଇ ଦଳ ସହ ଦିନିକିଆ ସିରିଜ୍ ଖେଳୁଥିବା ଶ୍ରୀଲଙ୍କାର କ୍ରିକେଟ ଖେଳାଳିମାନେ ଜୀବନ ଭୟରେ ସ୍ୱଦେଶ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ୬ଜଣ ଖେଳାଳି ତୁରନ୍ତ ପାକିସ୍ତାନ ଛାଡ଼ିବାକୁ ଶ୍ରୀଲଙ୍କା କ୍ରିକେଟ ସଂଘକୁ ନିବେଦନ କରିଛନ୍ତି। ଗତକାଲି ପାକିସ୍ତାନର ରାୱଲପିଣ୍ଡିରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୨ ଜଣ ମୃତ୍ୟୁବରଣ କରିଥିଲେ ଓ ୨୭ ଜଣ ଆହତ ହୋଇଥିଲେ। ଏହା ସତ୍ତ୍ୱେ ରାୱଲପିଣ୍ଡିରେ ପ୍ରଥମ ଦିନିକିଆ ଆୟୋଜିତ ହୋଇଥିଲା ଓ ପାକିସ୍ତାନ ଏହାକୁ ୬ ରନ୍‌ରେ ଜିତିଥିଲା। କିନ୍ତୁ ଆଜି ଖେଳାଳିମାନେ ସ୍ୱଦେଶ ଫେରିଯିବାକୁ କହିବା ପରେ ଶ୍ରୀଲଙ୍କା କ୍ରିକେଟର ସଭାପତି ସାମି ସିଲ୍‌ଭା କିଛି ନିଷ୍ପତ୍ତି ନେଇପାରି ନାହାନ୍ତି। ସେମାନଙ୍କ ବଦଳରେ ନୂଆ ଖେଳାଳିଙ୍କୁ ପାକିସ୍ତାନ ପଠାଯିବ ବୋଲି ଶ୍ରୀଲଙ୍କା କ୍ରିକେଟ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ଆୟୋଜନ ନେଇ ସନ୍ଦେହ ପ୍ରକାଶ ପାଇଛି।

## ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ | ହିନ୍ଦୀ କହିବାକୁ ବାଧ୍ୟ କରିପାରିବେନି

ନୂଆଦିଲ୍ଲୀ, ୧୨।୧୧ (ଏଜେନ୍ସି): ଦିଲ୍ଲୀରେ କେରଳର ଦୁଇ ଛାତ୍ରଙ୍କୁ ମାଡ଼ ମାରିବା ଉପରେ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। କୋର୍ଟ ଏହାକୁ ନେଇ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜଷ୍ଟିସ ସଞ୍ଜୟ କୁମାର ଏବଂ ଜଷ୍ଟିସ ଆଲୋକ ଅରାଧେଙ୍କ ଖଣ୍ଡପୀଠ କହିଛନ୍ତି ଯେ ଆମେ ଗୋଟିଏ ଦେଶର ବାସିନ୍ଦା। ହିନ୍ଦୀ କହିବାକୁ କାହାରିକୁ ବାଧ୍ୟ କରାଯାଇପାରିବ ନାହିଁ। ଲୁଙ୍ଗିର ଉପହାସ ଉଡ଼ାଇବାକୁ ବରଦାସ୍ତ କରାଯିବ ନାହିଁ। ଏଭଳି ସାଂସ୍କୃତିକ ଏବଂ ଜାତିଗତ ଭେଦଭାବ ମାମଲାକୁ ନେଇ କେନ୍ଦ୍ର ସରକାର ଗମ୍ଭୀର ହେବା ଉଚିତ। ଦେଶରେ ସାଂସ୍କୃତିକ ଏବଂ ଜାତିଗତ ଭେଦଭାବକୁ ନେଇ ଲୋକଙ୍କୁ ନିଶାଣ କରିବା ଅତ୍ୟନ୍ତ ଦୁଃଖର ବିଷୟ। ଆମ ଦେଶରେ ଲୋକେ ବିଭିନ୍ନତାରେ ଏକତାର ସହ ରହୁଛନ୍ତି। ଏଭଳି ମାମଲା ଉପରେ ସରକାର ଦୃଷ୍ଟିଦେବା ଉଚିତ। ଖଣ୍ଡପୀଠ ଏହି ଟିପ୍ପଣୀ ଦେବା ସମୟରେ ଦିଲ୍ଲୀରେ ଜଣେ ବ୍ୟକ୍ତିଙ୍କ ସହ ହୋଇଥିବା ଘଟଣା ବିଷୟରେ ଉଲ୍ଲେଖ କରିଥିଲେ। ଏଥିରେ ଜଣେ ଛାତ୍ରଙ୍କୁ ହିନ୍ଦୀ କହିବାକୁ ବାଧ୍ୟ କରାଯାଇଥିଲା। ଲୁଙ୍ଗି ପିନ୍ଧିଥିବାରୁ ଛାତ୍ରଙ୍କୁ ଉପହାସ କରାଯାଇଥିଲା। ଲାଲକିଲ୍ଲା ନିକଟରେ ଏଭଳି ହୋଇଥିଲା। ଉଭୟ ଛାତ୍ର ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଜାକିର ହୁସୈନ କଲେଜର ପ୍ରଥମ ବର୍ଷର ଛାତ୍ର ଥିଲେ। ଉଭୟଙ୍କୁ ପୁଲିସ ଏବଂ ସ୍ଥାନୀୟ ଲୋକ ବାଡ଼େଇ ଥିଲେ।

ସୁପ୍ରିମକୋର୍ଟ ୨୦୧୫ର ଏକ ଆବେଦନ ଉପରେ ମଙ୍ଗଳବାର ଶୁଣାଣି କରିଥିଲେ। ଦିଲ୍ଲୀରେ ଅରୁଣାଚଳ ପ୍ରଦେଶର ଛାତ୍ର ନିଡୋ ତାନିଆଙ୍କ ମୃତ୍ୟୁ ପରେ ଏହି ଆବେଦନ ଦାଏର କରାଯାଇଥିଲା। ସେତେବେଳେ କେନ୍ଦ୍ରକୁ ଏକ କମିଟି ଗଠନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଜାତିଗତ ଆକ୍ଷେପ, ଅତ୍ୟାଚାର ଏବଂ ହିଂସା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କୋର୍ଟ ଏହି କମିଟିକୁ ଅଧିକାର ଦେଇଥିଲେ। ଏହା ସହିତ ଏଭଳି ମାମଲା ରୋକିବା ପାଇଁ ଉପାୟ ସୁପାରିସ କରିବାକୁ କହିଥିଲେ।

## କଙ୍ଗନାଙ୍କ ବିରୋଧରେ ଚାଲିବ ଦେଶଦ୍ରୋହ ମାମଲା

ଆଗ୍ରା, ୧୨।୧୧ (ଏଜେନ୍ସି): ଆଗ୍ରାରେ ବିଜେପି ସାଂସଦ ତଥା ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ଉପରେ ଚାଷୀଙ୍କୁ ଅପମାନିତ ଏବଂ ଦେଶଦ୍ରୋହ ମାମଲା ଚାଲିବ। କଙ୍ଗନାଙ୍କ ବିରୋଧରେ ଦାଏର ସମୀକ୍ଷା ଆବେଦନକୁ ସ୍ୱୀକାର କରି ଏମପି/ଏମଏଲଏ କୋର୍ଟର ବିଚାରପତି ଲୋକେଶ କୁମାର ଏଥିପାଇଁ ଅନୁମତି ଦେଇଛନ୍ତି। ଯେଉଁ ନିମ୍ନ କୋର୍ଟ କଙ୍ଗନାଙ୍କ ମାମଲାକୁ ଖାରଜ କରିଥିଲେ, ସେହି କୋର୍ଟରେ ଏହାର ଶୁଣାଣି ହେବ। ଏହା ପୂର୍ବରୁ ଗତ ୧୦ ତାରିଖରେ କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣି ରାୟକୁ ସଂରକ୍ଷିତ ରଖିଥିଲେ। ଏବେ କଙ୍ଗନାଙ୍କ ବିରୋଧରେ ବିଏନଏସର ଧାରା ୩୫୬ ଏବଂ ୧୫୨ ଅଧିନରେ ମାମଲା ଚାଲିବ।

## ହସ୍ପିଟାଲରୁ ଛାଡ଼ ପାଇଲେ ଧର୍ମେନ୍ଦ୍ର, ଗୋବିନ୍ଦା

ମୁମ୍ବଇ, ୧୨।୧୧ (ଏଜେନ୍ସି): ଅଭିନେତା ଧର୍ମେନ୍ଦ୍ର ଏବଂ ଗୋବିନ୍ଦାଙ୍କୁ ସୋମବାର ସକାଳେ ହସ୍ପିଟାଲରୁ ଘରକୁ ପଠାଇ ଦିଆଯାଇଛି। ଧର୍ମେନ୍ଦ୍ର ମୁମ୍ବଇର ବ୍ରିଚ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେ ଘରେ ତାଙ୍କ ଚିକିତ୍ସା କରାଇବାକୁ ପରିବାର ସଦସ୍ୟ ନିଷ୍ପତ୍ତି ନେଇଛନ୍ତି। ଧର୍ମେନ୍ଦ୍ରଙ୍କ ଡାକ୍ତର ପ୍ରତୀତ ସମଦାନି ଏହି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଘରେ ଚେତା ହରାଇବା ପରେ ମଙ୍ଗଳବାର ରାତିରେ ମୁମ୍ବଇର କ୍ରିଟିକେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସକାଳେ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିବା ପରେ ତାଙ୍କୁ ଘରକୁ ପଠାଇ ଦିଆଯାଇଛି। ବେଶୀ ବ୍ୟାୟାମ କରିଥିବାରୁ ଏପରି ହେଲା ବୋଲି ଗୋବିନ୍ଦା ସାମାଜିକ ଗଣମାଧ୍ୟମରେ ଜଣାଇଛନ୍ତି।

# ଓଠ ଚାରିପଟେ କଳାଦାଗ

ଓଠ ମୁହଁର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ । ହେଲେ ଅନେକ ସମୟରେ ଓଠ ଚାରିପଟେ କଳାଦାଗ ପଡ଼ି ମୁହଁ ଅସୁନ୍ଦର ଦେଖାଯାଏ । ଏହି ସମସ୍ୟା ବିଶେଷ କରି ମହିଳା ଓ ଯୁବତୀଙ୍କ ଠାରେ ଦେଖିବାକୁ ମିଳିଥାଏ । କିନ୍ତୁ କିଛି ଘରୋଇ ଉପାୟ ତଥା ଠିକ୍ ଦେଖାଶୁଣା କଲେ ଏହି ସମସ୍ୟା ଦୂର ହୋଇପାରିବ ।



### ଲେମ୍ବୁ ଓ ମହୁ

ଲେମ୍ବୁ ଓ ମହୁ ମିଶାଇ ଲଗାଇଲେ ଏହି ଦାଗ ସମସ୍ୟା ଦୂର ହୋଇଥାଏ । ଲେମ୍ବୁରେ ପ୍ରାକୃତିକ ବ୍ଲିଚିଂଗୁଣ ରହିଥାଏ । ସେହିପରି ମହୁ ତ୍ୱଚାକୁ ମଏଶ୍ଚରାଇଜ୍ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ପ୍ରତିଦିନ ରାତିରେ ଲେମ୍ବୁରସରେ ମହୁ ମିଶାଇ ଓଠର ଚାରିକଡ଼େ ଲଗାଇପାରିବେ । ଏହାକୁ ୧୫-୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏପରି କଲେ ଧୀରେ ଧୀରେ କଳାଦାଗ ଦୂର ହୋଇଥାଏ ।

### ଘିକୁଆଁରୀ



ଘିକୁଆଁରୀ ଜେଲ୍ ତ୍ୱଚାକୁ ଆର୍ଦ୍ର ଓ ଥଣ୍ଡା ରଖିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍ ରହିଥାଏ । ତେଣୁ ଏହା ବ୍ୟବହାର କରିବା ଦ୍ୱାରା ତ୍ୱଚା ପୂର୍ନଗଠିତ ହୋଇଥାଏ । ସତେଜ ଘିକୁଆଁରୀକୁ ଓଠ ଚାରିପଟେ ଲଗାଇ ହାଲୁକା ହାତରେ ମସାଜ୍ କରନ୍ତୁ । ଏହାକୁ ରାତିରେ ଲଗାଇ ସକାଳେ ଧୋଇ ଦିଅନ୍ତୁ । ଏହାଦ୍ୱାରା ଓଠ କଳାଦାଗ ଦୂର ହୋଇଥାଏ ।

# କପଡ଼ା ବ୍ୟାଗ୍ ମାଧ୍ୟମରେ ପରିବେଶ ସଚେତନତା ବାର୍ତ୍ତା



ପଲିଥିନ୍ ଉଭୟ ପରିବେଶ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇଥାଏ । ଏହା ବର୍ଷ ବର୍ଷ ଧରି ଭୂମିରେ ପଡ଼ି ରହି ମାଟିର ଉର୍ବରତା ହ୍ରାସ କରିଥାଏ । ଏହାଦ୍ୱାରା ଜଳନିଷ୍କାସନ ବାଧାପ୍ରାପ୍ତ ହେବା ସହ ପରିବେଶ ପ୍ରଦୂଷିତ ହୋଇଥାଏ । ତେଣୁ ପଲିଥିନ୍ ମୁକ୍ତ ପରିବେଶ ପାଇଁ ମଧ୍ୟପ୍ରଦେଶ ବୁର୍‌ହାନ୍‌ପୁର ଜିଲ୍ଲା ଶାହପୁରର ମହିଳାମାନେ ଏକ ନୂତନ ପଦକ୍ଷେପ ହାତକୁ ନେଇଛନ୍ତି । ଏହା ଅନୁଯାୟୀ ମହିଳାମାନେ ସୂତା କପଡ଼ାରେ ଭଳିକି ଭଳି ବ୍ୟାଗ୍ ପ୍ରସ୍ତୁତ କରି ସ୍ଥାନୀୟ ଅଞ୍ଚଳରେ ବାଣ୍ଟିବା ସହ ପଲିଥିନ୍ ମୁକ୍ତ ପରିବେଶ ପାଇଁ ସଚେତନତା ବାର୍ତ୍ତା ଦେଉଛନ୍ତି ।

### ପଲିଥିନ୍ ବଦଳରେ କପଡ଼ା

ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ମିଳିତ ହୋଇ ଏହି ବ୍ୟାଗ୍ ପ୍ରସ୍ତୁତି ପଦକ୍ଷେପ ନେଇଛନ୍ତି । ମହିଳାମାନେ ବିଭିନ୍ନ କପଡ଼ାକୁ ଏକତ୍ର କରି ସେଥିରେ ଛୋଟ ଛୋଟ ବ୍ୟାଗ୍ ତିଆରି କରିଥାନ୍ତି । ଘରୁ ବାହାରକୁ ଗଲେ ଏହି କପଡ଼ା ବ୍ୟାଗ୍ ସାଥିରେ ନେଇ ଯାଇଥାନ୍ତି । ଏଥିସହ ଅନ୍ୟ ଲୋକଙ୍କୁ ବଜାରକୁ ଯିବା ସମୟରେ କପଡ଼ା ବ୍ୟାଗ୍ ନେବାକୁ ପ୍ରୋତ୍ସାହିତ କରିଥାନ୍ତି । ଏହି ପରିବର୍ତ୍ତନ ଦ୍ୱାରା ଦୋକାନୀଙ୍କ ସମେତ ଆଖପାଖ ଗାଁର ଲୋକମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି । ପ୍ଲାଷ୍ଟିକ୍ ପରିବେଶ ପାଇଁ କେତେ କ୍ଷତିକାରକ ସେମାନେ ତାହା ଧୀରେ ଧୀରେ ଅନୁଭବ କରୁଛନ୍ତି । ଶାହପୁରର ଗଳି କନ୍ଦିରେ ପ୍ଲାଷ୍ଟିକ୍ ଛାଡ଼ି କପଡ଼ା ବ୍ୟାଗ୍ ଆପଣାଇବାର ବାର୍ତ୍ତା ଏବେ ଗୁଞ୍ଜରିତ ହେଉଛି ।

### ନିଶୁଳ୍କରେ ଯୋଗାଉଛନ୍ତି ବ୍ୟାଗ୍

ସ୍ୱୟଂ ସହାୟକ ଗୋଷ୍ଠୀର ଗୀତାଞ୍ଜଳୀ ପାଟିଲ୍‌ଙ୍କ କହିବାନୁଯାୟୀ, ସେ ପ୍ରଥମେ ଚାରିଜଣ ମହିଳାଙ୍କୁ ନେଇ ଏହି ଅଭିଯାନ ଆରମ୍ଭ କରିଥିଲେ । ଏବେ ଏଥିରେ ୫୦ ରୁ ଉର୍ଦ୍ଧ୍ୱ ମହିଳା ଯୋଡ଼ି ହୋଇଛନ୍ତି । ମହିଳାମାନେ ନିଜେ ସିଲେଇ କରି ଏହି କପଡ଼ା ବ୍ୟାଗ୍ ପ୍ରସ୍ତୁତ କରିଥାନ୍ତି । ଏହାକୁ ଦୋକାନୀ ସମେତ ଆଖପାଖ ଗାଁ ଗୁଡ଼ିକରେ ବିନା ମୂଲ୍ୟରେ ଲୋକମାନଙ୍କୁ ଯୋଗାଇଥାନ୍ତି । ମହିଳାଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପରିବେଶ ସଂରକ୍ଷଣ କରି ଆଗାମୀ ପିଢ଼ିଙ୍କୁ ସ୍ୱଚ୍ଛ ବାତାବରଣ ପ୍ରଦାନ କରିବା ।

### ଘରୁ ଆରମ୍ଭ ପଦକ୍ଷେପ

ସ୍ଥାନୀୟ ମହିଳାଙ୍କ କହିବାନୁଯାୟୀ ଏହି ପଦକ୍ଷେପ ସେମାନେ ପ୍ରଥମେ ନିଜ ଘରୁ ଆରମ୍ଭ କରିଛନ୍ତି । ଘରୁ କୌଣସି ବ୍ୟକ୍ତି ବାହାରକୁ ଗଲେ ସାଥିରେ କପଡ଼ା ବ୍ୟାଗ୍ ନେଇ ଯାଇଥାନ୍ତି । ଏହାର ପ୍ରଭାବ ଦୋକାନୀଙ୍କ ଉପରେ ମଧ୍ୟ ପଡ଼ିଥାଏ । ଫଳରେ ସେମାନେ ଦୋକାନକୁ ଆସୁଥିବା ଗ୍ରାହକଙ୍କୁ କପଡ଼ା ବ୍ୟାଗ୍ ନେଇ ଆସିବା ପାଇଁ କହିଥାନ୍ତି । ଏହାଦ୍ୱାରା ଗାଁରେ ଏକ ସକାରାତ୍ମକ ବାତାବରଣ ପରିଲକ୍ଷିତ ହୋଇଛି । ଶାହପୁର ଗାଁର ଏହି ନିଆରା ପଦକ୍ଷେପ ସମଗ୍ର ଅଞ୍ଚଳ ପାଇଁ ପ୍ରେରଣା ପାଲଟିଛି । ମହିଳାମାନଙ୍କର ଏହି ପଦକ୍ଷେପ ଆଗାମୀ ଦିନରେ ଏକ ବଡ଼ ସାମାଜିକ ପରିବର୍ତ୍ତନ ଆଣିବାରେ ସହାୟକ ହେବ ।

# ଜେଲ୍ ନେଲ୍‌ପଲିସ୍

ସମୟ ଅନୁସାରେ ବିଭିନ୍ନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଜେଲ୍ ନେଲ୍ ପଲିସର ଲୋକପ୍ରିୟ ରହିଛି । ନେଲ୍ ପଲିସ୍ ନଖର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ଆତ୍ମବିଶ୍ୱାସ ବୃଦ୍ଧି କରିଥାଏ । ଏହା ଆଖିକୁ ସୁନ୍ଦର ଦିଶିବା ସହ, ଦୀର୍ଘ ସମୟ ରହିଥାଏ । ସେହିପରି ଏହା ସାଧାରଣ ନେଲ୍‌ପଲିସ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ ।



### ଜେଲ୍ ନେଲ୍ ପଲିସ୍ କ'ଣ ?

ଜେଲ୍ ନେଲ୍ ପଲିସ୍ ସାଧାରଣ ନେଲ୍ ପଲିସ୍ ଭଳି ପବନର ଆବଶ୍ୟକତା କରେ ନାହିଁ । ଏହାକୁ ୟୁଭି ବା ଏଲ୍‌ଇଡି ଲାଇଟ୍‌ରେ ଶୁଖାଯାଇଥାଏ । ଏହାଦ୍ୱାରା ନଖ ସୁପର୍‌ଗ୍ଲସି, ସ୍ମୁଥ୍ ଓ ସ୍ୱଲ୍ଜ୍ ପ୍ରୁଫ୍ ରହିଥାଏ । ଜେଲ୍ ନେଲ୍ ପଲିସ୍‌ର ବିଶେଷତା ହେଉଛି ଏହାର ଦୀର୍ଘସ୍ଥାୟୀ ଗୁଣ । ଏହାକୁ ଠିକ୍ ଭାବେ ଲଗାଇଲେ ଏହା ଦୁଇରୁ ତିନି ସପ୍ତାହ ରହିଥାଏ । ବାରମ୍ବାର ନେଲ୍‌ପଲିସ୍ ଲଗାଇବାକୁ ଚାହୁଁ ନ ଥିବା ମହିଳାଙ୍କ ପାଇଁ ଏହା ବେଶ୍ ଲାଭଦାୟକ ହୋଇଥାଏ ।

### ଜେଲ୍ ନେଲ୍‌ପଲିସ୍ ଲଗାଇବାର ଫାଇଦା

- ଏହି ନେଲ୍‌ପସିଲ୍ ଲଗାଇଲେ ଏହା ୧୫-୨୦ ଦିନ ରହିଥାଏ ।
- ୟୁଭି ଲାଇଟ୍‌ରେ ଶୁଖାଇବା ଦ୍ୱାରା ଏହା ଜଲ୍‌ଦି ଶୁଖିଯାଏ । ତେଣୁ ନେଲ୍‌ପଲିସ୍ ଶୁଖିବା ପାଇଁ ବାରମ୍ବାର ଅପେକ୍ଷା କରିବାକୁ ପଡ଼େନି ।
- ଏହା ନଖକୁ ଏକ ସୁରକ୍ଷା ପରସ୍ତ ଦେଇଥାଏ । ନଖ ଭାଙ୍ଗିବାରୁ ସୁରକ୍ଷା ଦେଇଥାଏ । ଏହା ସୁନ୍ଦର ଓ ଉଜ୍ଜ୍ୱଳ ଦିଶିଥାଏ ।

# ଶରୀର ସୌନ୍ଦର୍ଯ୍ୟ ପାଇଁ ଡାଲି

ସାଧାରଣତଃ ନିଜ ତ୍ୱଚାର ଯତ୍ନ ନେବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ ଅନେକେ ପାର୍ଲର ଯାଇ ଟଙ୍କା ଖର୍ଚ୍ଚ କରି ବଡି ପଲିସ୍ କରିଥାନ୍ତି । କିନ୍ତୁ ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୋଇ ନ ଥାଏ । ତେଣୁ ଚାହିଁଲେ ଘରେ ପ୍ରାକୃତିକ ଉପାୟରେ ବଡି ପଲିସ୍ କରିପାରିବେ । ଏଥିପାଇଁ ଘରେ ଥିବା ଡାଲିକୁ ଉପଯୋଗ କରି ସ୍କ୍ରବ୍ ଦ୍ୱାରା ତ୍ୱଚା ସୁସ୍ଥ, ସୁନ୍ଦର ଓ ଉଜ୍ଜ୍ୱଳ ରଖିପାରିବେ ।





### ଡାଲି ସ୍କ୍ରବ୍

ଗୋଟିଏ ପାତ୍ରରେ ପାଣି ନେଇ ଦୁଇ ଚାମଚ ମସୁର କିମ୍ବା ମୁଗଡାଲି ଦେଇ ଗୋଟିଏ ରାତି ବତୁରାଇ ରଖନ୍ତୁ । ପରେ ଏହାକୁ ଦରବଟା କରି ବାଟନ୍ତୁ । ଏଥିରେ ଦୁଇଚାମଚ ଦହି, ଏକ ଚାମଚ ମହୁ ଓ ଚୁଟ୍‌କି ହଳଦି, ଓ ଏକ ଚାମଚ ନଡ଼ିଆ ତେଲ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ ।

### ଲଗାଇବା ପ୍ରକ୍ରିୟା

- ପ୍ରଥମେ ପାଣି ନେଇ ଶରୀରକୁ ଓଦା କରନ୍ତୁ ।
- ଏହାପରେ ପ୍ରସ୍ତୁତ କରିଥିବା ସ୍କ୍ରବ୍‌କୁ ସମ୍ପୂର୍ଣ୍ଣ ଶରୀରରେ ଲଗାନ୍ତୁ ।
- ସ୍କ୍ରବ୍ କରିବା ସମୟରେ କହୁଣୀ, ଆଣ୍ଠୁ ଓ ଗଣ୍ଠି ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।
- ଏହାକୁ ଗୋଲାକାର ଭାବେ ହାଲୁକା ହାତରେ ୧୦-୧୫ ମିନିଟ୍ ମସାଜ୍ କରନ୍ତୁ ।
- ଏହାକୁ ପାଞ୍ଚମିନିଟ୍ ଲଗାଇ ରଖନ୍ତୁ ।
- ଏହାପରେ ଉଷୁମ ପାଣିରେ ତ୍ୱଚା ଧୋଇ ଦିଅନ୍ତୁ । ଶେଷରେ ତ୍ୱଚାକୁ ଶୁଷ୍କପଣରୁ ରକ୍ଷା କରିବା ପାଇଁ ବଡି ଲୋସନ ଲଗାନ୍ତୁ ।

### ଫାଇଦା

- ଡାଲିସ୍କ୍ରବ୍‌ରୁ ସୁଫଳ ଚାହୁଁଥିଲେ ଏହାକୁ ସପ୍ତାହରେ ଥରେ ବ୍ୟବହାର କରିପାରିବେ ।
- ଶରୀରରେ ଏହାକୁ ଲଗାଇବା ପୂର୍ବରୁ ପ୍ରଥମେ ପ୍ୟାଚ୍ ଟେଷ୍ଟ କରିବା ଜରୁରୀ ।
- ସେହିପରି ତେଲିଆ ତ୍ୱଚା ଥିଲେ ଏଥିରେ କ୍ଷୀର ଓ ତେଲ ବଦଳରେ ଦହି ବ୍ୟବହାର କରିପାରିବେ ।
- ସେହିପରି ତ୍ୱଚାରେ ଅଧିକ ଟ୍ୟାନିଙ୍ଗ୍ ସମସ୍ୟା ଥିଲେ ଏଥିରେ ଦୁଇ ତିନି ବୁନ୍ଦା ଲେମ୍ବୁରସ ମିଶାଇପାରିବେ । ହେଲେ ସମ୍ବେଦନଶୀଳ ତ୍ୱଚା ଥିଲେ ଲେମ୍ବୁ ଲଗାନ୍ତୁନି ।

# ମୋ ହାଣ୍ଡିଶାଳରୁ... କନ୍ଦମୂଳ ଗୋଲାପ ଜାମୁନ୍



### ଆବଶ୍ୟକ ସାମଗ୍ରୀ

ସିଝା କନ୍ଦମୂଳ ଚୋରୋଟି, ମିଲ୍କ ପାଉଡର୍ – ଏକ କପ୍, ଚିନି- ଦୁଇ କପ୍, କେଶର – ଅଧା ଚାମଚ, ଗୁଜରାତି ଗୁଣ୍ଡ – ଅଧା ଚାମଚ, ତେଲ ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

କନ୍ଦମୂଳକୁ ପ୍ରେସର୍‌ରେ ଦେଇ ଦୁଇଟି ସିଟି ଆସିବା ପରେ ଗ୍ୟାସ ବନ୍ଦ କରି ଦିଅନ୍ତୁ । ଏହାପରେ ସିଝା କନ୍ଦମୂଳରୁ ଚୋପା ଛଡ଼େଇ ସେଥିରେ ମିଲ୍କ ପାଉଡର୍ କିମ୍ବା ଅମୁଲ୍ ମିଶାଇ ଭଲ ଭାବେ ଚକଟି ଦିଅନ୍ତୁ । ପରେ ସେହି ଚକଟାକୁ ହାତରେ ନେଇ ସେଥିରେ ଛୋଟ ଛୋଟ ବଲ୍ ପ୍ରସ୍ତୁତ କରନ୍ତୁ । ଏହାପରେ ଗ୍ୟାସ୍ ଲଗାଇ କଡ଼େଇ ବସାଇ ତେଲ ଦିଅନ୍ତୁ । ଗରମ ହୋଇଗଲେ ସେଥିରେ ପ୍ରସ୍ତୁତ କରି ରଖିଥିବା କନ୍ଦମୂଳଗୁଳାକୁ ଦେଇ ଛାଣନ୍ତୁ । ଏହା ହାଲୁକା ସୁନେଲି ରଙ୍ଗ ହୋଇଯିବା ପରେ ଏକ ପ୍ଲେଟ୍‌ରେ କାଢ଼ି ରଖନ୍ତୁ । ପରେ ଆଉ ଏକ କଡ଼େଇରେ ଦୁଇକପ୍ ଚିନି ଦେଇ ଗରମ କରନ୍ତୁ । ଚିନି ତରଳି ସିରା ହୋଇଯିବା ପରେ ସେଥିରେ କେଶର ଓ ହାଲୁକା ଗୁଜରାତି ଗୁଣ୍ଡ ମିଶାନ୍ତୁ । ପରେ ସେଥିରେ ଛାଣି ରଖିଥିବା ଗୋଲାପ୍ ଜାମୁନ୍‌କୁ ଦେଇ ଦିଅନ୍ତୁ । ଏକଘଣ୍ଟା ପରେ ଏକ ବାଉଲ୍‌ରେ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'କନ୍ଦମୂଳ ଗୋଲାପ ଜାମୁନ୍' ।

# ସାଧା ପୋଷାକରେ ଷ୍ଟାଇଲିଶ୍ ଲୁକ୍



ଅଧିକାଂଶ ଲୋକେ ସାଧା ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ପିନ୍ଧିବାକୁ ଆରାମଦାୟକ ଓ ସୁବିଧାଜନକ ହୋଇଥାଏ । ସାଧା ପୋଷାକରେ ଆଧୁନିକ ସ୍ପର୍ଶ ଦେବାକୁ ଚାହୁଁଥିଲେ ଏହି ଟିପ୍‌ସ ଆପଣାଇପାରିବେ ।

ଅଳଙ୍କାର ଯେ କୌଣସି ସାଧା ପୋଷାକକୁ ଆକର୍ଷଣୀୟ କରିଥାଏ । ତେଣୁ ପ୍ଲେନ୍ କୁର୍ତ୍ତୀ, ଟି – ସାର୍ଟ, ଟପ୍ ପିନ୍ଧୁଥିଲେ ଏଥିସହିତ ଷ୍ଟେଟ୍‌ମେଣ୍ଟ ଜୁଏଲାରୀ ବା ଭାରୀ ଅଳଙ୍କାର ପିନ୍ଧିପାରିବେ । ଏହା ଲୁକ୍‌କୁ ଏକ ଭିନ୍ନ ଲୁକ୍ ଦେଇଥାଏ । ଚାହିଁଲେ ପତଳା କାନଫୁଲ କିମ୍ବା ଷ୍ଟଡ୍ ଇୟରିଙ୍ଗ୍ ମଧ୍ୟ ପିନ୍ଧିପାରିବେ ।

ସିମ୍ପଲ୍ ଆଉଟ୍‌ଫିଟ୍‌ରେ ସ୍କାର୍ଫ ପକାଇଲେ ଏହା ଲୁକ୍‌କୁ ସନ୍ତୁଳନ କରିଥାଏ । ହାଲୁକା ରଙ୍ଗର ଟପ୍ ସାଥିରେ ପ୍ରିଣ୍ଟେଡ୍ ବା ରଙ୍ଗିନ୍ ସ୍କାର୍ଫ ପିନ୍ଧିପାରିବେ । ଏଥିରୁ ଏକ ଷ୍ଟାଇଲିଶ୍ ଲୁକ୍ ମିଳିଥାଏ ।

# ମୁଖ ଗଠନ ଅନୁଯାୟୀ ବ୍ଲଶ୍

ସାଧାରଣତଃ ମେକ୍‌ଅପ୍ କଲାବେଳେ ସମସ୍ତେ ବ୍ଲଶ୍ ଲଗାଇଥାନ୍ତି । ଏହା ସମ୍ପୂର୍ଣ୍ଣ ଲୁକ୍‌କୁ ପରିବର୍ତ୍ତନ କରି ତ୍ୱଚାକୁ ସୁନ୍ଦର ଓ ହାଇ୍‌ଲାଇଟ୍ କରିଥାଏ । ଅନେକେ ବ୍ଲଶ୍ ଲଗାଇବାକୁ ସହଜ ଭାବନ୍ତି, କିନ୍ତୁ ବାସ୍ତବରେ ଏହା ସେତେ ସହଜ ହୋଇ ନ ଥାଏ । ତେଣୁ ମୁହଁର ଗଠନ ଅନୁଯାୟୀ କିପରି ବ୍ଲଶ୍ ଲଗାଇବେ ଜାଣି ରଖନ୍ତୁ ସେ ବିଷୟରେ ।



### ଗୋଲାକାର

ମୁହଁର ଗଠନ ଗୋଲାକାର ଥିଲେ, ବ୍ଲଶ୍‌କୁ ସିଧାସଳଖ ଗାଲର ଉପରେ ଲଗାନ୍ତୁ ନାହିଁ । ଏହାକୁ ହାଲୁକା ତଳେ ଲଗାନ୍ତୁ । ଏହାକୁ ଭଲ ଭାବେ ହାତରେ ବ୍ଲେଣ୍ଡ କରି ଦିଅନ୍ତୁ । ଏଥିପାଇଁ ପିଚ୍ କିମ୍ବା ହାଲୁକା ଗୋଲାପୀ ରଙ୍ଗର ମ୍ୟାଟ୍ ବ୍ଲଶ୍ ଲଗାଇପାରିବେ । ଅଧିକ ସିମର୍ ବ୍ଲଶ୍ ଲଗାଇବାରୁ ଦୂରେଇ ରୁହନ୍ତୁ ।

### ଓଭାଲ୍ ସେପ୍

ଓଭାଲ୍ ସେପ୍ ଥିଲେ ବ୍ଲଶ୍ ଲଗାଇବା ସମୟରେ ଦେଖାଯିବା ଜରୁରୀ । ତେଣୁ ହାଲୁକା ହସି ଗାଲର ଉପର ଅଂଶରେ ବ୍ଲଶ୍ ଲଗାଇ ସ୍ମଜ୍ କରନ୍ତୁ । ବିଶେଷ କରି କ୍ରିମ୍ ବ୍ଲଶ୍ ଏ ପ୍ରକାର ମୁଖ ଗଠନକୁ ସତେଜ ଲୁକ୍ ଦେଇଥାଏ । ତେଣୁ ନିଜ ଆଉଟ୍‌ଫିଟ୍‌କୁ ଧ୍ୟାନରେ ରଖି ହାଲୁକା ଗୋଲାପୀ, ସଫ୍ଟ ରୋଜ ସେଡ୍ ଲଗାଇପାରିବେ ।

### ସ୍କ୍ୱୟାର

ସ୍କ୍ୱୟାର ଥିଲେ , ହାଲୁକା ହସି ଗାଲରେ ଆପଲ୍ସରେ ବ୍ଲଶ୍ ଲଗାନ୍ତୁ । ଏହାକୁ ହାତରେ ଗୋଲାକାରରେ ସ୍ମଜ୍ କରନ୍ତୁ । ବିଶେଷ କରି ବ୍ଲଶ୍ ଲଗାଇବା ସମୟରେ ତ୍ୱଚାର କେନ୍ଦ୍ରସ୍ଥଳ ଉପରେ ଧ୍ୟାନ ଦିଅନ୍ତୁ । ଜ ଲାଇନ୍‌କୁ ହାଇଲାଇଟ୍ କରନ୍ତୁନି । ଏଥିପାଇଁ ମ୍ୟାଟ୍ କିମ୍ବା ସାଟିନ୍ ଲୁକ ଥିବା ଫାଉଣ୍ଡେସନ ଚୟନ କରିପାରିବେ ।

### ଡାଇମଣ୍ଡ

ଡାଇମଣ୍ଡ ଫେସ୍ ଥିଲେ ଏଥିପାଇଁ ଚିକ୍‌ବୋନ୍‌ରେ ବ୍ଲଶ୍ ଲଗାଇପାରିବେ । ମ୍ୟାଟ୍ କିମ୍ବା ସାଟିନ୍ ଫିନିଶ୍ ଫାଉଣ୍ଡେସନ ଲଗାଇପାରିବେ । ଗୋଲାପୀ ଓ ବେରି ଟୋନ୍ ବ୍ଲଶ୍ ଭଲ ମାନିଥାଏ ।

## ଗୋଟିଏ ଦିନ ପରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ

# ଇଡେନ୍‌ରେ ଖେଳିବେ ପନ୍ତ୍ ଓ ଜୁରେଲ



କୋଲକାତା,୧୨।୧୧(ଏଜେନ୍ସି):

ସ୍ଥାନୀୟ ଇଡେନ ଗାର୍ଡେନ୍ସରେ ଆଉ ଗୋଟିଏ ଦିନ ପରେ ଅର୍ଥାତ ଶୁକ୍ରବାରଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହି ମୁକାବିଲା ଲାଗି ଉଭୟ ଦଳ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଅଭ୍ୟାସ ପରେ ଭାରତୀୟ ଦଳର ସହକାରୀ କୋଚ୍ ର୍ୟାନ୍ ଟେନ୍ ଡୋଏଶ୍‌ଟେଙ୍କ ଅନୁଯାୟୀ ପ୍ରଥମ ଟେଷ୍ଟରେ ଭାରତର ଦୁଇ ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ୍ ଓ ଧ୍ରୁବ ଜୁରେଲ ଖେଳିବେ। ଇଂଲଣ୍ଡ ଟୁର୍‌ରେ ଆହତ ହୋଇଥିବା ପନ୍ତ୍ ଏବେ ଫିଟ୍ ହୋଇଯାଇଛନ୍ତି। ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା-ଏ' ସହ ଖେଳାଯାଇଥିବା ୨ ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍‌ରେ ସେ ଭାରତର ନେତୃତ୍ୱ ନେଇ ଉଭୟ ବ୍ୟାଟିଂ ଓ କିପିଙ୍ଗ୍ କରିବାକୁ ଫିଟ୍ ବୋଲି ପ୍ରମାଣିତ କରିଛନ୍ତି। ସେ ପ୍ରଥମ ପସନ୍ଦର ୱିକେଟରକ୍ଷକ ଭାବେ ଖେଳିବେ।

ସେହିପରି ପନ୍ତ୍‌ଙ୍କ ଅନୁପସ୍ଥିତିରେ ଇଂଲଣ୍ଡରେ ଗୋଟିଏ ଓ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍ ସହ ୨ଟି ଯାକ ଟେଷ୍ଟରେ ୱିକେଟ କିପିଙ୍ଗ କରିବା ସହ ଟେଷ୍ଟ କ୍ୟାରିୟରରେ ପ୍ରଥମ ଶତକ ମଧ୍ୟ ହାସଲ କରିଥିଲେ। ଏହା ସହ ସେ ଖେଳିଥିବା ଶେଷ ୮ଟି ପ୍ରଥମ ଇନିଂସରେ ୪ଟି ଶତକ ହାସଲ କରି ଭାରତୀୟ ଦଳରେ ନିଜର ସ୍ଥାନ ସୁରକ୍ଷିତ କରିଥିବା ଡୋଏଶ୍‌ଟେଙ୍କ କଥାରୁ ପ୍ରମାଣିତ ହୋଇଛି। ଡୋଏଶ୍‌ଟେଙ୍କ ମତରେ ଆମ ଦଳରେ ୩ଜଣ ସ୍ପିନ୍ ଅଲ୍‌ରାଉଣ୍ଡର ଯଥା ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ ୱାଶିଂଟନ ସୁନ୍ଦର ରହିଛନ୍ତି। ଏମାନେ ସମସ୍ତେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବେ। ଏଣୁ ଜଣେ ଅଧିକ ବ୍ୟାଟର ନେଇ ଖେଳିଲେ ଆମକୁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ ନାହିଁ। ଏଣୁ ପ୍ରଥମ ଟେଷ୍ଟରେ ଜୁରେଲ ଖେଳିବା କଥା ସ୍ପଷ୍ଟ କରିଛନ୍ତି ଭାରତର ସହକାରୀ କୋଚ୍। ସେ ଆହୁରି କହନ୍ତି ଆମେ ପ୍ରତ୍ୟେକ ମ୍ୟାଚ୍ ଲାଗି ଭିନ୍ନ ଭିନ୍ନ ରଣନୀତି ପ୍ରସ୍ତୁତ କରିଥାଉ। ଏଣୁ ଜଣେ ଅଧିକ ବ୍ୟାଟରଙ୍କୁ ଖେଳାଇବା ଲାଗି ଆମେ ପ୍ରସ୍ତୁତ ହୋଇଛୁ। 'ମୁଁ ଭାବୁଛି ଟିମ୍ କମ୍ବିନେସନ ଲାଗି ଆମ ନିକଟରେ ଭଲ ସୂଚନା ରହିଛି। ଗତ ୬ ମାସ ମଧ୍ୟରେ ଧ୍ରୁବ ଯେପରି ବ୍ୟାଟିଂ କରିଛନ୍ତି ତାଙ୍କୁ ଦଳରୁ ବାଦ୍ ଦେବା କଷ୍ଟକର। ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟର ଉଭୟ ଇନିଂସରେ ଶତକ, ସିରିଜ୍‌ରେ ଆଉ ଏକ ଅର୍ଦ୍ଧଶତକ ଓ ୪୦ରୁ ଅଧିକ ରନ୍ କରିଛନ୍ତି। ଏଭଳି ପ୍ରଦର୍ଶନ ପରେ ସେ ନିଶ୍ଚିତ ଖେଳିବେ ବୋଲି ଆମର ଆଶା ରହିଛି। ପନ୍ତ୍‌ଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳରେ ଜୁରେଲଙ୍କୁ ନେଇ ଯେଉଁ ଆଶଙ୍କା ପ୍ରକାଶ ପାଇଥିଲା ତାହା ଡୋଏଶ୍‌ଟେଙ୍କ ସୂଚନା ପରେ ଦୂର ହୋଇଛି। ଏଭଳି ସ୍ଥିତିରେ ତାଙ୍କୁ ଯେ ଅଣଦେଖା କରାଯାଇ ପାରିବ ନାହିଁ ସେ ତାଙ୍କ ପ୍ରଦର୍ଶନ ମାଧ୍ୟମରେ ସ୍ପଷ୍ଟ କରିଛନ୍ତି।

# 'ଇତିହାସ ସୃଷ୍ଟି କରିବ ଦକ୍ଷିଣ ଆଫ୍ରିକା'



**କୋଲକାତା:** ଆମ ନିକଟରେ ଭାରତୀୟ ସ୍ପିନରଙ୍କୁ ମୁକାବିଲା କରିବାକୁ ଭଲ ବ୍ୟାଟର ରହିଛନ୍ତି। ନିକଟରେ ଏମାନେ ପାକିସ୍ତାନରେ ସ୍ପିନ୍ ବୋଲିଂକୁ ଉଚିତ ମୁକାବିଲା କରିଛନ୍ତି। ଭାରତରେ ସ୍ପିନରଙ୍କୁ ସହାୟତା ମିଳିଥାଏ ବୋଲି ସର୍ବଦା ଚର୍ଚ୍ଚା ହୋଇଥାଏ। ଏହା ଯଦି ହୁଏ, ତେବେ ଆମ ନିକଟରେ କେଶବ ମହାରାଜ, ସେନୁରନ ମୁଥୁସ୍ୱାମୀ ଓ ସାଇମନ ହାର୍ମରଙ୍କ ଭଳି ଯାଦୁକରୀ ସ୍ପିନର ରହିଛନ୍ତି। ଏଣୁ ଆମେ ଭାରତୀୟ ବ୍ୟାଟିଂକୁ ଧୂଳିସାତ କଲା ଭଳି ଦକ୍ଷତା ରଖିଛୁ। ବିଶେଷତଃ ଏହି ବିଭାଗରେ ଆମେ ଅଧିକ ଶକ୍ତିଶାଳୀ। ଯୋଜନା ଅନୁଯାୟୀ ଯଦି ଆମକୁ ସଫଳତା ମିଳେ ତେବେ ଆମେ ଭାରତରେ ଇତିହାସ ସୃଷ୍ଟି କରିବୁ ବୋଲି କହିଛନ୍ତି ଦକ୍ଷିଣ ଆଫ୍ରିକାର ହେଡ୍ କୋଚ୍ ସୁକରି କନରାଡ।

ସୂଚନା ଯୋଗ୍ୟ କୋଲକାତାରେ ଶୁକ୍ରବାରଠାରୁ ପ୍ରଥମ ଟେଷ୍ଟ ଆରମ୍ଭ ପୂର୍ବରୁ ଉଭୟ ଦେଶ ୪୪ଟି ମ୍ୟାଚ୍‌ରେ ମୁକାବିଲା କରିଛନ୍ତି। ଏହା ମଧ୍ୟରୁ ଦକ୍ଷିଣ ଆଫ୍ରିକା ୧୮ ଟିରେ ଓ ଭାରତ ୧୬ଟିରେ ବିଜୟୀ ହୋଇଛନ୍ତି। ଅନ୍ୟ ୧୦ଟି ମ୍ୟାଚ୍ ହାରଜିତ ବିନା ଫଇସଲାରେ ଶେଷ ହୋଇଛି। କିନ୍ତୁ ଭାରତ ମାଟିରେ ଖେଳାଯାଇଥିବା ୧୯ଟି ଟେଷ୍ଟ ମଧ୍ୟରୁ ଭାରତ ୧୧ଟିରେ ଓ ଦକ୍ଷିଣ ଆଫ୍ରିକା ୫ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୩ଟି ଟେଷ୍ଟ ଡ୍ର ରହିଛି।

## ସାତ୍ତ୍ୱିକ ସ୍ୱାଇଁ ହେଲେ ସିଏମ୍

ଭୁବନେଶ୍ୱର,୧୨।୧୧(ସମିସ): ଓଡ଼ିଶାର ବିସ୍ମୟ ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ହେଲେ ସିଏମ୍ ବା କ୍ୟାଣ୍ଡିଡେଟ୍ସ ମାଷ୍ଟର। ଚେସ୍‌ରେ କ୍ରମାଗତ ଉନ୍ନତ ଖେଳ ପ୍ରଦର୍ଶନ କରି ଗୋଟିକ ପରେ ଗୋଟିଏ ରେକର୍ଡ କରୁଥିବା ସାତ୍ତ୍ୱିକ ରାଜ୍ୟର ସର୍ବକନିଷ୍ଠ ସିଏମ୍ ହୋଇଛନ୍ତି। ନିକଟରେ ସର୍ବକନିଷ୍ଠ ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିବା ଏହି ଖେଳାଳିଙ୍କୁ କିଙ୍ଗ ଚେସ୍ ସେଣ୍ଟର ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ଓ ଖୁବ୍ ଶୀଘ୍ର ତାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଏହାର ପ୍ରତିଷ୍ଠାତା ବିଶ୍ୱଜିତ ରାୟ ପ୍ରକାଶ କରିଛନ୍ତି।



## ରଣଜୀ ଦଳକୁ ଫେରିଲେ ବିପ୍ଳବ

ଭୁବନେଶ୍ୱର,୧୨।୧୧(ସମିସ): ଚଳିତ ରଣଜୀ ସିଜନରେ ପ୍ରଥମ ୪ଟି ମ୍ୟାଚ୍‌ରୁ ୩ଟିରେ ହାରିଯିବା ପରେ ଅଭିଜ୍ଞ ଅଲରାଉଣ୍ଡର ବିପ୍ଳବ ସାମନ୍ତରାୟଙ୍କୁ ଦଳରେ ସାମିଲ କରିଛି ଓଡ଼ିଶା। ଭୁବନେଶ୍ୱରରେ ଖେଳାଯିବାକୁ ଥିବା ନାଗାଲାଣ୍ଡ ବିପକ୍ଷ ମ୍ୟାଚ୍ ଲାଗି ବିପ୍ଳବଙ୍କ ସହ ୱିକେଟରକ୍ଷକ ସୱାନ ପାହାଡିଆଙ୍କୁ ଦଳରେ ନିଆଯାଇଛି। ବ୍ୟାଟର ସନ୍ଦୀପ ପଟ୍ଟନାୟକ, ୱିକେଟରକ୍ଷକ ରାଜେଶ ଧୂପର ଓ ବାମହାତୀ ସ୍ପିନର ଜାମଲାଭଞ୍ଜନ ମହାପାତ୍ରଙ୍କୁ ବାଦ୍ ଦିଆଯାଇଛି। ବିଦର୍ଭ ବିପକ୍ଷରେ ଖେଳିଥିବା ଦଳରେ ଅନ୍ୟ କୌଣସି ପରିବର୍ତ୍ତନ ହୋଇନାହିଁ।

**ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ**

## ଫାଇନାଲରେ ଉତ୍କଳ ସ୍ପୋର୍ଟିଂ



**ଯାଁଲା, ୧୨।୧୧ (ସମିସ):** ଜଟଣୀର ଉତ୍କଳ ସ୍ପୋର୍ଟିଂ ୨୭ତମ ଶବର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ରାଧାଚରଣପୁର ଖେଳ ପଡିଆରେ ଶବର କ୍ରୀଡା ସଂଘ ଆନୁକୂଲ୍ୟରେ ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉତ୍କଳ ସ୍ପୋର୍ଟିଂ ୪-୧ ଗୋଲରେ ଆୟୋଜକ ଖୋର୍ଦ୍ଧା ଜିଲ୍ଲା ଶବର କ୍ରୀଡା ସଂଘକୁ ମାତ ଦେଇ ଫାଇନାଲକୁ ଉନ୍ନୀତ ହୋଇଛି। ବିଜୟୀ ଦଳ ପକ୍ଷରୁ ଖେଳର ପ୍ରଥମାର୍ଦ୍ଧର ୯ ଓ ୨୪ ମିନିଟରେ ୧୦ ନମ୍ବର ଖେଳାଳି ଅମର ଓରାମ ଦୁଇଟି ସୁନ୍ଦର ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୩୨ ମିନିଟ ସମୟରେ ଆୟୋଜକ ଶବର କ୍ରୀଡା ସଂଘର ୮ ନମ୍ବର ଖେଳାଳି ତୋଫାନ ନାଏକ ଗୋଟିଏ ଗୋଲ ଶୁଝାଇଥିଲେ। ଦ୍ୱିତୀୟାର୍ଦ୍ଧର ୪୪ ମିନିଟ ସମୟରେ ୯ ନମ୍ବର ଖେଳାଳି ମାନସ ମାରାଣ୍ଡି ଓ ୪୬ ମିନିଟ ସମୟରେ ୮ ନମ୍ବର ଖେଳାଳି ବାପି ମାରାଣ୍ଡି ଆଉ ଦୁଇଟି ଗୋଲ ଦେଇ ଦଳକୁ ୪-୧ ସ୍ଥିତିକୁ ଆଣିଥିଲେ। ଫଳରେ ଆୟୋଜକ ଶବର କ୍ରୀଡା ସଂଘ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଥିଲା। ଆଜିର ମ୍ୟାଚ ପରିଚାଳନା କରିଥିଲେ ରେଫରୀ ବିଦେଶୀ ନାଏକ, ସେଖାୱତ ଖାନ, ସାଇରାମ କିସ୍କୁ ଓ ଉପେନ୍ଦ୍ର ନାଏକ। ଆଜିର ମ୍ୟାଚରେ ବିଶିଷ୍ଟ ଫୁଟବଲ ଖେଳାଳି ଦେବାଶିଷ ନାଏକ ଓ ଶିକ୍ଷାବିତ ପୀତବାସ ନନ୍ଦ ଅତିଥି ଭାବେ ଯୋଗ ଦେଇଥିଲେ।

## ୧୪ ବର୍ଷ ପରେ ଭାରତ ଆସିବେ ମେସୀ

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ଦୀର୍ଘ ୧୪ ବର୍ଷର ବ୍ୟବଧାନ ପରେ ଭାରତ ଗସ୍ତରେ ଆସିବେ ଆର୍ଜେଣ୍ଟିନା ତଥା ବିଶ୍ୱ ଫୁଟବଲର ସୁପରଷ୍ଟାର ଲିଓନେଲ ମେସୀ। ଏ ସମ୍ପର୍କରେ ମେସୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଡିସେମ୍ବର ୧୩ରୁ ୧୫ ତାରିଖଯାଏ ସେ କୋଲକାତା, ଅହମ୍ମଦାବାଦ୍, ମୁମ୍ବଇରେ ବିଭିନ୍ନ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ପରେ ସ୍ୱଦେଶ ଫେରିଯିବେ। ଜିଓଏଟି ଟୁର୍‌ରେ ସେ ଏଠାରେ ସିଲେବ୍ରେଟୀ ମ୍ୟାଚ୍ ଓ କନସର୍ଟରେ ଭାଗନେବେ।



**ବିଶ୍ୱ ସୁଟିଂ ଚାମ୍ପିଅନସିପ୍ ୧୦ ମିଟର ଏୟାର ପିସ୍ତଲ**

## ସମ୍ରାଟ ଭାରତର ପ୍ରଥମ ବିଶ୍ୱ ଚାମ୍ପିଅନ

କାଏରୋ,୧୨।୧୧(ଏଜେନ୍ସି): ଏଠାରେ ଚାଲିଥିବା ବିଶ୍ୱ ସୁଟିଂ ଚାମ୍ପିଅନସିପ୍‌ରେ ଇତିହାସ ରଚିଛନ୍ତି ଭାରତୀୟ ସୁଟର ସମ୍ରାଟ ରାଣା। ପୁରୁଷ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସମ୍ରାଟ ପ୍ରଥମ ଭାରତୀୟ ସୁଟର ଭାବେ ସ୍ୱର୍ଣ୍ଣ ପଦକ ଜିତିବା ସହ ବିଶ୍ୱ ଚାମ୍ପିଅନ ହୋଇଛନ୍ତି। କେବଳ ସେ ବ୍ୟକ୍ତିଗତ ସ୍ୱର୍ଣ୍ଣପଦକ ଜିତିନାହାନ୍ତି, ବରଂ ନିଜ ଦଳକୁ ମଧ୍ୟ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ନେଇଛନ୍ତି। ଅଲିମ୍ପିକ୍ ଇଭେଣ୍ଟ ସୁଟିଂରେ ଏହା ଭାରତ ଲାଗି ପ୍ରଥମ ସ୍ୱର୍ଣ୍ଣ ହୋଇଥିଲାବେଳେ ଗୋଟିଏ ଦିନରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚୀନ୍ ପଛକୁ ଭାରତ ପଦକ ତାଲିକାରେ ଦ୍ୱିତୀୟ ସ୍ଥାନକୁ ଯାଇଛି। ମହିଳା ୫୦ ମିଟର ୩ପି ଇଭେଣ୍ଟରେ ଅଶି ଚୋକସୀ ଓ ଅଞ୍ଜୁମ ମୌଦଗିଲ ଫାଇନାଲରେ ପ୍ରବେଶ କରିପାରି ନାହାନ୍ତି।



**ଟୋକିଓ ବଧିର ଅଲିମ୍ପିକ୍ସ**

## ଧ୍ୱଜା ବହନ କରିବେ ଜେର୍ଲିନ୍

ନୂଆଦିଲ୍ଲୀ,୧୨।୧୧(ଏଜେନ୍ସି): ୩ଥରର ବଧିର ଅଲିମ୍ପିକ୍ସ ସ୍ୱର୍ଣ୍ଣପଦକ ବିଜେତା ବ୍ୟାଡମିଣ୍ଟନ ଖେଳାଳି ଜେର୍ଲିନ ଜେ. ଟୋକିଓରେ ହେବାକୁ ଯାଉଥିବା ବଧିର ଅଲିମ୍ପିକ୍ସରେ ଭାରତର ଧ୍ୱଜା ବହନ କରିବେ। ଏହି ମେଗା ବଧିର ଅଲିମ୍ପିକ୍ସ ଟୋକିଓରେ ନଭେମ୍ବର ୧୫ରୁ ଆରମ୍ଭ ହେବ। ଏଥିରେ ୧୧୧ ଜଣ ଭାରତୀୟ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ମଦୁରାଇ ଜନ୍ମିତ ସଚ୍ଚଳର ୨୦୧୩ରେ ମାତ୍ର ୧୩ ବର୍ଷ ବୟସରେ ଏହି ଇଭେଣ୍ଟରେ ଭାଗନେଇଥିଲେ। ଏହା ପରେ ୨୦୨୧ରେ ସ୍ୱର୍ଣ୍ଣପଦକ ଜିତି ଇତିହାସ ସୃଷ୍ଟି କରିଥିଲେ। ଏଠାରେ ସେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିଲାଗି ମଧ୍ୟ ଭାରତ ପକ୍ଷରୁ ତାଙ୍କୁ ୨୦୨୨ରେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜି ଭାରତର ପ୍ରଥମ ଦଳ ଟୋକିଓ ଅଭିମୁଖେ ଯାତ୍ରା କରିଛନ୍ତି।



**ସେକ୍ରେଟାରିଏଟ୍ କପ୍ ଫୁଟବଲ**

## ଗୃହ ବିଭାଗ ଚାମ୍ପିଅନ, ସମବାୟ ରନର୍ସ ଅପ୍



ଭୁବନେଶ୍ୱର, ୧୨।୧୧ (ସମିସ): ରାଜ୍ୟ ସରକାରଙ୍କ କଲଚରାଲ ଆସୋସିଏସନ୍ ପିଆର ଏବଂ ଡିଡବ୍ଲ୍ୟୁ ପକ୍ଷରୁ ଅନୁଷ୍ଠିତ ସେକ୍ରେଟାରିଏଟ୍ କପ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଗୃହ ବିଭାଗ (ଇଲେଭେନ) ଦଳ ଚାମ୍ପିଅନ ହୋଇଛି। ସମବାୟ ଦଳ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୃହ ବିଭାଗ (ଇଲେଭେନ) ଦଳ ୩-୧ ପେନାଲ୍ଟିରେ ସମବାୟ ବିଭାଗକୁ ପରାଜିତ କରିଥିଲା। ଏହି ପ୍ରତିଯୋଗିତାରେ ଅର୍ଥ ବିଭାଗ ଦଳ ତୃତୀୟ, ପଞ୍ଚାୟତରାଜ ବିଭାଗ-ବି ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗର ଅଧିନାୟକ ନବୀନଙ୍କୁ ବେଷ୍ଟ ସ୍ପୋର୍ଟ୍ସମ୍ୟାନ ସିପ୍ ପୁରସ୍କାର ଦିଆଯାଇଥିଲା। ଜିତେନ୍ଦ୍ରଙ୍କୁ ପ୍ଲେୟାର ଅଫ୍ ଦ ସିରିଜ୍, ସଂଗ୍ରାମ ଶ୍ରେଷ୍ଠ ଗୋଲକିପର, ନିର୍ମଳ ଶ୍ରେଷ୍ଠ ଡିଫେଣ୍ଡର, ଅମିତ ଓରାମ ଶ୍ରେଷ୍ଠ ଉଦୀୟମାନ ଖେଳାଳି, ଜର୍ଜଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଗୋଲ, କାହ୍ନୁ ମ୍ୟାନ ଅଫ୍ ଦ ଫାଇନାଲ, ଶୁଭାଶିଷ ତୃତୀୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଛନ୍ତି।

**ବାରବାଟୀରେ ଅନ୍ତର୍ଜାତୀୟ ଟି-୨୦**

# କାଉଣ୍ଟରକୁ ଯିବ ୧୦ହଜାରରୁ ଅଧିକ ଟିକଟ

କଟକ,୧୨।୧୧(ସମିସ):

ବିଗତ ଦିନରେ ବାରବାଟୀ ଷ୍ଟାଡିୟମରେ କାଉଣ୍ଟର ଟିକଟ ବିକ୍ରିକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିବା ଉଦାହରଣ ରହିଛି। ପୁଲିସ, ପ୍ରଶାସନ ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ଭିତରେ ସମନ୍ୱୟ ଅଭାବ ଯୋଗୁଁ ବ୍ୟାରିକେଡ ଭିତରେ କ୍ରିକେଟପ୍ରେମୀ ଦଳାଚକଟା ହୋଇଥିଲେ। ଅନେକ ଅଣନିଶ୍ୱାସୀ ହୋଇ ପ୍ରାଣ ବିକଳରେ ଧାଡି ଭାଙ୍ଗି ଚାଲି ଆସିଥିଲେ। ଏହି ଘଟଣାକୁ ନେଇ ଚାରିଆଡେ ନିନ୍ଦା କରାଯାଇଥିଲା। କିଛି ଦିନ ପୂର୍ବେ ଗଣମାଧ୍ୟମକୁ ସାକ୍ଷାତକାର ଦେବା ବେଳେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଅନଲାଇନ୍ ଜରିଆରେ ସମସ୍ତ ଟିକଟ ବିକ୍ରି କରାଯିବା ବାବଦରେ ମତ ଦେଇଥିଲେ। ହେଲେ ବିଚାରବିମର୍ଶ ପରେ ଏହା ସ୍ପଷ୍ଟ ହେବ ବୋଲି କହିଥିଲେ। ଏହି ପ୍ରସଙ୍ଗରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆସନ୍ତା ଡିସେମ୍ବର ୯ ତାରିଖରେ ଏଠାରେ ହେବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ ମ୍ୟାଚ୍ ନିମନ୍ତେ ୧୦ହଜାରରୁ ଅଧିକ ଟିକଟ କାଉଣ୍ଟରକୁ ଯିବ ବୋଲି ସୂଚନା ମିଳିଛି। ଦୁଇ ଦିନ ଭିତରେ ଏହାର ତାଲିକା ପ୍ରସ୍ତୁତ କରାଯାଇ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋକୁ ହସ୍ତଗତ କରାଯିବ ବୋଲି ଓସିଏ ପକ୍ଷରୁ

**ଡିଷ୍ଟ୍ରିକ୍ଟ ବାଏ ଜୋମାଟୋକୁ ତାଲିକା ଦେବ ଓସିଏ**

କୁହାଯାଇଛି। କେଉଁ ଗ୍ୟାଲେରୀରୁ କେତେ ସଂଖ୍ୟକ ଟିକଟ କାଉଣ୍ଟରରେ ବିକ୍ରି ହେବ ତାହା ଖୁବଶୀଘ୍ର ସ୍ପଷ୍ଟ ହେବ।

ପ୍ରକାଶଥାଉକି, ଗତ ଫେବୃଆରୀ ୯ ତାରିଖରେ ବାରବାଟୀରେ ଭାରତ-ଇଂଲଣ୍ଡ ଅନ୍ତର୍ଜାତୀୟ ଏକଦିବସୀୟ ମ୍ୟାଚ୍ ଖେଳାଯାଇଥିଲା। ୪୦ହଜାରରୁ ଅଧିକ ଦର୍ଶକ କ୍ଷମତା ରଖିଥିବା ବାରବାଟୀରେ ସର୍ବମୋଟ ୨୪ହଜାର ୬୯୨ ଟିକଟ ବିକ୍ରି ପାଇଁ ଧାର୍ଯ୍ୟ କରିଥିଲା ଓସିଏ। ପ୍ରଥମେ ଅନଲାଇନ୍ ଜରିଆରେ ୪ହଜାର ଟିକଟ ବିକ୍ରି ହୋଇଥିଲା। ପରେ ଅନୁବନ୍ଧିତ ୟୁନିଟ ସମେତ କର୍ମକର୍ତ୍ତା,



କାଉନସିଲ ସଦସ୍ୟ ଟିକଟ କ୍ରୟ କରିଥିଲେ। ୧୧ହଜାର ୮୦ ଖଣ୍ଡ ଟିକଟ କାଉଣ୍ଟରକୁ ବିକ୍ରି ନିମନ୍ତେ ପଠାଯାଇଥିଲା। ଷ୍ଟାଡିୟମ ସନ୍ନିକଟ ରାସ୍ତାରେ ୪ଟି କାଉଣ୍ଟର ବ୍ୟବସ୍ଥା ହୋଇଥିଲା। ହର୍ଷଗେଟ୍ ନିକଟରେ ଗୋଟିଏ କାଉଣ୍ଟର ଖୋଲିଥିବା ବେଳେ ଏଠାରେ କେବଳ ସ୍ପେଶିଆଲ ଏନକ୍ଲୋଜର, ଏସି ବକ୍ସ, କର୍ପୋରେଟ ବକ୍ସ, ନ୍ୟୁ ପ୍ୟାଭିଲିୟନ ଭଳି ଦାମୀ ଟିକଟ ସବୁ ବିକ୍ରି କରାଯାଇଥିଲା। ଫାଟକ ନଂ-୧୩ ନିକଟରେ ୩ଟି କାଉଣ୍ଟର ଖୋଲିଥିଲା। ତିନୋଟି ଯାକ କାଉଣ୍ଟରରେ କେବଳ ଗ୍ୟାଲେରୀ ଟିକଟ ବିକ୍ରି ହୋଇଥିଲା। ମାତ୍ର ଯେଉଁ କାଉଣ୍ଟରରେ କେବଳ ଗ୍ୟାଲେରୀ ଟିକଟ ବିକ୍ରୟ ହେଉଥିଲା ସେଠାରେ ବିଶୃଙ୍ଖଳା ସୀମା ଟପିବା ସହ ଶହଶହ କ୍ରିକେଟପ୍ରେମୀ ଠେଲାପେଲା ହୋଇଥିଲେ। ସଂକୀର୍ଣ୍ଣ ରାସ୍ତାରେ ୪ଟି ଧାଡିରେ ବ୍ୟାରିକେଡ ବନ୍ଧା ହୋଇଥିବାରୁ ଟିକଟ ଆଶାୟୀ ଭିଡରେ ଫସି ରହି ଅଣନିଶ୍ୱାସୀ ହୋଇ ପଡ଼ିଥିଲେ। ଏହି ଘଟଣାରେ ଓସିଏ ଏବଂ ପୁଲିସ ପରସ୍ପରକୁ ଦୋଷ ଦେଇ ନିଜେ ଖସିବାକୁ ଚେଷ୍ଟା କରିଥିଲେ। ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ କାଉଣ୍ଟର ଟିକଟ ବିକ୍ରି ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ଓସିଏ ଉଦ୍ୟମ କରିବା ଆବଶ୍ୟକ ବୋଲି କ୍ରିକେଟପ୍ରେମୀଙ୍କ ଆଶା ରହିଛି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଅଛି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ଇନ୍‌ପୁଟ୍ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଭିଡିଓ ଏଡିଟର୍ -ଡିଜିଟାଲ (୦୨) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| କପି ଏଡିଟର -ଡିଜିଟାଲ (୦୩) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ଡିଜିଟାଲ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ଗ୍ରାଫିକ୍ସ ଡିଜାଇନର -ନ୍ୟୁଜ୍ (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସିଜି ଅପରେଟର (୦୧) | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |
| ସ୍ୱିଚର / ଅନଲାଇନ୍ ଏଡିଟର | ୩ ବର୍ଷର ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ। |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୧୫ ନଭେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS